R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୯
ତିଥି: ଦ୍ୱାଦଶୀ
୧୫ ମାର୍ଚ୍ଚ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 159
15 March 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଖର୍ଗ ଦ୍ୱୀପ ଉପରେ ଆକ୍ରମଣ ଲାଗି ଆମେରିକାର ଧମକ



ନୂଆଦିଲ୍ଲୀ, ୧୪ ।୩ : ଆମେରିକା -ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ୧୫ ଦିନ ହେଲାଣି । ଇରାନ ପକ୍ଷରୁ ପ୍ରତି ଆକ୍ରମଣ କରାଯାଉଛି । ଇତିମଧ୍ୟରେ ଆମେରିକା ସେନା ଖର୍ଗ ଦ୍ୱୀପରେ ସାମରିକ ଆକ୍ରମଣ କରିଛି । ଏହି ରାସ୍ତାରେ ଇରାନର ଅଶୋଧିତ ତୈଳ ରପ୍ତାନି ହୋଇଥାଏ । ପାଲେଷ୍ଟାଇନର ମିଲିଟାନ ଗ୍ରୁପ ହମାସ୍ ପଡୋଶୀ ଦେଶ ଉପରେ ଇରାନ ଆକ୍ରମଣ ବନ୍ଦ କରୁ ବୋଲି କହିଛି । ଏହା ସହ ହମାସ୍ ଇରାନ ସମର୍ଥନରେ ବି ବୟାନ ଦେଇଛି । ଇରାନ ପକ୍ଷରୁ ପଡୋଶୀଙ୍କ ଉପରେ ଆକ୍ରମଣ କରାଯାଇଛି ।

ହମାସ୍ ନିଜ ବୟାନରେ କହିଛି ଯେ, ଅନ୍ତର୍ଜାତୀୟ ମାନଦଣ୍ଡ ଓ ଆଇନ ଅନୁସାରେ ଇରାନ ନିଜର ପଡୋଶୀ ଦେଶକୁ ଟାର୍ଗେଟ ନକରୁ । ହମାସ୍ ମଧ୍ୟ ଇରାନର ସର୍ବୋଚ୍ଚ ନେତା ଅଲ୍ଲୀ ଖାମନେଇଙ୍କ ମୃତ୍ୟୁକୁ ନିନ୍ଦା କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନର ତୈଳ ଭିତ୍ତିଭୂମିଗୁଡିକୁ ଆମେ ଆକ୍ରମଣ କରିବୁ । ଯଦି ଇରାନ ହରମୁଜ ପ୍ରଣାଳୀରେ ଜାହାଜକୁ ରୋକେ , ତେବେ ଏଭଳି ଆକ୍ରମଣ କରାଯିବ । ଇରାନର ଇସ୍ଲାମିକ ରିଭୋଲ୍ୟୁସୋନାରୀ ଗାର୍ଡ କର୍ପସ ପକ୍ଷରୁ ପୂର୍ବରୁ କୁହାଯାଇଥିଲା ଯେ, ମିସାଇଲ ଓ ଡ୍ରୋନ ଦ୍ୱାରା ଇସ୍ରାଏଲ ଉପରେ ଆକ୍ରମଣ କରାଯିବ । ଆମେରିକା ପକ୍ଷରୁ ଖାମନେଇଙ୍କ ସମ୍ପର୍କରେ ସୂଚନା ଦେବା ଲାଗି ୧୦ ନିୟୁତ ଡଲାର ପୁରସ୍କାର ରାଶି ଘୋଷଣା କରାଯାଇଛି । ଟ୍ରମ୍ପ କହିଛନ୍ତି ଯେ, ଖର୍ଗେ ଦ୍ୱୀପ ଉପରେ ( ୯ ପୃଷ୍ଠାରେ)

**୧୫ ଦିନ ଯୁଦ୍ଧରେ ଗଲାଣି ୧୪୪୪ ଜୀବନ, ୧୮ ୫୫୧ ଆହତ**

**ପଡୋଶୀ ରାଷ୍ଟ୍ର ଉପରେ ଆକ୍ରମଣ ନ କରିବାକୁ ଇରାନକୁ ହମାସର ଅନୁରୋଧ**

**ମଧ୍ୟପ୍ରାଚ୍ୟରେ ଆମେରିକାର ୧୦ ହଜାର ଇଣ୍ଟରସେପ୍ଟର ଡ୍ରୋନ୍ ମୁତୟନ**

## ସୋନମ ୱାଙ୍ଗଚୁକ୍‌ଙ୍କ ଏନ୍‌ଏସ୍‌ଏ ପ୍ରତ୍ୟାହାର



ନୂଆଦିଲ୍ଲୀ, ୧୪ ।୩ : କେନ୍ଦ୍ରସରକାର ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କ ବିରୋଧରେ ଲଗାଯାଇଥିବା ଏନ୍‌ଏସଏକୁ ଉଠାଇନେଇଛନ୍ତି । ଏହାସହ ସମସ୍ତ କଟକଣାକୁ ହଟାଇଦିଆଯାଇଛି । ତାଙ୍କ ଗିରଫଦାରୀକୁ ରଦ୍ଦ କରାଯାଇଛି ଓ ତୁରନ୍ତ ଲାଗୁ ହେବ ବୋଲି ଗୃହ ମନ୍ତ୍ରଣାଳୟ କହିଛି ।

ଶୁଣାଣି ସମୟରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ପଚାରିଥିଲେ ଯେ, କେଉଁ ପରିସ୍ଥିତିରେ ତାଙ୍କୁ ଆଗୁଆ ଅଟକ ରଖାଗଲା । ୨୦୨୫ ସେପ୍ଟେମ୍ବର ୨୬ ରୁ ତାଙ୍କୁ ଲଦାଖରେ ଦେଖାଯାଇଥିବା ହିଂସା ପରିସ୍ଥିତି ଲାଗି ଅଟକ ରଖାଯାଇଥିଲା । ଏଥିରେ ଅଭିଯୋଗ କରାଯାଇଥିଲା ଯେ, ସେ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ସହ ପ୍ରତିବାଦକାରୀମାନଙ୍କୁ ସାହାଯ୍ୟ କରୁଛନ୍ତି । ତାଙ୍କ ପତ୍ନୀ ଗୀତାଞ୍ଜଳୀ ଆଙ୍ଗମୋ ଅକ୍ଟୋବର ୩ରେ ସୁପ୍ରିମକୋର୍ଟ ଯାଇ ସୋନମଙ୍କୁ ଅଟକ ରଖିବାର ଆଇନଗତ ବୈଧତା ନେଇ ଯାଚିକା ଦାଖଲ କରିଥିଲେ । ୨୦୨୫ ଅକ୍ଟୋବର ୬ରେ କେନ୍ଦ୍ର ସରକାରଙ୍କୁ ନୋଟିସ କରାଯାଇଥିଲା । ତେବେ ଏହି ମାମଲାଟି ମାର୍ଚ୍ଚ ୧୭ ତାରିଖରେ ଶୁଣାଣି ହେବ ବୋଲି ସ୍ଥିର ହୋଇଥିଲା । ଜଷ୍ଟିସ୍ ଅରବିନ୍ଦ କୁମାର ଓ ଜଷ୍ଟିସ୍ ପି ବି ଭାରେଲଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ । ତେବେ ( ୯ ପୃଷ୍ଠାରେ)

## କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

### ପରିବାର ଆଣିଲେ ହତ୍ୟା ଅଭିଯୋଗ

ବଲାଙ୍ଗିର, ୧୪ ।୩ (ସବ୍ୟୁ): ଜିଲ୍ଲା କାରାଗାରରେ ଶନିବାର ଜଣେ କଏଦୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ମୃତ ବ୍ୟକ୍ତି ହେଲେ ଭୀଷ୍ମଦେବ ସାହୁ ଓରଫ ଗୋପାଳ (୩୭) । ବଲାଙ୍ଗିର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ଓରଫ ଗୋପାଳ ୨୦୨୧ରେ ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇଥିଲା । ବର୍ଷେ ତଳେ ଭୀଷ୍ମଦେବଙ୍କୁ କୋର୍ଟ ଅଜୀବନ ଦଣ୍ଡରେ ଦଣ୍ଡିତ କରିଥିଲେ । ଶନିବାର ଜେଲ କର୍ତ୍ତୃପକ୍ଷ ଝୁଲନ୍ତା ଅବସ୍ଥାରେ ଭୀଷ୍ମଦେବଙ୍କ ମୃତଦେହ ଉଦ୍ଧାର କରିଥିଲେ । ଭୀଷ୍ମଦେବଙ୍କ କୁଶଙ୍ଗ ଗାଁରେ ଥିବା ପରିବାର ଲୋକଙ୍କୁ ଭୀଷ୍ମ ଜେଲ୍ ଭିତରେ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ । ଜେଲ କର୍ତ୍ତୃପକ୍ଷ ଭୀମଭୋଇ ମେଡିକାଲ କଲେଜକୁ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଆଣିଥିବା ଜଣାପଡ଼ିଛି । ପରିବାର ଲୋକେ ଜେଲ୍ ଭିତରେ ଭୀଷ୍ମଦେବଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ପୋଷ୍ଟମର୍ଟମ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଅଧିକାରୀମାନେ କହିଛନ୍ତି ।

## ହର୍‌ମଜ୍ ପ୍ରଣାଳୀ ଦେଇ ଆସିଲା ଦୁଇ ଜାହାଜ





ନୂଆଦିଲ୍ଲୀ,୧୪ ।୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ଭାରତରେ ପ୍ରଭାବ ପଡିଛି । ଦେଶରେ ଏବେ ଏଲପିଜି ସଙ୍କଟ ଦେଖାଦେଇଛି । ଇତିମଧ୍ୟରେ ସିପିଂ କର୍ପୋରେସନ ଅଫ ଇଣ୍ଡିଆର ଦୁଇଟି ଜାହାଜ ସିଭାଲିକ୍ ଓ ନନ୍ଦାଦେବୀ ସଫଳତାର ସହ ହରମୁଜ ପ୍ରଣାଳୀ ଅତିକ୍ରମ କରିଛନ୍ତି । ଏହି ଦୁଇ ଜାହାଜରେ ପ୍ରାୟ ୯୨ ହଜାର ୭୦୦ ଟନ୍ ଏଲପିଜି ଗ୍ୟସ ରହିଛି । ଏହି ଦୁଇ ଜାହାଜ ମୁନ୍ଦ୍ରା ଓ କାଣ୍ଡଲା ବନ୍ଦରରେ ଆସନ୍ତା ୧୬ ଓ ୧୭ ତାରିଖରେ ପହଞ୍ଚିବ ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରଣାଳୟ ସହ ପ୍ରାୟ ୪ ପର୍ଯ୍ୟାୟରେ କଥା ହେଲା ପରେ ଏହି ଜାହାଜ ଭାରତ ଆସୁଛି । ଗତ ଫେବୃଆରୀରୁ ଯୁଦ୍ଧ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନର ରାଷ୍ଟ୍ରପତି ମାସୁଦ୍ ପେଜେଶିଖାଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିଥିଲେ । ଭାରତୀୟ ଜାହାଜ ଗୁଡିକୁ ସୁରକ୍ଷିକ ଓ ନିରାପତ୍ତ ଭାବେ ପରିବହନ ଲାଗି ପ୍ରସ୍ତାବ ରଖିଥିଲେ । ଏହି ଦୁଇ ଜାହାଜରେ ୯୨ ହଜାର ୭ ଶହ ଟନ୍ ଗ୍ୟାସ ରହିଛି । ଏବେ ଭାରତ ହରମୁଜ୍ ପ୍ରଣାଳୀରେ ରହିଥିବା ଦୁଇ ଡର୍ଜନ ଭାରତୀୟ ଜାହାଜର ଅତିକ୍ରମ ଲାଗି ଉଦ୍ୟମ ଆରମ୍ଭ କରିଛି । ଜାହାଜ ଚଳାଚଳ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି ଯେ, ଭାରତୀୟ ପତାକା ଥିବା ତୈଳବାହୀ ଜାହାଜଗୁଡିକ ଭାରତ ଆସୁଛି । ଉମାନରୁ ଆଫ୍ରିକା ପର୍ଯ୍ୟନ୍ତ ଏମାନେ ଅତିକ୍ରମ କରିସାରିଥିଲେ । ହରମୁଜ ପ୍ରଣାଳୀରେ ଫସିରହିଥିବା ଭାରତୀୟ ଜାହାଜ ଗୁହିକ ମଧ୍ୟରେ ୨୩ ହଜାର କର୍ମଚାରୀ ଅଛନ୍ତି । ଭାରତ ନିଜର ରନ୍ଧନ ଗ୍ୟାସ ପୂରଣ ନିମନ୍ତେ ଉପସାଗରୀୟ ଦେଶ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଏହି ଯୋଗାଣ ଶୃଙ୍ଖଳାରେ ସାମାନ୍ୟ ଅସୁବିଧା ଦେଶ ପାଇଁ ବଡ ସଙ୍କଟର କାରଣ ହୋଇପାରେ । ହରମୁଜ ପ୍ରଣାଳୀରେ ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ୨୨ ଟି ଜାହାଜ କାଣ୍ଡଲା ବନ୍ଦର ଆଡକୁ ମୁହାଁଉଛି । ଏହାଛଡା ଭାରତ ନିଜର ୨୮ ଜାହାଜର ସୁରକ୍ଷିତ ଯାତାୟତ ସୁନିଶ୍ଚିତ କରିବା ପାଇଁ ଇରାନ ସହ କୂଟନୈତିକ କଥାବାର୍ତ୍ତା ଜାରି ରଖିଛି ।

**■ ଜାହାଜରେ ରହିଛି ୯୨ ହଜାର ୭୦୦ଟନ୍ ଗ୍ୟାସ୍**

**■ ଟଳିବ ଗ୍ୟାସ୍ ସଙ୍କଟ, ଦୁଇ ଦିନରେ ପହଞ୍ଚିବ**

## ୨ ଶିଶୁ କନ୍ୟାକୁ ହତ୍ୟାକରି ଆତ୍ମହତ୍ୟା କଲା ମା'

ସମ୍ବଲପୁର, ୧୪ ।୩ (ସବ୍ୟୁ): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅନ୍ତର୍ଗତ ସର୍ଗିଡିହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜନ୍ମଦାତ୍ରୀ ମାଆ ନିଜ ୨ଶିଶୁ କନ୍ୟାକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏନେଇ ମହୁଲପାଲି ଥାନା ପୋଲିସ ୨ଟି ପୃଥକ ପୃଥକ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି। ଜବତ ମୃତଦେହ ଗୁଡିକ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ସୂଚନାଯୋଗ୍ୟ, ବାମରା ବ୍ଲକ ଜରାବଗା ପଞ୍ଚାୟତ ଅନ୍ତର୍ଗତ ସର୍ଗିଡିହି ଗ୍ରାମର ଜେମ୍ସ ମାଡକିଙ୍କ ସ୍ତ୍ରୀ ସଞ୍ଜୁ ମାଡକି (୩୩) ନିଜ ୨ଝିଅ ସହ ଗତ ୧୩ତାରିଖ ଅପରାହ୍ନରେ ବୁଲିବାକୁ ପଦାକୁ ଯାଇଥିଲେ। ତେବେ ସଂନ୍ଧ୍ୟାରେ ସେ ଏକୁଟିଆ ଘରକୁ ଫେରିଥିଲେ। ଏଭଳିସ୍ଥଳେ ଝିଅମାନେ କୁଆଡେ ଗଲେ ବୋଲି ଜେମ୍ସ ପଚାରିଥିଲେ। ଶିଶୁ କନ୍ୟାଙ୍କୁ ଘର ପାଖ ଚାଷ ଜମିରେ ମାରି କୂଅରେ ପକାଇଥିବା କହି ପନୀ ସଞ୍ଜୁ ଦୌଡି ପଳାଇଥିଲେ। ଏହା ଶୁଣିବା ପରେ ଜେମ୍ସ ଗ୍ରାମବାସୀଙ୍କ ସହଯୋଗରେ କୂଅରେ ପଡିଥିବା ସୁହାନା(୬) ଓ ୪ମାସର ଝିଅକୁ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ଗୋବିନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମହୁଲପାଲିରେ ଥାନାରେ ୩୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଇଥିଲା। ଅଭିଯୁକ୍ତ ମାଆ ଘଟଣା ପରେ ଫେରାର ଥିବାବେଳେ ଶନିବାର ସକାଳେ ଦୁମ ନାଳ ନିକଟ ଏକ (୯ ପୃଷ୍ଠାରେ)

## ରାଜ୍ୟର ୭୧ ଥାନା ଶିଶୁ ଅନୁକୂଳ



ଭୁବନେଶ୍ୱର, ୧୪ ।୩ (ସବ୍ୟୁ) : ରାଜ୍ୟର ୭୧ ଥାନାରେ ଶିଶୁ ଅନୁକୂଳ ସ୍ଥାନ ଅଛି । ଖୁବଶୀଘ୍ର ଆଉସବୁ ଥାନାରେ ହେବ ବୋଲି ପୋଲିସ ଭବନଠାରେ ଆୟୋଜିତ 'ଜୁଭେନଟିକା'ରେ ଯୋଗଦେଇ ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି ।

ଓଡ଼ିଶା ପୋଲିସ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଶନିବାର ଦିନ ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଜୁଭେନଟିକା ଅର୍ଥାତ ଡିଜିଟାଲ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଡିଜିଟାଲ ଦୁନିଆରେ ଶିଶୁମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସମ୍ଭାବନାଗୁଡ଼ିକର ମୁକାବିଲା ପାଇଁ ପ୍ରଶାସକ, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିଶୁ ଅଧିକାର ବିଶେଷଜ୍ଞମାନଙ୍କୁ ଏକାଠି କରିବା ଆୟୋଜିତ କାର୍ଯ୍ୟକ୍ରମର ଲକ୍ଷ୍ୟ । ଅନ୍‌ଲାଇନ ପରିବେଶରେ ( ୯ ପୃଷ୍ଠାରେ)

## ଦଳିଦେଲା ହାତୀ, ଚାଲିଗଲା ୩ ଜୀବନ

ଜି.ଉଦୟଗିରି/ରାଇକିଆ, ୧୪ ।୩ (ସବ୍ୟୁ): କନ୍ଧମାଳ ଜିଲା ଜି.ଉଦୟଗିରି ଓ ରାଇକିଆ ବ୍ଲକରେ ହାତୀ ଉପଦ୍ରବକୁ ନେଇ ଆତଙ୍କ ଦେଖା ଦେଇଛି । ଶୁକ୍ରବାରି ସନ୍ଧ୍ୟାରୁ ଆଜି ଶନିବାର ସକାଳ ୧୨ ଘଣ୍ଟା ମଧ୍ୟରେ ତିନି ଜଣଙ୍କ ଜୀବନ ନେଇଛି ଦନ୍ତା ହାତୀ ।

ଶୁକ୍ରବାର ସନ୍ଧ୍ୟାରେ ରାଇକିଆ ବ୍ଲକର ପେଟାପାଙ୍ଗା ଗ୍ରାମ ଉଡା ପାହାଡ଼ର ଗୁମିକିଆ ଜଙ୍ଗଲରେ ହାତୀ ଆକ୍ରମଣରେ ଦୁଇ ଜଣ ଗ୍ରାମବାସୀ ମୃତ୍ୟୁବରଣ କରିଥିଲେ । ଗ୍ରାମବାସୀ କୀର୍ତ୍ତନ ବଗର୍ତ୍ତୀ ଓ ବାମଦେବ ପ୍ରଧାନ ଜଙ୍ଗଲକୁ ଯାଇଥିଲେ । ନିଜ କାମ ସାରି ଫେରୁଥିବା ବେଳେ ହଠାତ ହାତୀ ଆକ୍ରମଣ କରିଥିଲା । ଯାହା ଫଳରେ ହାତୀ ଦଳା ଚକଟାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ଶନିବାର ସକାଳୁ ହାତୀ ହାବୁଡରେ ପଡ଼ି ପୁଣି ଜଣଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି ।ପାବୁରିଆ ସରପଞ୍ଚ ସଞ୍ଜୟ ନାୟକଙ୍କ ସୂଚନା ଅନୁସାରେ, ରାତି ୩.୩୦ ମିନିଟରେ ହାତୀକୁ ମାଲେରିମାହାଠାରେ ଦେଖିଥିଲେ ପ୍ରାୟ ଭୋର ୪ ଟା ବେଳେ ସିଂଦିରିଗୁଡା ଗ୍ରାମ ନିକଟ ଦାନୀପାଙ୍ଗା ଜଙ୍ଗଲରେ ହାତୀ ଜଣକୁ ମାରିଥିବା ଥିବା ସୂଚନା ପାଇଥିଲେ । ମୃତକ ହେଲେ ପାବୁରିଆ ପଞ୍ଚାୟତ ( ୯ ପୃଷ୍ଠାରେ)

## ଦିନକ ପରେ ରାଜ୍ୟସଭା ଭୋଟ୍

## ସବୁ ଦଳରେ ରାଜନୈତିକ ଗତିବିଧି ଚଳଚଞ୍ଚଳ



ଭୁବନେଶ୍ୱର, ୧୪ ।୩ (ସବ୍ୟୁ) : ଆସନ୍ତା ୧୬ରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ଲାଗି ରାଜନୈତିକ ଗତିବିଧି ବେଶ୍ ଚଳଚଞ୍ଚଳ ହୋଇଛି । ଆଜି ଦିନତମାମ ଉଭୟ ବିଜେପି, ବିଜେଡି ଓ କଂଗ୍ରେସ ଦଳ ପକ୍ଷରୁ କସରତ ଆରମ୍ଭ କରାଯାଇଛି । ବିଜେଡି ବିଧାୟକମାନେ ବିଧାନସଭା ପରିସରକୁ ଆସି ଭୋଟ୍ କେମିତି ଦିଆଯିବ ମକ୍ ପୋଲିଂ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ସେହିଭଳି ଅପରାହ୍ଣରେ ବିଜେପି ବିଧାୟକ ଦଳର ବୈଠକ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ଦଳ ବୈଠକ ପରେ ବିଜେପି ବିଧାୟକମାନେ ପରାଦୀପ ଯାଇଛନ୍ତି । ୧୬ ତାରିଖରେ ପାରାଦୀପରୁ ଆସି ସିଧାସଳଖ ଭୋଟ୍ ଦେବେ । ଅପରପକ୍ଷରେ କଂଗ୍ରେସର ୮ ବିଧାୟକ ବେଙ୍ଗାଲୁରୁର ଏକ ରିସୋର୍ଟରେ ରହିଛନ୍ତି । ସେମାନେ ଆସନ୍ତାକାଲି ଫେରିବେ ବୋଲି ଜଣାପଡ଼ିଛି ।

ରାଜ୍ୟସଭା ନିର୍ବାଚନକୁ ନେଇ ଓଡ଼ିଶାରେ ରିସୋର୍ଟ ପଲିଟିକ୍ସ ଏବେ ଆରମ୍ଭ ହୋଇଛି । ଛକାପଞ୍ଝା ଉଭୟ ଦଳଗୁଡ଼ିକରେ ଲାଗି ରହିଛି । ଆଜି ବିଜେଡି ବିଧାୟକମାନେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ଆସି ବିଧାସଭା ପରିସରରେ ପହଞ୍ଚିଥିଲେ । ସେଠାରେ ଥିବା ସମ୍ମିଳନୀ କକ୍ଷରେ ମକ୍‌ପୋଲିଂ ଅନୁଷ୍ଠିତ ହୋଇଥିଲା । କେଉଁ କଲମ ବ୍ୟବହାର ହେବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । କଂଗ୍ରେସ ସଭାପତି ଭକ୍ତ ଦାସ, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ସାଗର ଦାସ ପ୍ରମୁଖ ବିଧାନସଭା ପରିସରକୁ ଯାଇଥିଲେ । ମାଗ୍‌ପୋଲିଂ ପରେ ନବୀନ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ ରାଜ୍ୟସଭା ଜିତିବା ନେଇ ଘୋଡ଼ା ବେପାର ଚାଲିଛି । ( ୯ ପୃଷ୍ଠାରେ)



କେଉଁଠି ଭୋଟ୍ ଦେବେ, ମତଦାନ କେନ୍ଦ୍ରକୁ କିଭଳି ଯିବେ, ବାଲାଟ କେଉଁଠୁ ଆଣିବେ, ଭୋଟ୍ କେମିତି ଦିଆଯିବ,

**■ ବିଧାନସଭାରେ ବିଜେଡି, କଂଗ୍ରେସ ବିଧାୟକଙ୍କ ମକ୍‌ପୋଲିଂ**

**■ ନବୀନ ନିବାସରେ ବିଜେଡ଼ି ବିଧାୟକଙ୍କ ବୈଠକ**

**■ ଦଳୀୟ କାର୍ଯ୍ୟାଳୟରେ ବିଜେପି ବିଧାୟକଙ୍କ ବୈଠକ**

**■ ବୈଠକ ପରେ ପାରାଦୀପ ଗଲେ ବିଜେପି ବିଧାୟକ**

## ଅସନ୍ତୋଷ ଝାଡ଼ିଲେ ସୋଫିଆ

ଭୁବେନଶ୍ୱର, ୧୪ ।୩ : ରାଜ୍ୟସଭା ନିର୍ବାଚନକୁ ଆଉ ଗୋଟିଏ ଦିନ ବାକି ରହିଛି । ତେବେ ଇତିମଧ୍ୟରେ ବରୋଧୀ ବିଧାୟକଙ୍କ ମଧ୍ୟରେ ଫାଟ ଦେଖିବାକୁ ମିଳିଛି । କଟକ ବାରବାଟୀର କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କଂଗ୍ରେସକୁ ସମାଲୋଚନା କରିଛନ୍ତି । ବିଜେଡି ସହ ମେଣ୍ଟ ନେଇ ସେ ପ୍ରଶ୍ନ ଉଠାଇଛନ୍ତି ।

ସୋଫିଆ ଗଣମାଧ୍ୟକୁ କହିଛନ୍ତି ଯେ, କଂଗ୍ରେସର ଏଭଳି ସ୍ଥିତି ପାଇଁ ବିଜେଡି ହିଁ ଦାୟୀ । ଅନେକ ନିର୍ବାଚନ ମଣ୍ଡଳୀରେ ବିଜେଡି କର୍ମୀମାନେ କଂଗ୍ରେସକୁ ନାହିଁ ନଥିବା ହଇରାଣ କରିଛନ୍ତି । ବିଜେଡି ସହ ମେଣ୍ଟ କରିବା ପୂର୍ବରୁ ଆଲୋଚନା କରିବା ଆବଶ୍ୟକ ଥିଲା । ରାଜ୍ୟସଭା ପ୍ରାର୍ଥୀ ଚୟନ ପୂର୍ବରୁ ଆଲୋଚନା ହୋଇନି । ବିଧାୟକମାନଙ୍କ ସହ ଆଲୋଚନା ହୋଇଥିଲେ ଭଲ ହୋଇଥାନ୍ତା । ନୂଆପଡା ଉପନିର୍ବାଚନକୁ ମୋତେ ଡକାଯାଇନଥିଲା । ମୋ ନିର୍ବାଚନ ମଣ୍ଡଳୀରେ କାହାକୁ ମିଶାଇଲେ ମୋତେ ଜଣାଉନାହାଁନ୍ତି । ବିଜେଡିର ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସର ସମର୍ଥନ ନେଇ ସେ ପ୍ରଶ୍ନ କରିଛନ୍ତି । ବିଜେଡିକୁ ସମର୍ଥନ କରିବା ନିଷ୍ପତ୍ତି ଠିକ୍ ନଥିଲା ବୋଲି ସେ କହିଛନ୍ତି । ତେବେ ସେ ବିଜେଡି କଂଗ୍ରେସର କମନ ପ୍ରାର୍ଥୀଙ୍କୁ ଭୋଟ ଦେବେ କି ନାହିଁ ସ୍ପଷ୍ଟ କରିନଥିଲେ । ବିଧାୟକମାନେ ବେଙ୍ଗାଲୁରୁ ଯିବା ନେଇ ତାଙ୍କ ସହ ଆଲୋଚନା ହୋଇନି । ବେଙ୍ଗାଲୁରୁ ଯିବାର କୌଣସି ଆବଶ୍ୟକତା ନଥିଲା । କଂଗ୍ରେସ ଦଳକୁ ସାମୂହିକ ଭାବେ ଏହାର ନେତାମାନେ କ୍ଷତି ପହଞ୍ଚାଇଛନ୍ତି । ଏଭଳି ନିଷ୍ପତ୍ତି ଦଳର ଅନେକଙ୍କୁ ଆଘାତ ଦେଇଛି । ( ୯ ପୃଷ୍ଠାରେ)

**ଦାଶରଥୀ ଗମାଙ୍ଗଙ୍କ ପତ୍ତା ପାଉନି କଂଗ୍ରେସ**

**ବିଜେଡିର ୩ ବିଧାୟକ ଆସୁନାହାନ୍ତି ବୈଠକକୁ**

ଆଧୁନିକ ଜୀବନଶୈଳୀ, ବିଳମ୍ବିତ ରାତି ଯାଏଁ ସ୍କ୍ରିନ୍ ବ୍ୟବହାର ଏବଂ ବଢୁଥିବା ମାନସିକ ଚାପ ଯୋଗୁଁ ଭାରତରେ ନିଦ୍ରାହୀନତା ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭାହୋଇଛି । ନିକଟରେ ହୋଇଥିବା ଏକ ସର୍ଭେ ଅନୁଯାୟୀ ପ୍ରାୟ ୪୫% ଭାରତୀୟ ଦୈନିକ ୬ ଘଣ୍ଟାରୁ କମ୍ ସମୟ ଶୋଉଥିବା ଜଣାପଡ଼ିଛି । ବିଶ୍ୱ ଜନସଂଖ୍ୟା ସମୀକ୍ଷା ଅନୁସାରେ ଭାରତୀୟମାନେ ହାରାହାରି ରାତି ୧୨ଟା ପରେ ଶୋଇବାକୁ ଯାଇଥାଆନ୍ତି । ସେଥିରୁ ୭୨% ଲୋକଙ୍କ ନିଦ ରାତିରେ ଶୌଚାଳୟ ଯିବା, ୪୨% ସକାଳର କାମ ଚାପ, ୨୩% ମଶା ଓ ବାହ୍ୟ ଶବ୍ଦ ଏବଂ ୧୯% ସ୍ଲିପ୍ ଆପ୍ନିଆ ଭଳି ରୋଗ କାରଣରୁ ଭାଙ୍ଗିଥାଏ । ତେଣୁ ଏହି ନିଦ କମ କାରଣରୁ ବିଭିନ୍ନ ରୋଗ ହେଉଥିବାନେଇ ସନ୍ଦେହ ପ୍ରକାଶ ପାଇଛି । ଯେଉଁକାରଣରୁ ବର୍ତ୍ତମାନ ଦେଶରେ 'ସ୍ଲିପ୍ ଟୁରିଜିମ୍'ର ନୂଆ କ୍ରେଜ୍ ବଢିବାରେ ଲାଗିଛି । ଏହି ସ୍ଲିପ ଟୁରିଜିମରେ ରାଜସ୍ଥାନ, କେରଳ ଓ ଉତ୍ତରାଖଣ୍ଡ ଭଳି ସ୍ଥାନରେ ଲୋକମାନେ କେବଳ ଶାନ୍ତିରେ ଶୋଇବା ପାଇଁ ୱେଲନେସ୍ ରିଟ୍ରିଟ୍‌କୁ ଯାଉଛନ୍ତି । ବିଶେଷଜ୍ଞଙ୍କ ମତରେ ରାତି ୨ଟାରୁ ସକାଳ ପ୍ରାୟ ୬ଟା ପର୍ଯ୍ୟନ୍ତ ସମୟ ଶରୀର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତେଣୁ ଏକ ସକାରାତ୍ମକ ପରିବେଶ, ହାଲୁକା ରାତ୍ରି ଭୋଜନ ଏବଂ ନିୟମିତ ବ୍ୟାୟାମ ଦ୍ୱାରା ନିଦର ଗୁଣବତ୍ତାକୁ ଭଲ କରାଯାଇପାରିବ, ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।



## ସ୍ଲିପ୍ ଟୁରିଜିମ୍

## ସୋସିଆଲ କୋଟ୍ସ



ମୁଁ ହ୍ରିତିକ୍‌ର କ୍ୟାରିୟରକୁ ନେଇ ବହୁତ ଚିନ୍ତିତ ଥିଲି । ମୋତେ ଲାଗିଥିଲା କୋଇ ମିଲ୍ ଗୟା ଦେଖିବାକୁ କେହି ବି ହଲକୁ ଆସିବେ ନାହିଁ । ହେଲେ ମୁଁ ଯେତେବେଳେ ଏହାର ପ୍ରଥମ ସଟ୍ ସୁଟ କଲି ଏହାପରେ ଆତ୍ମବିଶ୍ୱାସ ବଢିଥିଲା ।

**ରାକେଶ ରୋଶନ, ଫିଲ୍ମ ମେକର**



ଫିଲ୍ମ ଇଣ୍ଡଷ୍ଟ୍ରି ଗୋଟିଏ ଖୁବ ସୁନ୍ଦର ସ୍ଥାନ । ଯେତେବେଳେ ମୁଁ ଏଠାକୁ ପ୍ରଥମଥର ପାଇଁ ଆସିଥିଲି ମୋତେ ଲାଗିଥିଲା ମୋତେ କାମ ଖୁବ ଜଲଦି ମିଳିଯିବ । ହେଲେ ମୋତେ ସଂଘର୍ଷ କରିବାକୁ ପଡିଥିଲା ।

**ସୁନିଲ ଗ୍ରୋବର, ହାସ୍ୟ ଅଭିନେତା**



ମୁଁ ଶାହରୁଖଙ୍କର ବଡ ଫ୍ୟାନ୍ । ନବେ ଦଶକ କେବଳ ତାଙ୍କ ପାଇଁ ହିଁ ଖାସ ଥିଲା । ତାଙ୍କ ଫିଲ୍ମ ଦେଖି ଆମେ ଅନେକ କିଛି ଶିଖିଛୁ ।

**ରାଜ କୁମାର ରାଓ, ଅଭିନେତା**

## ସେବାର ସାଧକ

ସମାଜ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି କଟକ ବଡ଼ ଡାକ୍ତରଖାନା ମଧ୍ୟରେ ଅସହାୟ ଓ ଅଜଣା ରୋଗୀଙ୍କ ସେବା କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ଯୁବକ ଅଭିଜିତ୍ ଦାଶ । ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ୍ ଚାଷୀଖଣ୍ଡ ଗ୍ରାମର ଅଭିଜିତ୍ ଜଣେ ଉଚ୍ଚଶିକ୍ଷିତ ଯୁବକ । ସେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ସହ ଏଲ୍.ଏଲ୍.ବି ପଢ଼ି ବର୍ତ୍ତମାନ ହାଇକୋର୍ଟରେ ଓକିଲାତି କରୁଛନ୍ତି । ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିରବିଚ୍ଛିନ୍ନ ଭାବେ ସେ ମାଗଣାରେ ରୋଗୀଙ୍କ ସେବା କରିଆସୁଛନ୍ତି, ଯାହା ଏବେ ତାଙ୍କ ପାଇଁ ଏକ ନିଶାରେ ପରିଣତ ହୋଇଛି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ଅଭିଜିତ୍ କୌଣସି ସରକାରୀ ଅନୁଦାନ ବା ସାମାଜିକ ଅନୁଷ୍ଠାନ ବିନା ବ୍ୟକ୍ତିଗତ ସ୍ତରରେ ଏହି ମହତ କାର୍ଯ୍ୟ ଜାରି ରଖିଛନ୍ତି । ତାଙ୍କର ଏହି ନିଃସ୍ୱାର୍ଥପର ତ୍ୟାଗ ପାଇଁ ସେ କଟକ ମହାନଗର ନିଗମ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକାଧିକ ବାର 'ବିଶିଷ୍ଟ ସମାଜସେବୀ' ଭାବେ ସମ୍ମାନିତ ହୋଇଛନ୍ତି । ନିକଟରେ ୨୦୨୫ ସାଧାରଣତନ୍ତ୍ର ଦିବସ ଅବସରରେ ମଧ୍ୟ ତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । "ସେବା ଦ୍ୱାରା ହିଁ ଆତ୍ମସନ୍ତୋଷ ମିଳେ" ବୋଲି ବିଶ୍ୱାସ କରୁଥିବା ଅଭିଜିତ୍ ଆଜିର ଯୁବପିଢ଼ିଙ୍କ ପାଇଁ ଜଣେ ପ୍ରକୃତ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ।




## ପାଉଁଶ ସୁପ୍

ସାଧାରଣତଃ କାହାର ମୃତ୍ୟୁହେଲେ ତାଙ୍କର ଶବକୁ ପୋଡି ଦିଆଯାଇଥାଏ । ହେଲେ ଦକ୍ଷିଣ ଆମେରିକାରେ ଏଭଳି ଏକ ଜନଜାତି ରହୁଛନ୍ତି ଯେଉଁମାନେ ଶବର ଅନ୍ତିମ ସଂସ୍କାର ପରେ ଏହାର ପାଉଁଶରେ ସୁପ ପ୍ରସ୍ତୁତ କରି ପିଇଥାଆନ୍ତି । ଏହି ପରମ୍ପରାକୁ ଏଣ୍ଡୋକେନିବଲିଜିମ୍ କୁହାଯାଇଥାଏ । ୟାନୋମାନୀ ଜନଜାତିର ଲୋକମାନେ ଏହି ପରମ୍ପରାକୁ ପାଳନ କରିଥାଆନ୍ତି । ଉକ୍ତ ଜନଜାତିର ଏହି ପରମ୍ପରା ଖୁବ ଚର୍ଚ୍ଚାରେ ରହୁଛନ୍ତି । ଏହି ପରମ୍ପରାରେ ମୃତ ବ୍ୟକ୍ତିଙ୍କର ଶବକୁ ପ୍ରଥମେ କଦଳୀ ପତ୍ର ଘୋଡାଯାଇ ରଖାଯାଇଥାଏ । ଏହାପରେ ପାଖାପାଖି ୪୦ ଦିନ ପରେ ଶବର ବଳିଥିବା ହାଡ ଓ ଅଂଶକୁ ଏକାଠି କରି ଜଳାଯାଏ । ଯେଉଁ ପାଉଁଶକୁ କଦଳୀ ସୁପରେ ମିଶାଇ ସମସ୍ତ ବାସିନ୍ଦା ପିଇଥାନ୍ତି । ସେମାନଙ୍କ ବିଶ୍ୱାସ ମୃତକଙ୍କ ଆତ୍ମାକୁ ଏଥିରେ ଶାନ୍ତି ମିଳିବ । ସେମାନଙ୍କ ବିଶ୍ୱାସ ପରିଜନଙ୍କର ଆତ୍ମାକୁ ସୁପ ଦ୍ୱାରା ପିଇବା ଫଳରେ ସେମାନଙ୍କ ଆତ୍ମା ସୁରକ୍ଷିତ ରହିବ । ତେବେ ଜଣେ ବ୍ୟକ୍ତିଙ୍କର ଯଦି ହତ୍ୟା ହୁଏ ତେବେ ସେ କ୍ଷେତ୍ରରେ ଭିନ୍ନ ଉପାୟରେ ସଂସ୍କାର କାମ କରାଯାଇଥାଏ ।





## ଫଳ ହେଉଛି ସ୍ମାର୍ଟ

ଆଜିକାଲି ବିଭିନ୍ନ କ୍ଷେତ୍ରରେ ଏଆଇ ବା ଜ୍ଞାନକୌଶଳକୁ ବ୍ୟବହାର କରାଯାଉଛି । ନିକଟରେ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଆମେ ଖାଉଥିବା ଫଳ ବି ସ୍ମାର୍ଟ ହେଲେଣି । ଆଧୁନିକ ବୈଷୟିକ ଜ୍ଞାନକୌଶଳ ବଳରେ ଏବେ ଫଳର ସ୍ୱାଦ ଓ ରୂପରେଖ ବଦଳିବାକୁ ଯାଉଛି । ବର୍ତ୍ତମାନ ଏଆଇକୁ ବ୍ୟବହାର କରି ଆପଣ ବିନା ମଞ୍ଜିରେ ଫଳର ମଜା ନେଇପାରିବେ । ଆମେରିକାର ବାୟୋଟେକ୍ କମ୍ପାନୀ 'ପେୟାରୱାଇଜ୍' କ୍ରିସ୍ପର ଟେକ୍ନୋଲୋଜି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସାହାଯ୍ୟରେ ଏପରି ସ୍ୱତନ୍ତ୍ର ଫଳ ବିକଶିତ କରୁଛି । ଏହି ଫଳ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ପ୍ରାକୃତିକ ସ୍ୱାଦର ଅତି ନିକଟତର ହେବ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି । ଏହି ଜିନ୍-ଏଡିଟିଂ ପ୍ରକ୍ରିୟାରେ ବୈଜ୍ଞାନିକମାନେ ଫଳର ସେହି ଅଂଶକୁ ହଟାଇ ଦେଉଛନ୍ତି ଯାହା ମଞ୍ଜି କିମ୍ବା ପିତା ଅଂଶ ସୃଷ୍ଟି କରିଥାଏ । ଏହି ଜଟିଳ କାର୍ଯ୍ୟରେ ଏଆଇ ମେସିନ୍ ଲର୍ନିଂ ବୈଜ୍ଞାନିକମାନଙ୍କୁ ଫଳର ସ୍ୱାଦ, ବାସ୍ନା ଓ ପୋଷକ ତତ୍ତ୍ୱ ବିଷୟରେ ପୂର୍ବାନୁମାନ କରିବାରେ ସାହାଯ୍ୟ କରୁଛି । କେବଳ ସେତିକି ନୁହେଁ, କାଲିଫର୍ଣ୍ଣିଆର 'ଗ୍ରୀନ୍ ଭେନସ୍' କମ୍ପାନୀ ଏପରି ଆଭାକାଡୋ ପ୍ରସ୍ତୁତ କରୁଛି ଯାହା କାଟିବା ପରେ କଳା ପଡ଼ିବ ନାହିଁ । ସେହିଭଳି ଚୀନ୍‌ର ବୈଜ୍ଞାନିକମାନେ ଟମାଟୋକୁ ୩୦ ପ୍ରତିଶତ ଅଧିକ ମିଠା କରିବାରେ ସଫଳତା ପାଇଛନ୍ତି । ଆଗାମୀ ଦିନରେ ଏହି ଫଳଗୁଡ଼ିକୁ ବଜାରରେ ଉପଲବ୍ଧ କରାଇବାକୁ ବୈଜ୍ଞାନିକମାନେ ଚେଷ୍ଟା କରୁଛନ୍ତି । ବଜାରରେ ଏହି ସ୍ମାର୍ଟ ଫଳଗୁଡ଼ିକର ଉପଲବ୍ଧତା ବଢ଼ିଲେ ଗ୍ରାହକଙ୍କ ଆଗ୍ରହ ବୃଦ୍ଧି ପାଇବ ବୋଲି କମ୍ପାନୀ ଆଶା ରଖିଛି ।



## ଇତିହାସ

୧୪୯୩ : ଖ୍ରୀଷ୍ଟୋଫର କଲମ୍ବସ ନିଜର ପ୍ରଥମ ବିଶ୍ୱ ଯାତ୍ରା ଶେଷ କରି ସ୍ପେନକୁ ଫେରିଥିଲେ ।

୧୬୭୨ : ରାଜା ଚାର୍ଲସ ଦ୍ୱିତୀୟ 'ଡିକ୍ଲେରେସନ୍ ଅଫ୍ ଇଣ୍ଡଲଜେନ୍ସ' ଲାଗୁ କରିଥିଲେ ।

୧୮୨୦ : ମେନ୍ ଆମେରିକା ସଂଘର ୨୩ତମ ରାଜ୍ୟ ଭାବରେ ମାନ୍ୟତା ପାଇଥିଲା ।

୧୮୬୭ : ମିଶିଗାନ ପ୍ରଥମ ରାଜ୍ୟ ଭାବେ ବିଶ୍ୱବିଦ୍ୟାଳୟକୁ ସହାୟତା କରିବା ପାଇଁ ସମ୍ପତ୍ତି କର ଲାଗୁ କରିଥିଲା ।

୧୯୦୭ : ମହିଳାମାନଙ୍କୁ ଭୋଟ୍ ଦେବାର ଅଧିକାର ଦେବାରେ ଫିନଲ୍ୟାଣ୍ଡ ୟୁରୋପର ପ୍ରଥମ ଦେଶ ହୋଇଥିଲା ।

୧୯୧୬ : ଗେଣ୍ଟ ବିଶ୍ୱବିଦ୍ୟାଳୟ ଡଚ୍ ନିୟନ୍ତ୍ରଣକୁ ଆସିଥିଲା ।

୧୯୪୬ : ବ୍ରିଟିଶ ପ୍ରଧାନମନ୍ତ୍ରୀ କ୍ଲେମେଣ୍ଟ ଆଟଲି ଭାରତର ସ୍ୱାଧୀନତା ଅଧିକାରକୁ ସ୍ୱୀକୃତି ଦେଇଥିଲେ ।

୧୯୬୧ : ଦକ୍ଷିଣ ଆଫ୍ରିକା ବ୍ରିଟିଶ କମନୱେଲଥରୁ ନିଜକୁ ପ୍ରତ୍ୟାହାର କରିନେଇଥିଲା ।



୧୯୯୮ : ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀଙ୍କର ପରଲୋକ ।

୨୦୨୦ : କୋଭିଡ୍ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରୁ ୟୁରୋପୀୟ ଦେଶଗୁଡ଼ିକ ସୀମା ଏବଂ ସାମାଜିକ ସମାବେଶ ଉପରେ କଟକଣା ଜାରି କରିଥିଲେ ।

୨୦୨୧ : ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଏବଂ ଅନ୍ୟ କେତେକ ଦେଶରେ କୋଭିଡ-୧୯ ଆଷ୍ଟ୍ରାଜେନେକା ଟିକା ବ୍ୟବହାର ବନ୍ଦ କରିଦିଆଯାଇଥିଲା ।

## କାର୍ତ୍ତିକ କରିଥିଲେ ରିଜେକ୍ଟ

ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରିୟଦର୍ଶନ ନିକଟରେ ଏକ ସାକ୍ଷାତକାରରେ ଅଭିନେତା କାର୍ତ୍ତିକ ଆରିଅନଙ୍କ ସହ କାମ କରିବାକୁ ନେଇ ଏକ ବଡ଼ ଷ୍ଟେଟମେଣ୍ଟ ଦେଇଛନ୍ତି । 'ହଙ୍ଗାମା-୨' ପାଇଁ ସେ କାର୍ତ୍ତିକଙ୍କୁ ଅଫର ଦେଇଥିଲେ ମଧ୍ୟ ଅଭିନେତା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ବୋଲି ପ୍ରିୟଦର୍ଶନ ମତ ଦେଇଛନ୍ତି । ତେବେ କେବଳ କାର୍ତ୍ତିକ ନୁହଁନ୍ତି, ବରଂ ଆୟୁଷ୍ମାନ ଖୁରାନା ଓ ସିଦ୍ଧାର୍ଥ ମାଲହୋତ୍ରା ମଧ୍ୟ ଏହି ପ୍ରୋଜେକ୍ଟକୁ ମନା କରିଥିଲେ । ଏହାପରେ ସେ ଅକ୍ଷୟ ଖାନା ଓ ମିଜାନା ଜାଫରିଙ୍କୁ ନେଇ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ କରିଥିଲେ । ଫିଲ୍ମଟି ଦର୍ଶକଙ୍କୁ ମଧ୍ୟ ଖୁବ ପସନ୍ଦ ଆସିଥିଲା । ପ୍ରିୟଦର୍ଶନ ଏବେ ଅକ୍ଷୟ କୁମାରଙ୍କ ସହ ତାଙ୍କର ଆଗାମୀ ହରର-କମେଡି ଫିଲ୍ମ 'ଭୂତ ବଙ୍ଗଳା' ପାଇଁ ଚର୍ଚ୍ଚାରେ ଅଛନ୍ତି । ଫିଲ୍ମଟି ୧୦ ଏପ୍ରିଲ ୨୦୨୬ରେ ମୁକ୍ତିଲାଭ କରିବାକୁ ଯାଉଛି ଏବଂ ଏହି ଯୋଡ଼ି ପ୍ରାୟ ୧୪ ବର୍ଷ ପରେ ପୁଣି ଥରେ ପରଦାକୁ ଫେରୁଥିବାରୁ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି ।



**ମେଷ:** ଧନଲାଭ, କାର୍ଯ୍ୟରେ ସଫଳ, ସମ୍ମାନ ବୃଦ୍ଧି, ଶୁଭ ଖବର, ପାରିବାରିକ ସହଯୋଗ, ଭୂସମ୍ପତ୍ତି ଲାଭ, ଦୂରଯାତ୍ରା, ଶାରୀରିକ ସୁସ୍ଥତା, ନୂତନ ନିଯୁକ୍ତି, ଶତ୍ରୁ ପରାଜିତ, ଅର୍ଥ ଲାଭ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୧, ଆରାଧନା- ମହାଲକ୍ଷ୍ମୀ ।

**ବୃଷ:** ସମ୍ମାନ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ଖବର, ଆଶାରେ ବିଳମ୍ବ, ଶାରୀରିକ ସୁସ୍ଥତା, ଗୃହେ ଉତ୍ସବ, ଦେବକାର୍ଯ୍ୟରେ ସଫଳ, ଶତ୍ରୁ ସମସ୍ୟା, ସମ୍ପତ୍ତି ଚିନ୍ତା, ବିଦ୍ୟାରେ ସଫଳତା । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୦, ଆରାଧନା- ଭଗବାନ ବିଷ୍ଣୁ ।

**ମିଥୁନ:** ଗୃହେ ଉତ୍ସବ, ଅର୍ଥ ସମସ୍ୟା, ଶାରୀରିକ ସୁସ୍ଥତା, ମାନସିକ ଅଶାନ୍ତି, ଦାମ୍ପତ୍ୟ କଳହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂର ଯାତ୍ରା, ବନ୍ଧୁ ଲାଭ, ଅତିଥି ଚର୍ଚ୍ଚା, ସମ୍ମାନ ହାନି, ଗୃହେ ସମସ୍ୟା । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ମଙ୍ଗଳା ।

**କର୍କଟ:** ଧନବ୍ୟୟ, ମନସ୍ତାପ, ଶାରୀରିକ ସମସ୍ୟା, ଦ୍ରବ୍ୟ ନଷ୍ଟ, ବିଶିଷ୍ଟ କାର୍ଯ୍ୟରେ ଲାଭ, ନୂତନ କର୍ମାରମ୍ଭ, ସ୍ୱଜନ ବିରୋଧ, ଜମିଜମା ଗଣ୍ଡଗୋଳ, ଗାଡ଼ି ଚାଳନାରେ ସାବଧାନ, ଆଳସ୍ୟଭାବ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ ।

**ସିଂହ:** ଦ୍ରବ୍ୟ ଲାଭ, ଆଶା ସଫଳ, ସମ୍ମାନ ପ୍ରାପ୍ତି, ସମସ୍ୟା ମୁକ୍ତ, ନୂତନ କାର୍ଯ୍ୟରେ ଲାଭ, ଶୁଭ ଖବର, ଗୃହେ ଉତ୍ସବ, କର୍ମକ୍ଷେତ୍ରରେ ଲାଭ, ଶାରୀରିକ ସୁସ୍ଥତା, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଭଗବତୀ ।

**କନ୍ୟା:** ମାନସମ୍ମାନ ବୃଦ୍ଧି, ଆର୍ଥିକ ଖୁସି, ସମ୍ପତ୍ତି ଲାଭ, ଦ୍ରବ୍ୟ ପ୍ରାପ୍ତି, ଗୃହେ ଜଞ୍ଜାଳ ବୃଦ୍ଧି, ଭ୍ରାତୃଭଗ୍ନୀଙ୍କ ସମସ୍ୟା, ଶାରୀରିକ ସୁସ୍ଥତା, ସନ୍ତାନ ଲାଭ, କର୍ମ କ୍ଷେତ୍ରରେ ଲାଭ, ଯାତ୍ରାରେ ସଫଳତା । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୯, ଆରାଧନା- ଉମା ମହେଶ ।

**ତୁଳା:** ବାନ୍ଧବୀ କଷ୍ଟ, ଶତ୍ରୁ ସମସ୍ୟା, ଆଶାରେ ବାଧା, ମାନସିକ କ୍ଳେଶ, ଗୃହେ ଶୁଭ ଆଲୋଚନା, ବ୍ୟବସାୟିକ ଲାଭ, ଶୁଭକାର୍ଯ୍ୟରେ ଶାନ୍ତି, ଶାରୀରିକ ସୁସ୍ଥତା, ବନ୍ଧୁ ସାହାଯ୍ୟ, ନୂତନ କର୍ମାରମ୍ଭ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବିଛା:** କାର୍ଯ୍ୟରେ ଅସନ୍ତୋଷ, ଶୁଭ ଖବରରେ ବିଳମ୍ବ, ଶତ୍ରୁ ବୃଦ୍ଧି, ଯାତ୍ରାରେ କଷ୍ଟ, ଶାରୀରିକ ସୁସ୍ଥତା, ସମ୍ମାନ ବୃଦ୍ଧି, ଦ୍ରବ୍ୟ ନଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ବାକିଧନ ପ୍ରାପ୍ତି, ନୂତନ କାର୍ଯ୍ୟରେ ଲାଭ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଖଇରୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଆୟ ବୃଦ୍ଧି, ବନ୍ଧୁ ଦର୍ଶନ, ଦେବ କାର୍ଯ୍ୟରେ ସନ୍ତୋଷ, ଶତ୍ରୁ ପରାଜିତ, ଦ୍ରବ୍ୟ ଲାଭ, ଦୂର ଯାତ୍ରାରେ ଲାଭ, ଭ୍ରାତୃ ସ୍ନେହ, ପାରିବାରିକ ସହଯୋଗ, ମାମଲା ସମାଧାନ, କର୍ମକ୍ଷେତ୍ରରେ ଶାନ୍ତି । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଲୋକନାଥ ।

**ମକର:** ସୁସମ୍ବାଦ, ଅତିଥି ଚର୍ଚ୍ଚା, ସମ୍ମାନ ପ୍ରାପ୍ତି, ଅର୍ଥ ସମସ୍ୟା, ପାରିବାରିକ କଳହ, ଦାମ୍ପତ୍ୟ ଖୁସି, ଭୋଜନରେ ବିଳମ୍ବ, ତୀର୍ଥ ଯାତ୍ରା, ଦ୍ରବ୍ୟ ଲାଭ, କ୍ରୟ ବିକ୍ରୟ, ପଦବୀ ଲାଭ, ପୁରାତନ ବିବାଦ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ ସଂଖ୍ୟା-୭, ଆରାଧନା- ମା' ଲକ୍ଷ୍ମୀ ।

**କୁମ୍ଭ:** ଆଭୁଷଣ ପ୍ରାପ୍ତି, ମାନସିକ ଶାନ୍ତି, ଶୁଭ କାର୍ଯ୍ୟରେ ଆଗ୍ରହ, ପାରିବାରିକ ଶତ୍ରୁତା, ବ୍ୟକ୍ତି ସହାତୟା, ରାଜସମ୍ମାନ ଯୋଗ, ସମ୍ପତ୍ତି ଲାଭ, ମାମଲାର ସମାଧାନ, ଉଚ୍ଚ ଆଶା ପୂର୍ଣ୍ଣ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୫, ଆରାଧନା- ମା' କିଚେକୀଶ୍ୱରୀ ।

**ମୀନ:** ମନସ୍ତାପ, କାର୍ଯ୍ୟ ବିଫଳ, ଦାମ୍ପତ୍ୟ ଖୁସି, ପିଲାଙ୍କ ସମସ୍ୟା, ସମ୍ପର୍କରେ ବାଧା, ଆର୍ଥିକ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅତିଥି ଚର୍ଚ୍ଚା, ଶାରୀରିକ ସୁସ୍ଥତା । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୩, ଆରାଧନା- ମା' ଜଗଦ୍ଧାତ୍ରୀ ।

**ଚୈତ୍ର କୃଷ୍ଣପକ୍ଷ, ଏକାଦଶୀ**

**୧୫.୩.୨୦୨୬ ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ

(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)

ମୋ:୮୯୧୭୨୮୪୩୩୮

### ନୂଆଦିଲ୍ଲୀରେ ଓଡ଼ିଶା ପରବ ୨୦୨୬

# ଦ୍ୱିତୀୟ ଦିନରେ ଯୋଗଦେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା

ନୂଆଦିଲ୍ଲୀ, (ସବ୍ୟୁ): ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ପାଳନ କରିବା ପାଇଁ ଆୟୋଜିତ ତିନିଦିନିଆ ସାଂସ୍କୃତିକ ମହୋତ୍ସବ 'ଓଡ଼ିଶା ପରବ ୨୦୨୬'ର ଦ୍ୱିତୀୟ ଦିନରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗଦେଇଥିଲେ। ସେ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ସେଠାରେ ଉପସ୍ଥିତ ଓଡ଼ିଆ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଭାବ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି,ଦିଲ୍ଲୀରେ ଏତେ ଭବ୍ୟ ଭାବରେ ପାଳିତ ହେଉଥିବା 'ଓଡ଼ିଶା ପରବ' ଦେଖିଲେ ଜଣାପଡ଼େ ଯେ, ଓଡ଼ିଆ ଲୋକେ ନିଜ ସଂସ୍କୃତି ସହ କେତେ ଜଡ଼ିତ। ପ୍ରାୟ ଦଶନ୍ଧିଏ ହେଲା ଏହି ପର୍ବ ରାଜଧାନୀରେ ସମସ୍ତ ଓଡ଼ିଆଙ୍କୁ ଏକାଠି କରୁଛି। ଦିଲ୍ଲୀ ସବୁବେଳେ ସବୁ ରାଜ୍ୟର ଲୋକଙ୍କୁ ନିଜର କରି ନେଇଛି ଏବଂ ଓଡ଼ିଆ ସମ୍ପ୍ରଦାୟ ଏଠାକାର ସଂସ୍କୃତିକୁ ଆହୁରି ସମୃଦ୍ଧ କରିଛନ୍ତି। ଏହି ସୁନ୍ଦର ପର୍ବ ପାଳନ କରୁଥିବା ସମସ୍ତଙ୍କୁ ମୋର ଅନେକ ଶୁଭେଚ୍ଛା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ, ଦିଲ୍ଲୀ ମନ୍ତ୍ରୀ ଆଶିଷ ସୁଦ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗତକାଲି ଏହି



ମହୋତ୍ସବର ଶୁଭାରମ୍ଭ ହୋଇଥିଲା। ଉଦଘାଟନୀ ଉତ୍ସବରେ କହିବା ବେଳେ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ, ଦିଲ୍ଲୀରେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ଦେଶ ଆଗରେ ପରିଚୟ କରାଇବା ପାଇଁ 'ଓଡ଼ିଶା ପର୍ବ' ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି। ସେଠାରେ ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ମଧ୍ୟ ଓଡ଼ିଆ ସମ୍ପ୍ରଦାୟର ପ୍ରଶଂସା କରିଥିଲେ। ସେମାନେ କହିଲେ ଯେ, ଦିଲ୍ଲୀରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାରେ ଏବଂ ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିବାରେ ଓଡ଼ିଆ ଲୋକଙ୍କ ଅବଦାନ ବହୁତ ରହିଛି।

ଏହି ଉତ୍ସବରେ ଯୋଗ ଦେଇଥିବା କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ଯେ,ପ୍ରଥମ ଥର ପାଇଁ 'ଓଡ଼ିଶା ପରବ'ରେ ସାମିଲ ହେବା ମୋ ପାଇଁ ଏକ ସୌଭାଗ୍ୟର ବିଷୟ। ଏଠାକାର ପରିବେଶ ଏତେ ମନଲୋଭା ଯେ, ଦିଲ୍ଲୀରେ ଥାଇ ବି ମୁଁ ଓଡ଼ିଶାରେ ଥିବାର ଅନୁଭବ କରୁଛି। ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା, ହସ୍ତଶିଳ୍ପ ଏବଂ ବିଶେଷକରି ମହିଳା କାରିଗରମାନଙ୍କ କଳାକୁ ଏହି ମହୋତ୍ସବ ବହୁତ ସୁନ୍ଦର ଭାବେ ପ୍ରତିଫଳିତ କରୁଛି। ଏଭଳି ପ୍ରୟାସ ଆମ ଦେଶର ବିବିଧ ସାଂସ୍କୃତିକ ଐତିହ୍ୟକୁ ପରସ୍ପର ନିକଟତର କରାଇ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ବାର୍ତ୍ତାକୁ ଅଧିକ ବଳିଷ୍ଠ କରୁଛି।

ମହୋତ୍ସବର ଦ୍ୱିତୀୟ ଦିନରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ରଙ୍ଗୀନ ଆସର ଜମିଥିଲା। ଏହା ସହିତ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ଚିତ୍ତାକର୍ଷକ ସ୍ୱାଦିଷ୍ଟ ବ୍ୟଞ୍ଜନର ପ୍ରଦର୍ଶନୀ ସମସ୍ତଙ୍କ ମନ କିଣି ନେଇଥିଲା। ଏହି ସବୁ ଦେଖିବା ପାଇଁ ସେଠାରେ ଦର୍ଶକ ଓ ସଂସ୍କୃତି ପ୍ରେମୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏଥରର ମହୋତ୍ସବରେ ପ୍ରଥମଥର ପାଇଁ 'ପ୍ରତିଭା ଉତ୍ସବ'ର ଆୟୋଜନ କରାଯାଇଛି, ଯାହା ନୂଆ କଳାକାରଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ପର୍ବ ଆରମ୍ଭ ହେବା ଦିନଠାରୁ ଏପରି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ଦେଖିବାକୁ ମିଳିଛି। ଏଥିରେ ଓଡ଼ିଶାରୁ ଆସିଥିବା ଛାତ୍ରଛାତ୍ରୀମାନେ ଏକକ ଓ ଦଳଗତ ଭାବେ ନିଜର ନୃତ୍ୟ ଓ ଅନ୍ୟାନ୍ୟ କଳା ପ୍ରଦର୍ଶନ କରୁଛନ୍ତି। ଏହା ପ୍ରତିଭାବାନ ଯୁବ କଳାକାରମାନଙ୍କୁ ଜାତୀୟ ସ୍ତରରେ ନିଜ ଦକ୍ଷତା ପ୍ରମାଣ କରିବାର ଏକ ବଡ଼ ମଞ୍ଚ ଯୋଗାଇ ଦେଇଛି।

ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ, 'ଟକ୍ ଟୁଡେ, ଟ୍ରାନ୍ସଫର୍ମ ଟୁମରୋ' ଶୀର୍ଷକରେ କେତେକ ସେମିନାରର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ଚିନ୍ତାନାୟକ ଏବଂ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇ ଓଡ଼ିଶାର ଏକ ଆତ୍ମନିର୍ଭରଶୀଳ, ପ୍ରଗତିଶୀଳ ଏବଂ ଅଭିନବ ଭବିଷ୍ୟତ ଗଠନ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଉତ୍ସବର ଦ୍ୱିତୀୟ ଦିନରେ, ଦର୍ଶକମାନେ ଓଡ଼ିଆ ଖାଦ୍ୟର ମଜା ନେଇଥିଲେ। ବିଶେଷ କରି କଟକର ପ୍ରସିଦ୍ଧ ଦହିବରା ଓ ଜଗନ୍ନାଥ ମହାପ୍ରସାଦର ସ୍ୱାଦ ଚାଖିବା ପାଇଁ ଖାଦ୍ୟ ଷ୍ଟଲଗୁଡ଼ିକରେ ବେଶ୍ ଭିଡ଼ ଜମିଥିଲା। ଏହା ସହିତ ସେଠାରେ ବିଶ୍ୱବିଖ୍ୟାତ ହସ୍ତତନ୍ତ, ପଟ୍ଟଚିତ୍ର କଳା ଏବଂ ରୂପା ତାରକସି କାମର ପ୍ରଦର୍ଶନୀ ମଧ୍ୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

ଓଡ଼ିଆ ସମାଜର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଛନ୍ତି, "ଦିଲ୍ଲୀରେ ଆୟୋଜିତ 'ଓଡ଼ିଶା ପର୍ବ' ଆଜି ଓଡ଼ିଶାର ସଂସ୍କୃତି, ପରମ୍ପରା ଏବଂ ବିକାଶକୁ ଦେଶ ସାମ୍ନାରେ ପ୍ରଦର୍ଶନ କରିବାର ଏକ ପ୍ରମୁଖ ମାଧ୍ୟମ ହୋଇପାରିଛି। ଜାତୀୟ ରାଜଧାନୀରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଏହି ପର୍ବ ବଡ଼ ଭୂମିକା ନିଭାଉଛି। ୧୯୭୨ ମସିହାରେ ମୁଁ ଯେବେ ପ୍ରଥମେ ଦିଲ୍ଲୀ ଆସିଥିଲି, ସେତେବେଳେ ଓଡ଼ିଶା ବିଷୟରେ ଲୋକଙ୍କୁ ବେଶୀ କିଛି ଜଣା ନଥିଲା, କିନ୍ତୁ ଆଜି ସାରା ଭାରତ ତଥା ବିଶ୍ୱରେ ଓଡ଼ିଶା ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାରେ ସଫଳ ହୋଇଛି। ନୂଆଦିଲ୍ଲୀର 'ଓଡ଼ିଆ ସମାଜ' ଦ୍ୱାରା ଆୟୋଜିତ, 'ଓଡ଼ିଶା ପର୍ବ' ଦିଲ୍ଲୀରେ ଓଡ଼ିଶାର ସଂସ୍କୃତିକୁ ପ୍ରଦର୍ଶନ କରୁଥିବା ଏକ ଅତି ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ମହୋତ୍ସବ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛି। ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମୂଳ ଓ ପରମ୍ପରା ସହିତ ଯୋଡ଼ି ରଖିବା ଏବଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ ଏହି ମହୋତ୍ସବ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଆସୁଛି। ତିନିଦିନିଆ ଏହି ଉତ୍ସବରେ ଲୋକଙ୍କର ଅଦମ୍ୟ ଉତ୍ସାହ ଏବଂ ଭାଗିଦାରୀ ଓଡ଼ିଆ ସମ୍ପ୍ରଦାୟର ସଂସ୍କୃତି ପ୍ରତି ଥିବା ପ୍ରେମ ଏବଂ ଏକତାକୁ ବେଶ୍ ସୁନ୍ଦର ଭାବେ ପ୍ରତିଫଳିତ କରୁଛି।

## ଜନଗଣନା ନିମନ୍ତେ କ୍ଷେତ୍ର ପ୍ରଶିକ୍ଷକଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ



କଟକ, (ସବ୍ୟୁ):୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ତାଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀ କମଳଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ କରାଯାଉଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ , ଏନୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେବାର ପଦ୍ଧତି ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକୀୟ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ୧୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ ହେବ। ଆସନ୍ତା ଏପ୍ରିଲ ୧ ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଜିଲ୍ଲାର ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ୭ ଏପ୍ରିଲ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କ ପାଇଁ ଏକ ପ୍ରାକ୍ଟିସ୍ ୱିଣ୍ଡୋ ଖୋଲାଯିବ । ଯାହାଦ୍ୱାରା ପ୍ରଶିକ୍ଷଣରେ ଶିଖିଥିବା ପ୍ରକ୍ରିୟାକୁ ସେମାନେ ପ୍ରାୟୋଗିକ ଭାବେ ଅଭ୍ୟାସ କରିପାରିବେ । ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସତର୍କତା, ଦାୟିତ୍ୱବୋଧ ଓ ସମୟାନୁବର୍ତ୍ତୀତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସହକାରୀ ନିର୍ଦ୍ଦେଶକ ( ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ଶ୍ରୀମତୀ ମିଲିତା ଦତ୍ତ ଓ ଡେପୁଟି କଲେକ୍ଟର, (ଜନଗଣନା) ନୁରି ପରଭିନ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

### ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୫୬୭ ମାମଲାର ସମାଧାନ, ୧୨କୋଟିରୁ ଅଧିକ କ୍ଷତିପୂରଣ ଆଦାୟ ନିର୍ଦ୍ଦେଶ



କଟକ,(ସବ୍ୟୁ): ହାଇକୋର୍ଟ ଲିଗାଲ ସର୍ଭିସେସ୍ କମିଟି ତତ୍ତ୍ୱାବଧାନରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ବିଭିନ୍ନ ବର୍ଗର ମୋଟ ୧୫୬୭ଟି ମାମଲାର ସମାଧାନ କରାଯାଇ ୧୨ କୋଟି ୮୩ ଲକ୍ଷ ୨୪ ହଜାର ୧୭୨ ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏବଂ ହାଇକୋର୍ଟ ଲିଗାଲ ସର୍ଭିସେସ କମିଟିର ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଜଷ୍ଟିସ୍ କୃଷ୍ଣ ରାମ ମହାପାତ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଷ୍ଟିସ କେ.ଆର. ମହାପାତ୍ରଙ୍କ ସମେତ ଜଷ୍ଟିସ ବି.ପି ରାଉତରାୟ, ଜଷ୍ଟିସ ଏସ.କେ ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବି.ପି ଶତପଥୀ, ଜଷ୍ଟିସ ଏମ.ଏସ ରମଣ, ଜଷ୍ଟିସ ସଞ୍ଜୟ କୁମାର ମିଶ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଓ ଜଷ୍ଟିସ ଶିବଶଙ୍କର ମିଶ୍ର ପ୍ରମୁଖ ମାମଲାଗୁଡ଼ିକର ଶୁଣାଣି କରି ଫଇସଲା କରିଥିଲେ। ଏଥିରେ ମୁଖ୍ୟତଃ ବୀମା ଦାବି, ବିଦ୍ୟୁତ ସମ୍ପର୍କିତ ବିବାଦ, ଜମି ଅଧିଗ୍ରହଣ, ପାରିବାରିକ ମାମଲା ଏବଂ ଚେକ୍ ବାଉନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ସମାଧାନ ହୋଇଛି । ଏହି ପ୍ରକ୍ରିୟାରେ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ, ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ ସହିତ ବେସରକାରୀ ବୀମା କମ୍ପାନୀ, ଜମି ଓ ବିଦ୍ୟୁତ ବିଭାଗ ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ ।

## ନଦୀରେ ବୁଡ଼ି କଲେଜ ଛାତ୍ର ନିଖୋଜ

ବାଲେଶ୍ୱର,(ସବ୍ୟୁ) :ବୁଢ଼ାବଳଙ୍ଗ ନଦୀ ବାଲିଘାଟ ଠାରେ ଗାଧୋଉ ଥିବା ଜଣେ କଲେଜ ଛାତ୍ର ପାଣିରେ ବୁଡି ନିଖୋଜ ହୋଇଛି । ଶନିବାର ଦିନ ୧୨ ଟା ସମୟରେ ଯୁକ୍ତ ଦୁଇ କଲେଜ ଛାତ୍ର ବୁଢ଼ାବଳଙ୍ଗ ନଦୀ ବାଲିଘାଟ ଠାରେ ଗାଧୋଉଥିବା ବେଳେ ଏହି ଘଟଣା ଘଟିଛି । ଖବର ପାଇ ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ,ବାଲେଶ୍ୱର ଦମକଳ ବିଭାଗର ଉଦ୍ଧାରକାରୀ ଦଳ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜା ଖୋଜି କରିଥିଲେ ମଧ୍ୟ ଛାତ୍ରଟିର କୌଣସି ପତ୍ତା ମିଳି ନଥିଲା ।ନଦୀରେ ବୁଡ଼ି ଯାଇ ନିଖୋଜ ଛାତ୍ର ହେଲେ ସହଦେବଖୁଣ୍ଟା ଥାନା ଚାନ୍ଦମାରି ପଡିଆ ଅଞ୍ଚଳର ପାର୍ଥ ସାରଥୀ ପରିଡ଼ା ବୋଲି ଜଣାପଡିଛି ।

## ରାଜ୍ୟରେ ବୃଦ୍ଧିପାଉଛି ବୃଦ୍ଧାଶ୍ରମ

ଭୁବନେଶ୍ୱର,(ତଥ୍ୟ) ସାକ୍ଷରତା ଓ ମୁଣ୍ଡପିଛା ଆୟ ବୃଦ୍ଧି ସହିତ ତାଳଦେଇ ରାଜ୍ୟରେ ବୃଦ୍ଧାଶ୍ରମ ସଂଖ୍ୟା ବି ବଢିବାରେ ଲାଗିଛି। ବର୍ତ୍ତମନା ସୁଦ୍ଧା ରାଜ୍ୟରେ ୧୪୧ଟି ବୃଦ୍ଧାଶ୍ରମ ଥିବାବେଳେ ରାଜ୍ୟ ସରକାର ଆଉ ୫ଟି ବୃଦ୍ଧାଶ୍ରମ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ପ୍ରଦାନ କରୁଛନ୍ତି। ବୃଦ୍ଧ ବାପ ମା'ଙ୍କୁ ଲୋକେ ଘରେ ରଖିବା ବଦଳରେ ଏବେ ବୃଦ୍ଧାଶ୍ରମରେ ଛାଡି ଦେଉଥିବାରୁ ରାଜ୍ୟରେ ବୃଦ୍ଧାଶ୍ରମ ସଂଖ୍ୟା ବଢିବାରେ ଲାଗିଛି। ଏହାଛଡା ପାରିବାରିକ କାରଣ ଯୋଗୁଁ ଅନେକ ବୁଢା ବୁଢୀ ମଧ୍ୟ ବୃଦ୍ଧାଶ୍ରମରେ ରହୁଛନ୍ତି। ବିଦେଶରେ ରୋଜଗାର କରୁଥିବା କିଛି ଲୋକ ମଧ୍ୟ ନିଜ ବାପ ମା'ଙ୍କୁ ବୃଦ୍ଧାଶ୍ରମରେ ଛାଡି ଦେଉଛନ୍ତି। ଏମାନଙ୍କ ଛଡା ଅନେକ ନିରାଶ୍ରୟ ବୁଢା ବୁଢୀ ମଧ୍ୟ ବୃଦ୍ଧାଶ୍ରମକୁ ନିଜର ଠିକଣା ଭାବେ ବାଛି ନେଉଛନ୍ତି। ଏଥିପାଇଁ ସେମାନେ ଆବଶ୍ୟକ ଅର୍ଥ ମଧ୍ୟ ପ୍ରଦାନ କରୁଛନ୍ତି। ଦିନକୁ ଦିନ ଏଭଳି ଧାରା ଜାରି ରହିଥିବାରୁ ରାଜ୍ୟରେ ବୃଦ୍ଧାଶ୍ରମ ସଂଖ୍ୟା ବଢିବାରେ ଲାଗିଛି।

## ତୀର୍ଥଯାତ୍ରୀ ଗାଡ଼ି ଦୁର୍ଘଟଣା: ୧୦ରୁ ଊର୍ଦ୍ଧ୍ୱ ଆହତ, ୫ ଗୁରୁତର

ବାଲେଶ୍ୱର,(ସବ୍ୟୁ) : ବାହାନଗା ପୁରୁଣା ବଜାର ନିକଟରେ ପୁଣି ଏକ ସଡ଼କ ଦୁର୍ଘଟଣା ଘଟି ୧୦ରୁ ଅଧିକଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣ ଗୁରୁତର ହୋଇ ବାଲେଶ୍ୱର ସ୍ଥାନାନ୍ତର ହୋଇଛନ୍ତି । ଖନ୍ତାପଡା ଥାନା ୧୬ ନଂ ଜାତୀୟ ରାଜପଥ ବାହାନଗା ପୁରୁଣା ବଜାର ଛକ ନିକଟରେ ଏକ ରଡ୍ ବୋଝେଇ ଟ୍ରେଲର ଯାଉଥିବାବେଳେ ହଠାତ ଟ୍ରେଲରର ଦୁଇଟି ଚକ ବାହାରିଯାଇଥିଲା । ଚକ ଦୁଇଟି ପଛରେ ଚାଲିଥିବା ତୀର୍ଥଯାତ୍ରୀ ଟ୍ରାଭେରା ଭ୍ୟାନର ଆଗରେ ବାଡେଇ ଯିବାରୁ ତୀର୍ଥଯାତ୍ରୀ ଗାଡିଟି ଭାରସାମ୍ୟ ହରାଇ ଟ୍ରେଲରର ପଛରେ ପିଟିହୋଇଯାଇଥିଲା । ତୀର୍ଥଯାତ୍ରୀଙ୍କୁ ଗାଡିଟି ମହାରାଷ୍ଟ୍ରରୁ ପୁରୀ ଯାଉଥିବାବେଳେ ଦୁର୍ଘଟଣା ପରେ ଜଗା ଦର୍ଶନ ଅଧାରେ ରହିଛି । ସମସ୍ତ ତୀର୍ଥଯାତ୍ରୀ ସୁରକ୍ଷିତ ଉଦ୍ଧାର କରାଯାଇ ଖନ୍ତାପଡା, ଗୋପାଳପୁର ଓ ସୋର ମେଡିକାଲକୁ ପଠାଯାଇଥିବାବେଳେ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଖନ୍ତାପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଡାକ୍ତର ରବୀନ୍ଦ୍ର ଜେନା ଏବଂ ତାଙ୍କ ପତ୍ନୀଙ୍କୁ ଆଶ୍ୱସ୍ତି, ଭିଜିଲାନ୍ସ ମାମଲାକୁ ରଦ୍ଦ କଲେ ହାଇକୋର୍ଟ

କଟକ,(ସବ୍ୟୁ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଡାକ୍ତର ରବୀନ୍ଦ୍ର କୁମାର ଜେନା ଏବଂ ତାଙ୍କ ପତ୍ନୀ ଡାକ୍ତର ତୃପ୍ତିରେଖା ସ୍ୱାଇଁଙ୍କ ବିରୋଧରେ ରୁଜୁ ଭିଜିଲାନ୍ସ ମାମଲାକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ଉଭୟଙ୍କ ବିରୋଧରେ ଦୀର୍ଘ ୮ବର୍ଷ ତଳୁ ମାମଲା ରୁଜୁ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଭିଜିଲାନ୍ସର ତଦନ୍ତ ଶେଷ ନହେବା ଏବଂ ଆୟ ବହିର୍ଭୂତ ସମ୍ପତ୍ତିର ସଠିକ୍ ଆକଳନ କରାନଯାଇ ପାରିବାକୁ ହାଇକୋର୍ଟ ସମାଲୋଚନା କରିବା ସହ ରୁଜୁ ମାମଲାକୁ ରଦ୍ଦ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଡାକ୍ତର ଦମ୍ପତ୍ତିଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତି।

ଡାକ୍ତର ରବୀନ୍ଦ୍ର ଜେନା ଏସ୍‌ସିବି ମେଡିକାଲର ହେମାଟୋଲୋଜି ବିଭାଗର ମୁଖ୍ୟ ଥିଲାବେଳେ ତାଙ୍କ ପତ୍ନୀ ତୃପ୍ତିରେଖା ସ୍ୱାଇଁ ଏସ୍‌ସିବି ଫାର୍ମାକୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ ରହିଥିଲେ। ୨୦୧୭ ମସିହା ଡିସେମ୍ବର ୫ ତାରିଖରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯିବା ସହ ଉଭୟଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯାଇଥିଲା। ଏହି ସମୟରେ ଭିଜିଲାନ୍ସ ଉଭୟଙ୍କର ପ୍ରାୟ ୪କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ କରିଥିଲା। ଏହା ସେମାନଙ୍କ ଆୟର ୨୦୦% ରୁ ଅଧିକ ଆୟ ଥିଲାବୋଲି କୁହାଯାଇଥିଲା। ଏହି ମାମଲାକୁ ରଦ୍ଦ ପାଇଁ ଡାକ୍ତର ଦମ୍ପତ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ଭିଜିଲାନ୍ସ ଯେତିକି ସମ୍ପତ୍ତି ଦେଖାଇଛି ତାହା ତ୍ରୁଟିପୂର୍ଣ୍ଣ ବୋଲି ସେମାନେ କହିଥିଲେ। ଏହାକୁ ଭିଜିଲାନ୍ସ ପକ୍ଷରୁ ବିରୋଧ କରାଯାଇଥିଲା।

ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ କହିଛନ୍ତି ଯେ, ଦୀର୍ଘ ୮ବର୍ଷ ତଳୁ ଭିଜିଲାନ୍ସ ଏଫଆଇଆର କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତଦନ୍ତ ଶେଷ ହୋଇପାରି ନାହିଁ । ଦ୍ୱିତୀୟରେ ପ୍ରଥମେ ଭିଜିଲାନ୍ସ ପକ୍ଷରୁ ୪କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଥିବା କହିଥିଲାବେଳେ ଏବେ ଏହି ସମ୍ପତ୍ତି ୫୪ଲକ୍ଷକୁ ଖସି ଆସିଥିବା କହିଛି। ଏପରିକି ଏହି ସମ୍ପତ୍ତି ଆକଳନ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏଭଳି ସ୍ଥିତିରେ ହାଇକୋର୍ଟ ଭିଜିଲାନ୍ସର ଯୁକ୍ତିକୁ ଅଗ୍ରାହ୍ୟ କରିବା ସହ ଦମ୍ପତିଙ୍କ ବିରୋଧରେ ରୁଜୁ ମାମଲାକୁ ରଦ୍ଦ କରି ଦେଇଛନ୍ତି । ଡାକ୍ତର ଦମ୍ପତିଙ୍କ ପକ୍ଷରୁ ଆଇନଜୀବୀ ପ୍ରତୀକ ପରିଜା ମାମଲା ପରିଚାଳନା କରୁଥିଲେ।

# ବର୍ଷକୁ ନିଶା ନିବୃତ୍ତ ହେଉଛନ୍ତି ୧୦ହଜାର କିନ୍ତୁ ବାହାରେ ବଢୁଛି ସଂଖ୍ୟା

ଭୁବନେଶ୍ୱର, (ତଥ୍ୟ) ରାଜ୍ୟରେ ବର୍ଷକୁ ହାରାହାରି ୧୦ହଜାର ନିଶାଡିଙ୍କୁ ନିଶାରୁ ନିବୃତ୍ତ କରାଯାଉଥିବା ନେଇ ରାଜ୍ୟର ନିଶା ନିବାରଣ କେନ୍ଦ୍ରଗୁଡିକ ଦାବି କରୁଥିବାବେଳେ କେନ୍ଦ୍ର ବାହାରେ ଥିବା ନିଶାଡିଙ୍କ ସଂଖ୍ୟା କିନ୍ତୁ ବଢିବାରେ ଲାଗିଛି। ରାଜ୍ୟରେ ସମସ୍ତ ଜିଲ୍ଲାରେ ଏବେ ନିଶା ନିବାରଣ କେନ୍ଦ୍ର ରହିଛି। ମୋଟ୍ ୫୫ଟି କେନ୍ଦ୍ର ଥିବାବେଳେ ଏଥି ମଧ୍ୟରୁ ସର୍ବାଧିକ ୬ଟି କେନ୍ଦ୍ର ଖୋରଧା ଜିଲ୍ଲାରେ ରହିଥିବାବେଳେ ପୁରୀ ଜିଲ୍ଲାରେ ୫ଟି ଓ କଟକରେ ୪ଟି କେନ୍ଦ୍ର ରହିଛି। ଗଞ୍ଜାମ, ଝାରସୁଗୁଡା, କେନ୍ଦୁର ଜିଲ୍ଲାରେ ୩ଟି କରି ନିଶା ନିବାରଣ କେନ୍ଦ୍ର ରହିଛି।

ଏଥି ମଧ୍ୟରୁ କେନ୍ଦ୍ର ସରକାରଙ୍କ ଅନୁଦାନରେ ୨୯ଟି ଜିଲ୍ଲାରେ ୪୧ଟି ନିଶା ନିବାରଣ କେନ୍ଦ୍ର ଚାଲୁଥିବାବେଳେ ରାଜ୍ୟ ସରକାରଙ୍କ ଅନୁଦାନରେ ୧୦ଟି ଜିଲ୍ଲାରେ ୧୧ଟି କେନ୍ଦ୍ର ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ ୧୫ ଜଣ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ ୩୦ ଜଣ କରି ନିଶାସକ୍ତ ବ୍ୟକ୍ତିଙ୍କ ପାଇଁ ଏକ ମାସ ପର୍ଯ୍ୟନ୍ତ ମାଗଣାରେ ରହିବା, ଖାଇବା, ଚିକିତ୍ସା ସହିତ ବୈଷୟିକ ତାଲିମର ବ୍ୟବସ୍ଥା ରହିଛି। ସରକାରୀ ସ୍ତରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨ବର୍ଷ ମଧ୍ୟରେ ରାଜ୍ୟରେ ଥିବା ସମସ୍ତ ୫୫ଟି ନିଶା ନିବାରଣ କେନ୍ଦ୍ରରୁ ୧୯,୩୯୫ ଜଣ ନିଶାସକ୍ତଙ୍କୁ ନିଶାମୁକ୍ତ କରାଯାଇ ପାରିଛି। ଏମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ସର୍ବାଧିକ ୬୦୩୯ ଜଣଥିବାବେଳେ ଖୋରଧା ଜିଲ୍ଲାରେ ୧୪୪୦, କେନ୍ଦୁଝରରେ ୧୧୨୫ ଓ କଟକ ଜିଲ୍ଲାରେ ୧୦୩୭ ଜଣ ରହିଛନ୍ତି। ସବୁଠାରୁ କମ୍ ଯାଜପୁର ଜିଲ୍ଲାରେ ମାତ୍ର ୩୫ଜଣଙ୍କୁ ନିଶାରୁ ନିବୃତ୍ତ କରାଯାଇ ପାରିଛି।

ତେବେ ନିଶାମୁକ୍ତ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନଙ୍କ ମତ ହେଉଛି ଯେ ରାଜ୍ୟରେ ଯେଉଁ ହାରରେ ନିଶା କାରବାର ଓ ନିଶାଡିମାନଙ୍କ ସଂଖ୍ୟା ବଢିଚାଲିଛି ସେହି ତୁଳନାରେ ଏହି ନିଶା ନିବାରଣ କେନ୍ଦ୍ର ସଂଖ୍ୟା ସମୁଦ୍ରକୁ ଶଙ୍ଖେ ଭଳି। ମଦ, ଗଞ୍ଜେଇ ଠାରୁ ଆରମ୍ଭକରି ଚରସ ହେରୋଇନ୍ ଭଳି ନିଶା ଏବେ ଯୁବବର୍ଗଙ୍କୁ ଗ୍ରାସ କରିବାରେ ଲାଗିଛି। ତେଣୁ ନିଶା ନିବାରଣ କେନ୍ଦ୍ର ପ୍ରତିଷ୍ଠା କରି ବିଭିନ୍ନ ସଂସ୍ଥାଙ୍କୁ ଅର୍ଥ ପ୍ରଦାନ କରିବା ବଦଳରେ ରାଜ୍ୟରୁ ନିଶା ନିବାରଣ ଦିଗରେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। ସରକାରୀ ସ୍ତରରେ ନିଶା ନିବାରଣ ପାଇଁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ବି କାମ ଦେଉନଥିବା ସ୍ୱେଚ୍ଛାସେବୀମାନେ ଅଭିଯୋଗ କରୁଛନ୍ତି। ରାଜ୍ୟରେ ନିଶା ନିବାରଣ ଏବେ ପଥପ୍ରାନ୍ତ ନାଟକ, ପଦଯାତ୍ରା, ସାଧାରଣସଭା, ବିଜ୍ଞାପନ ନାଟକ ଆଦି ସଚେତନତାରେ ସୀମିତ ରହୁଛି। ଏଥିପାଇଁ ବିଭିନ୍ନ ସଂସ୍ଥାଙ୍କୁ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଉଛି। ହେଲେ ଏଥିରେ ନିଶା ନିବାରଣ ଯେଉଁଭଳି ଭାବେ ହେବାକଥା ତାହା ହୋଇପାରୁ ନାହିଁ। କଠୋର ହସ୍ତରେ ନିଶା କାରବାରକୁ ଦମନ କରିବା ସହିତ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ ନିଶା ନିବାରଣକୁ ନଆପଣେଇଲେ ରାଜ୍ୟରେ ନିଶାବରଣ କେନ୍ଦ୍ର ସିନା ବୃଦ୍ଧି ପାଇବ ହେଲେ ନିଶାମୁକ୍ତ ସମ୍ଭବପର ହେବନାହିଁ ବୋଲି ସ୍ୱେଚ୍ଛାସେବୀମାନେ ଖୋଲା ମତ ପ୍ରଦାନ କରୁଛନ୍ତି।

## ପାଣିରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବାଲେଶ୍ୱର, (ସବ୍ୟୁ): ଜଳେଶ୍ୱର ବ୍ଲକ ଗାଇବଣିଆ ଥାନା ଅନ୍ତର୍ଗତ ବରଡ଼ିହା ପଞ୍ଚାୟତର ବାଗବୁଡା ଗାଁର ରମାନାଥ ମାହାନ୍ତକଙ୍କ ଧର୍ମପନି ମୁଖ ମାହାନ୍ତ (୭୭) ଙ୍କର ଶୁକ୍ରବାର ସକାଳୁ ଗାଁର କିଛି ମହିଳାଙ୍କ ସହ ମହୁଲ ଫୁଲ ଆଣିବାକୁ ଯାଇଥିଲେ । ମହୁଲ ଫୁଲ ସାଉଁଟି ସାରି ୯ଟା ସମୟରେ ଶୌଚ ପାଇଁ ପାଖ ପୋଖରାକୁ ଯାଇଥିବାବେଳେ ମୁହଁମାଡ଼ି ପାଣିରେ ପଡିଯାଇଥିଲେ ବୋଲି ପରିବାର ଲୋକ କହିଛନ୍ତି । ଦୂରରେ ଥିବା ମହିଳାମାନେ ଦେଖି ଦୌଡିଯାଇଥିଲେ ଓ ଘରକୁ ଖବର ଦେଇଥିଲେ । ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ଯୋଗେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

### କାନ୍‌ଭାସରେ ଜୀବନ୍ତ ହେଲା ୬୪ ଯୋଗିନୀଙ୍କ ଅବତାର

## ଆକର୍ଷଣ ସୃଷ୍ଟି କରୁଛି 'ଏକା- ଦି ୱାନ' ଜାତୀୟ କଳା ପ୍ରଦର୍ଶନୀ

ଭୁବନେଶ୍ୱର, (ସବ୍ୟୁ): ବୁଦ୍ଧ ଆର୍ଟ ଗ୍ୟାଲେରୀରେ ଶିଳ୍ପୀ, ଐତିହାସିକ ଏବଂ ଗବେଷକମାନଙ୍କ ମଧ୍ୟରେ ଜାତୀୟ ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ 'ଏକା-ଦି ୱାନ୍ ଉଦ୍‌ଘାଟିତ ହୋଇଯାଇଛି। କଳାକାର ତଥା ସାମାଜିକ ଉଦ୍ୟୋଗୀ, ଡ. ବୀଣା ଉନ୍ନିକ୍ରିଷ୍ଣନ୍‌ଙ୍କ ଦ୍ୱାରା ପରିକଳ୍ପିତ ଏହି ତିନି ଦିନିଆ ପ୍ରଦର୍ଶନୀ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଭୁବନେଶ୍ୱର ଉପକଣ୍ଠ ହୀରାପୁରସ୍ଥିତ ଚଉଷଠି ଯୋଗିନୀ ମନ୍ଦିରର ଆଧ୍ୟାତ୍ମିକ ଐତିହ୍ୟ ଦ୍ୱାରା ଅନୁପ୍ରାଣିତହୋଇ, ଏହି ପ୍ରଦର୍ଶନୀରେ ୬୪ ଯୋଗିନୀଙ୍କର ଏକ ଶକ୍ତିଶାଳୀ ସମସାମୟିକ ଚିତ୍ରଣ ପ୍ରଦର୍ଶିତ କରାଯାଇଛି, ଯେଉଁମାନେକି ଜ୍ଞାନ, ଅର୍ନ୍ତଜ୍ଞାନ, ସାହସ ଏବଂ ରୂପାନ୍ତରର ବିଭିନ୍ନ ଦିଗକୁ



ପ୍ରତିନିଧିତ୍ୱ କରୁଥିବା 'ଶକ୍ତିଙ୍କର ପବିତ୍ର ସ୍ୱରୂପ ଅଟନ୍ତି। ଏହି ପ୍ରଦର୍ଶନୀର ବିଶେଷତ୍ୱ ହେଉଛିଯେ ଏଥିରେ ପ୍ରଥମ ଥର ପାଇଁ ଜଣେ ମାତ୍ର ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ସମସ୍ତ ୬୪ ଯୋଗିନୀଙ୍କର ଏକ ସମ୍ପୂର୍ଣ୍ଣ ସମସାମୟିକ ସଂଗ୍ରହ ସ୍ଥାନ ପାଇଛି, ଯାହା ଏହାକୁ ଏକ ଅନନ୍ୟ କଳାତ୍ମକ ତଥା ସାଂସ୍କୃତିକ ମାଇଲଖୁଂଟରେ ପରିଣତ କରିଛି। ଏହି ପ୍ରଦର୍ଶନୀକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶକ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ, ଦେବଯାନୀ ଭୂୟାଁ ଉଦଘାଟନ କରିଥିଲେ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୫୦, ୯୬୨ଟି ମାମଲାର ଫଇସଲା

ଭୁବନେଶ୍ୱର (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସରରେ ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଟାଙ୍ଗି, ବେଗୁନିଆ ଓ ଜଟଣୀ ଠାରେ ଚଳିତ ବର୍ଷର ପ୍ରଥମ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୮୮ ହଜାର ୬୨୪ଟି ମାମଲା ଆଗତ କରାଯାଇ ସେଥିମଧ୍ୟରୁ ୫୦ ହଜାର ୯୬୨ଟି ମାମଲା ଫଇସଲା କରାଯାଇଥିଲା । ଏହି ମାମଲା ଗୁଡିକର ଫଇସଲା କରାଯାଇ ମୋଟ ୧୮ କୋଟି ୫୫ ଲକ୍ଷ ୫୬ହଜାର ୧୪୯ ଟଙ୍କାର ରାଜସ୍ୱ,ଜରିମାନା ଏବଂ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ମୋଟ ୫ ହଜାର ୩୨୩ଟି ଦେୱାନି ଓ ଫୌଜଦାରୀ ମାମଲା ଫଇସଲା ହୋଇଥିବା ବେଳେ ୪୫ ହଜାର ୨୪୫ଟି ରାଜସ୍ୱ ମାମଲା, ୩୯୪ଟି ପ୍ରାକ ମୋକଦ୍ଦମା ଫଇସଲା କରାଯାଇଥିଲା ।



ଉକ୍ତ ଲୋକ ଅଦାଲତରେ ଫୌଜଦାରୀ ସାଲିସ୍‌ଯୋଗ୍ୟ ମାମଲା, ଚେକ୍ ବାଉନ୍ସ, ବ୍ୟାଙ୍କ ରିକଭରି, ମୋଟର ଯାନ ଦୁର୍ଘଟଣା, ଶ୍ରମ,ଟ୍ରାଫିକ ଚାଲାଣ ମାମଲା,ବିଭିନ୍ନ ଜନଉପଯୋଗୀ ମାମଲା, ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ ଏବଂ ଦେୱାନି ମାମଲା ସହ ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ ବିଲ୍ ଏବଂ ପ୍ରାକ୍ ମୋକଦ୍ଦମାମାନ ଫଇସଲା କରାଯାଇଥିଲା । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି ଉକ୍ତ ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ରାଜସ୍ୱ, ଆଞ୍ଚଳିକ ବ୍ୟାଙ୍କ ମ୍ୟାନେଜର, ଟେଲିକମ୍ ଓ ବୀମା ଅଧିକାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ସେହିପରି ଉକ୍ତ ଲୋକ ଅଦାଲତରେ ଅଂଶଗ୍ରହଣ କରିଥିବା ସମସ୍ତ ଆଇନଜୀବୀମାନଙ୍କୁ ସାଧୁବାଦ ଦେବା ସହ ଆସନ୍ତା ମଇ ୯ ତାରିଖରେ ପରବର୍ତ୍ତୀ ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ଆଗୁଆ ପ୍ରସ୍ତୁତି ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ପ୍ରାଧିକରଣଙ୍କ ସଚିବ ଶ୍ରୀମତୀ ସଲୋମୀ ସାହୁ ଉପସ୍ଥିତ ରହି କୋର୍ଟ କର୍ମଚାରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନଙ୍କୁ ସେମାନଙ୍କର ବହୁମୂଲ୍ୟ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭୁବନେଶ୍ୱରରେ ଶିରିଡି ସାଇବାବାଙ୍କ ଚରଣ ପାଦୁକା ଦର୍ଶନ ସମାରୋହ ଆରମ୍ଭ

# ଗୁରୁଜୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଓ ପୂଜାର୍ଚ୍ଚନା

ଭୁବନେଶ୍ୱର, (ସବ୍ୟୁ): ବହୁ ପ୍ରତୀକ୍ଷିତ ଶିରିଡି ସାଇବାବାଙ୍କର ପାବନ ଚରଣ ପାଦୁକା ସମାରୋହ ଆଜି ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ଜନତା ମଇଦାନରେ ଆରମ୍ଭ ହୋଇଛି । ସକାଳେ ଟଙ୍କପାଣି ସାଇ ମନ୍ଦିରରୁ ଶିରିଡିରୁ ଆସିଥିବା ବାବାଙ୍କ ପବିତ୍ର ଚରଣ ପାଦୁକା ସ୍ୱସ୍ତି ପ୍ରିମିୟମ ଛକ ନିକଟରେ ପହଞ୍ଚିବା ପରେ ଶତାଧିକ ଭକ୍ତଙ୍କ ସମାଗମରେ ଘଣ୍ଟ, ତୁରୀ, ବାଦ୍ୟ ଏବଂ ନାନା ପ୍ରକାର ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଶିରିଡି ସାଇ ଗ୍ଲୋବାଲ ଫାଉଣ୍ଡେସନର ଅଧ୍ୟକ୍ଷ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ପୁଷ୍ପ ମାଲ୍ୟାର୍ପଣ କରି ପାଦୁକାକୁ ସ୍ୱାଗତ କରିଥିଲେ । ସ୍ୱସ୍ତି ପ୍ରିମୟମ ନିକଟରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପାଦୁକାକୁ ଜନତା ମଇଦାନକୁ ନିଆଯାଇଥିଲା । ଗୁରୁଜୀ ଡକ୍ଟର ଶତପଥୀ ଓ ଶିରିଡି ସାଇବାବା ସଂସ୍ଥାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋରକ୍ଷ ଗାଡ଼ିଲକର ଆଇଏଏସଙ୍କ ଉପସ୍ଥିତିରେ ପାଦୁକା ସ୍ଥାପନ କରାଯିବା ପରେ ଲଘୁ ଆରତୀ ଅନୁଷ୍ଠିତ ହୋଇଥିଲା କ୍ଷ ଏହା ପରେ ସର୍ବ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ମଧ୍ୟାହ୍ନ ୧୨ ଟାରେ ଶିରିଡିର ପୂଜକ ମାନଙ୍କ ଦ୍ୱାରା ମଧ୍ୟାହ୍ନ ଆରତୀ ସମ୍ପନ୍ନ ହୋଇଥିଲା । ଦର୍ଶନ ଉପରାନ୍ତ ଭକ୍ତମାନଙ୍କୁ ପ୍ରସାଦ ସେବନ ରେ ଆପ୍ୟାୟିତ କରାଯାଇଥିଲା । ଦିନସାରା ପାଦୁକା ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଗହଳି ଲାଗି ରହିଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ଛାତ୍ରୀ ମାନେ ମନୋଜ୍ଞ ସଙ୍ଗୀତ ପରିବେଷଣ କରିଥିଲେ । ଗୁରୁଜୀ ଡକ୍ଟର ଶତପଥୀ ତାଙ୍କର ଉଦବୋଧନରେ ଓଡ଼ିଶାରେ ପ୍ରଥମ ଥର ପାଇଁ ହେଉଥିବା ଏହି ପାଦୁକା ଦର୍ଶନ ସମାରୋହକୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି କହିଥିଲେ । ଆସନ୍ତାକାଲି ମଧ୍ୟ ପାଦୁକା ଦର୍ଶନ ଜାରି ରହିବ । ଆସନ୍ତାକାଲି ରାତି ୧୦ଟା ପର୍ଯ୍ୟନ୍ତ ସର୍ବ ସାଧାରଣ ଭକ୍ତ ମାନେ ପାଦୁକା ଦର୍ଶନ କରିପାରିବେ । ଶିରିଡି ସାଇ ଗ୍ଲୋବାଲ ଫାଉଣ୍ଡେସନ ଅନ୍ତର୍ଗତ ଟଙ୍କପାଣି ଶିରିଡି ସାଇ ମନ୍ଦିର ପକ୍ଷରୁ ଅନ୍ୟ ଶିରିଡି ସାଇ ମନ୍ଦିର ଗୁଡ଼ିକର ସହଯୋଗରେ ଏହି ବିଶାଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଶହ ଶହ ଭକ୍ତ ପାଦୁକା ଦର୍ଶନ ପାଇଁ ଆସୁଛନ୍ତି ।



### "ଗ୍ରାମୋଦୟ" ଅଭିଯାନ: ମାଓ ପ୍ରଭାବିତ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ

# ରାଜ୍ୟ ସରକାରଙ୍କ ବଡ଼ ଘୋଷଣା; ୪୮୫ ଗ୍ରାମକୁ ମିଳିବ କ୍ରୀଡ଼ା ସାମଗ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଦୁର୍ଗମ ତଥା ମାଓ ପ୍ରଭାବିତ ଅଞ୍ଚଳର ଯୁବପିଢ଼ିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ "ଗ୍ରାମୋଦୟ" ଅଭିଯାନ ମାଧ୍ୟମରେ ୧୦ଟି ଜିଲ୍ଲାର ୪୮୫ଟି ମାଓ ପ୍ରଭାବିତ ଗ୍ରାମକୁ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯିବ । ଏହି ଯୋଜନା ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ମୋଟ ୨,୪୨,୫୦,୦୦୦ ଟଙ୍କା (୨ କୋଟି ୪୨ ଲକ୍ଷ ୫୦ ହଜାର) ମଞ୍ଜୁର କରାଯାଇଛି। ପ୍ରତ୍ୟେକ ଚିହ୍ନିତ ଗ୍ରାମକୁ ୫୦,୦୦୦ ଟଙ୍କା ମୂଲ୍ୟର କ୍ରୀଡ଼ା କିଟ୍ ପ୍ରଦାନ କରାଯିବ । ବରଗଡ଼, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲ୍ଲାର ଯୁବକଯୁବତୀମାନେ ଏହାଦ୍ୱାରା ଉପକୃତ ହେବେ । ପ୍ରତି ଗ୍ରାମକୁ ଦିଆଯିବାକୁ ଥିବା ଷ୍ଟାଣ୍ଡାର୍ଡ କ୍ରୀଡ଼ା କିଟ୍‌ରେ କ୍ରିକେଟ୍, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ୍ ସମେତ ଚେସ୍ ଏବଂ କ୍ୟାରମ୍ ଭଳି ଇନଡୋର ଗେମ୍‌ର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ରହିବ । ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେଉଛି ଯେ, କ୍ରୀଡ଼ା ସାମଗ୍ରୀ କିଣିବା ଦାୟିତ୍ୱ ସ୍ଥାନୀୟ ଯୁବ କ୍ଲବମାନଙ୍କୁ ଦିଆଯିବ । ଯେଉଁ ଗ୍ରାମରେ କ୍ଲବ ନାହିଁ, ସେଠାରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହାୟତାରେ ନୂତନ କ୍ଲବ ଗଠନ କରାଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଯୋଡ଼ାଯିବ ।

# ସ୍ୱେଚ୍ଛାସେବୀ ଚନ୍ଦନା ଖଣ୍ଡାୟତରାଏଙ୍କର ଏକାଦଶାହ ସମ୍ପନ୍ନ ହେଲା ବୃଦ୍ଧାଶ୍ରମରେ

ପୁରୀ, (ସବ୍ୟୁ): ପାରାଡାଇଜ ସିନିୟର ସିଟିଜେନ ହୋମ ପରିସରରେ ସ୍ୱେଚ୍ଛାସେବୀ ଚନ୍ଦନା ଖଣ୍ଡାୟତରାଏଙ୍କର ଏକାଦଶାହ ସମ୍ପନ୍ନ ହୋଇଛି। ଏକାଦଶାହ ଅବସରରେ ସୁନ୍ଦରାକାଣ୍ଡ ପଠନ କରାଯାଇଥିଲା। ଭାଗବତ ପାରାୟଣ କରାଯାଇଥିଲା ପରେ ବ୍ରାହ୍ମଣ ଭୋଜନ କୋଇଲାଅଡାସ୍ଥିତ ଆଖଣ୍ଡଳମଣି ମନ୍ଦିରରେ କରାଯାଇଥିଲା। ଏଥିରେ ପାରାଡାଇଜ ବୃଦ୍ଧାଶ୍ରମର ଅନ୍ତେବାସୀ, ରେଡକ୍ରସ ସୋସାଇଟିର ସ୍ୱେଚ୍ଛାସେବୀ, ସେଣ୍ଟଜୋନ ଆମ୍ବୁଲାନ୍ସ ର କ୍ୟାଡେଟ, ଗାନ୍ଧୀପାର୍କ ସିନିୟର ସିଟିଜେନ କ୍ଲବର ସଭାପତି ନିରଞ୍ଜନ ପତି ସମ୍ପାଦକ ଅଭିମନ୍ୟୁ ଗୁରୁ, ସୀତାରାମ ଅଗ୍ରୱାଲ ଓ ସଦସ୍ୟଙ୍କ ସହ ମିଶନ ଓଡିଶାର ସମ୍ପାଦକ ମଧୁସୂଦନ ମିଶ୍ର, ଉପଦେଷ୍ଟା ଶିବପ୍ରଧାନ, ରାଜେନ୍ଦ୍ର କୁମାର ମିଶ୍ର ଆଖଣ୍ଡଳମଣି ଯୋଗଶିକ୍ଷା କେନ୍ଦ୍ରର ମୁଖ୍ୟ ପରିଚାଳକ ମନୋଜ କୁମାର ନାୟକ, ସବିତା ପ୍ରହରାଜ ଓ ପାରାଡାଇଜ ସିନିୟର ସିଟିଜେନ ର ସୁପରିଟେଣ୍ଡେଣ୍ଟ ପ୍ରଣତି ମହାରଣାଙ୍କ ଉପସ୍ଥିତ ରେ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ମିଶନ ଓଡିଶା ଆମ୍ବୁଲାନ୍ସ ଡିଭିଜନର କମାଣ୍ଡର ଅଜୟ ପ୍ରଧାନ,ସବ୍ୟସାଚୀ ସେନାପତି, ଅଜୟ କୁମାର ଦାସ, ନିରଞ୍ଜନ ମହାପାତ୍ର, କେଦାରନାଥ ମହାପାତ୍ର, ବଦ୍ରି ମହାପାତ୍ର, ଦୁର୍ଗା ପ୍ରଧାନ, ଉମା ଦଳେଇ, ଶଙ୍କର ରେଡି, ସତ୍ୟ ପାତ୍ର, ମଧୁମିତା ମହାପାତ୍ର, ଗାୟତ୍ରୀ ଦାସ, ସଂଯୁକ୍ତା ଆପଟ, ଜଗନ୍ନାଥ ଷଡଙ୍ଗୀ, ବୁଦ୍ଧିଜୀବୀ ସୁଧାକର ଭୋଳ, ରାଜେଶ ମହାନ୍ତି, ଶୀତଲ ମିଶ୍ର, ବାବୁଲି ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

# ଏତଲାରେ ମୃତକଙ୍କୁ ଅଭିଯୋଗକାରୀ ଦର୍ଶାଇଲା ପୋଲିସ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ସୋର-କୁପାରୀ ରାସ୍ତାରେଦୁର୍ଘଟଣାଜନିତମୃତ୍ୟୁପରେପୋଲିସପକ୍ଷରୁଏକମାମଲା(୫୫/୨୬) ରୁଜୁ କରାଯାଇଛି। ହେଲେ ପୋଲିସ ଏତଲାରେ ମୃତକ ସିମୁଳିଆ ଥାନା ବାଘୁଆ ଗ୍ରାମର ଗଜେନ୍ଦ୍ର ନାୟକଙ୍କୁ ଅଭିଯୋଗକାରୀ ଭାବେ ଦର୍ଶାଯାଇଛି। ପ୍ରକୃତରେ ଗଜେନ୍ଦ୍ରଙ୍କ ଭାଇ ହରିହର ନାୟକ ଅଭିଯୋଗକାରୀ ହୋଇଥିବା ବେଳେ ଜଣେ ତଦନ୍ତକାରୀ ଅଧୀକାରିଣୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତ୍ରୁଟିପୂର୍ଣ୍ଣ ଏତଲାକୁ ନେଇ ମୃତକଙ୍କ ପରିବାର ସଂଶୟରେ ଅଛନ୍ତି। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଜନ୍ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗକାରୀ ଲିଖିତ ଅଭିଯୋଗ କ୍ରମେ ଏତଲା ପ୍ରସ୍ତୁତ କରାଯାଇଛି। କିଭଳି ସଂଶୋଧନ କରାଯାଇ ପାରିବ ସେ ଚେଷ୍ଟାକରୁଥିବା କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଗତ ୧୦ତାରିଖ ସଂଧ୍ୟାରେ ସୋର-କୁପାରୀ ରାସ୍ତାର ବ୍ରାହ୍ମଣପୋଖରୀ ପେଟ୍ରୋଲ ଟାଙ୍କି ନିକଟରେ ଗଜେନ୍ଦ୍ର ଛିଡା ହୋଇଥିବା ବେଳେ ଏକ ଅଜଣା ବୋଲେରୋ ତାଙ୍କୁ ଘୋଷାରୀ ନେଇଯିବାରୁ ଗଜେନ୍ଦ୍ର ଗୁରୁତର ହୋଇପଡିଥିବା ବେଳେ ମେଡିକାଲରେ ପହଞ୍ଚିବା ପୂର୍ବରୁ ମୃତ୍ୟୁବରଣ କରିଥିଲେ ।

### ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ

# ଗିଫ୍ଟ, ଓୟୁଟିଆର୍ ବୁଝାମଣାପତ୍ର




ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଗବେଷଣା ସହଯୋଗକୁ ସୁଦୃଢ଼ କରିବା ପାଇଁ ଗିଫ୍ଟ ସ୍ୱୟଂଶାସିତ, ଭୁବନେଶ୍ୱର ଓଡ଼ିଶା ପ୍ରଯୁକ୍ତି ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଓୟୁଟିଆର୍ କୁଳପତି ପ୍ରଫେସର (ଡ଼ଃ) ବିଭୁତି ଭୂଷଣ ବିଶ୍ୱାଳ, ବିପିୟୁଟିର କୁଳପତି ପ୍ରଫେସର (ଡ଼ଃ) ଅମିୟ କୁମାର ରଥ, ଗିଫ୍ଟର ଡାଇରେକ୍ଟର ଡଃ ପତିତପାବନ ପଣ୍ଡା, ଅଧ୍ୟକ୍ଷ ତ୍ରିଲୋଚନ ସାହୁ ଓ ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଏହି ବୁଝାବଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ସହଭାଗୀତା ମାଧ୍ୟମରେ ଗିଫ୍ଟ, ଓୟୁଟିଆର୍ ଉତ୍କର୍ଷ କେନ୍ଦ୍ରରେ ଉପଲବ୍ଧ ଉନ୍ନତ ସୁବିଧାଗୁଡ଼ିକୁ ଗବେଷଣା ଓ ନବସୃଜନ କାର୍ଯ୍ୟକଳାପ ପାଇଁ ମିଳିତ ଶୈକ୍ଷିକ ମାର୍ଗଦର୍ଶନକୁ ମଧ୍ୟ ସକ୍ଷମ କରିଥାଏ, ଯାହା ଦୁଇ ପ୍ରତିଷ୍ଠାନ ମଧ୍ୟରେ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିଥାଏ। ଏହା ସହିତ ଉଭୟ ସଂଗଠନ କର୍ମଶାଳା, ତାଲିମ କାର୍ଯ୍ୟକ୍ରମ, ଗବେଷଣା ପ୍ରକଳ୍ପ ଏବଂ ବୈଷୟିକ କାର୍ଯ୍ୟକ୍ରମ ଭଳି ସହଯୋଗୀ ପଦକ୍ଷେପ ଗ୍ରହଣ କରିବେ। ଏହି ସହଭାଗିତାର ଲକ୍ଷ ହେଉଛି ଦକ୍ଷତା ବିକାଶକୁ ବୃଦ୍ଧି କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ର ଏବଂ ଅଧ୍ୟାପକଙ୍କ ପାଇଁ ଅର୍ଥପୂର୍ଣ୍ଣ ଶୈକ୍ଷିକ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ପାଇଁ ସୁଯୋଗ ସୃଷ୍ଟି କରିବା।

# ୨ମାସ ହେଲା ପାଉଣା ପାଇ ନାହାଁନ୍ତି ସ୍ୱର୍ଗଦ୍ୱାର ରକ୍ଷକ
# ୫ ଘଣ୍ଟା ବିଳମ୍ବରେ ହେଲା ଶବ ସତ୍କାର

ସୋର,(ସବ୍ୟୁ): ସୋର ପୌରାଞ୍ଚଳ ସ୍ୱର୍ଗଦ୍ୱାର ରକ୍ଷକଙ୍କ ପାଉଣା ୨ ମାସ ଧରି ମିଳୁ ନଥିବାରୁ ବୈକଟ କରିବାରୁ ଆଜି ୫ ଘଣ୍ଟା ବିଳମ୍ବରେ ଶବ ସତ୍କାର ହୋଇଛି । ଆଜି ସୋର ବ୍ଲକ କେଦାରପୁର ଗ୍ରାମର ସୀତାକାନ୍ତ ଜେନାଙ୍କର ପରଲୋକ ହୋଇଯିବା ପରେ ସକାଳ ୬ଟାରୁ ତାଙ୍କର ଶବକୁ ପରିବାର ଲୋକେ ସୋର ସ୍ୱର୍ଗଦ୍ୱାରକୁ ସତ୍କାର ପାଇଁ ଆଣିଥିବା ବେଳେ ସ୍ୱର୍ଗଦ୍ୱାର ଦାୟିତ୍ୱରେ ଥିବା ମୁନା ମହାରଣାଙ୍କୁ ଖବର ଦେଲେ ବି ତାଙ୍କୁ ଦରମା ମିଳୁ ନଥିବାରୁ ସେ ଆସି ନଥିଲେ । ତାଙ୍କର ଅଭିଯୋଗ ଅନୁସାରେ ଶ୍ରୀ ମହାରଣାଙ୍କୁ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଇ ସଫେଇ ଠିକା ସଂସ୍ଥାଠାରୁ ମାସିକ ଦରମା ପାଇ ସୁଚାରୁରୂପେ କାର୍ଯ୍ୟ ସମ୍ପାଦାନ କରିଆସୁଥିଲେ । ମାତ୍ର ଗତ ବର୍ଷେ ହେଲା ଶାରଳା ଏଜେନ୍ସି ସୋର ପୌରାଞ୍ଚଳ ସଫେଇ ଠିକା ନେବା ପରେ ଠିକ୍ ଭାବେ ପାଉଣା ଦେଉନଥିବା ବେଳେ ଗତ ଦୁଇମାସ ହେଲା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ଆଜି ସୀତାକାନ୍ତଙ୍କ ପରିବାର ଲୋକେ ଶବ ରଖି ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟ ଗେଟ୍ ଖୋଲି ନଥିଲା । ସମାଜସେବୀ ଶ୍ରୀଧର ମହାପାତ୍ର ଏବଂ ପୌର କର୍ମଚାରୀ ସେଠାରେ ପହଞ୍ଚି ସ୍ୱର୍ଗଦ୍ୱାର ରକ୍ଷକ ମୁନାକୁ ବୁଝାସୁଝା କରି ଦୀର୍ଘ ୫ ଘଣ୍ଟା ପରେ ସତ୍କାର କରାଯାଇଥିଲା । ଏ ସଂପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଠିକା ସଂସ୍ଥା ତରଫରୁ ନିଯୁକ୍ତି ପାଇଥିବା ମୁନା ମହାରଣା ପୌର କର୍ମଚାରୀ ନୁହଁନ୍ତି । ଠିକା ସଂସ୍ଥା ତରଫରୁ ନିଯୁକ୍ତି ପାଇଥିବାରୁ କ'ଣ ଦରମା ପାଇଲେ ନପାଇଲେ ଜଣାନାହିଁ । ତେବେ ଆଜିର ଉପୁଜିଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଏଭଳି ଅସୁବିଧା ନହେବା ପାଇଁ ଜଣେ ଆଜିଠାରୁ ଜଣେ ପୌର କର୍ମଚାରୀଙ୍କୁ ସ୍ୱର୍ଗଦ୍ୱାର ଦାୟିତ୍ୱ ଦିଆଯାଇଛି ।

# ଜ଼ିଲ୍ଲା ସ୍ତରୀୟ ଆଶା ସମ୍ମିଳନୀ ୨୦୨୬ ଅନୁଷ୍ଠିତ

ପୁରୀ, (ସବ୍ୟୁ): ପୁରୀ ଟାଉନ ହଲ ଠାରେ ଜ଼ିଲ୍ଲା ସ୍ୱାସ୍ଥ୍ୟ ସମିତି, ପୁରୀ ତରଫରୁ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ, ପୁରୀ ଯୋଗ ଦେଇଥିଲା ବେଳେ ଡା. ଅକ୍ଷୟକୁମାର ଶତପଥି ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ପୁରୀ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବରେ ତନୁପ୍ରଭା ବେଉରା , ଜ଼ିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ପୁରୀ ଏବଂ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ସେନାପତି, ଅତିରିକ୍ତ ଜ଼ିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ, ପୁରୀ ଯୋଗ ଦେଇଥିଲେ , ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜ଼ିଲ୍ଲାର ସମସ୍ତ ଏଡିପିଏଚଓ ଏବଂ ଜ଼ିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ଓ ଶ୍ୟାମ ସୁନ୍ଦର ତ୍ରିପାଠୀ , ଜ଼ିଲ୍ଲା ପ୍ରକଳ୍ପ ପରିଚାଳକ, ଜ଼ତୀୟ ସ୍ୱାସ୍ଥ୍ୟ ମିଶନ, ପୁରୀ ଅତିଥି ମାନଙ୍କର ପରିଚୟ କରାଇବା ସହିତ ତାଙ୍କୁ ସମ୍ବର୍ଦ୍ଧିତ କରି ଥିଲେ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା , ଅଶୋକ କୁମାର ସାହୁ , ଆଶା ସଂଯୋଜକ, ପୁରୀ ଏହି ସମ୍ମିଳନୀର ଉଦେଶ୍ୟ ବିସ୍ତୃତ ଭାବେ ଉଲେଖ କରିଥିଲେ ଓ ଏହା ପରେ ସମସ୍ତ ଅତିଥିମାନଙ୍କ ଦ୍ୱାରା ଆଶା ଓ ଗାଁକଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ମାନଙ୍କର ଆଜିର ପରିସ୍ଥିତିରେ ଭୁମିକା ସମ୍ପର୍କରେ ଆଲୋକପାତ କରିଥିଲେ ଓ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ, ପୁରୀ, ଉଭୟ ଗ୍ରାମାଞ୍ଚଳ ଓ ସହରାଂଚଳ ରେ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ପାଖରେ ପହଁଚେଇବା ପାଇଁ ଆଶା କର୍ମୀ ମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନିଅ ବୋଲି କହିଥିଲେ ଓ ମାତୃ ଓ ଶିଶୁ ସୁରକ୍ଷା , ଟୀକାକରଣ, ପୌଷ୍ଟିକ ଆହର ଓ ବିଭିନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟ କର୍ମକୁ ସଫଳ କରିବାରେ ଆଶା କର୍ମୀ ମାନଙ୍କ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଓ ଅନ୍ୟ ସମସ୍ତ ଅତିଥିବୃନ୍ଦ ଆଶାମାନଙ୍କର କାର୍ଯ୍ୟକୁ ଭୁୟସୀ ପ୍ରଂଶସା କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବାରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୮ ଜଣ ଆଶାକର୍ମୀ , ୧୨ ଗୋଟି ଗାଁ କଲ୍ୟାଣ ସମିତି , ୧୧ ଗୋଟି ଉପ କେନ୍ଦ୍ର ଜନ ଆରୋଗ୍ୟ ସମିତି, ୩୩ ଗୋଟି ମହିଳା ଆରୋଗ୍ୟ ସମିତିକୁ ଅର୍ଥ ପ୍ରଦାନ ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା ଓ ଆଶାମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା ଏବଂ ଉନତ ପ୍ରଦର୍ଶନ କରିଥିବା ଆଶା ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

### ପ୍ରଧାନମନ୍ତ୍ରୀ ଦେଶର ସମ୍ମାନକୁ ନେଇ

# ଟ୍ରମ୍ପଙ୍କ ସହ ସାଲିସ କରିଛନ୍ତି : ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ




କହିଲେ ଯେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ପଦମର୍ଯ୍ୟଦା ଓ ଦେଶର ସମ୍ମାନକୁ ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ପାଖରେ ସାଲିସ କରିଛନ୍ତି । ଟ୍ରମ୍ପଙ୍କ କଥାରେ ସେ ଏକ କାଠ କେ,,ଇର ଭୂମିକା କରୁଛନ୍ତି । ଟ୍ରମ୍ପଙ୍କର ଗୋଟିଏ ନିର୍ଦ୍ଦେଶରେ ସେ ରୁଷରୁ ତେଲ କିଣିବା ବନ୍ଦ କରିଦେଲେ । ପୁଣି ଟ୍ରମ୍ପଙ୍କ ନିର୍ଦ୍ଦେଶରେ ମାସକ ପାଇଁ ରୁଷରୁ ତେଲ କିଣିବେ । ଭାରତ କେଉଁଠୁ ତେଲ କିଣିବା କାହା ସହିତ ବ୍ୟବସାୟ କରିବ ତାହା ଆମେରିକା ନିର୍ଦ୍ଦେଶରେ ହିଁ ହେବ । ତେବେ ଦେଶ ପୁଣିଥରେ ପରାଧିନ ହୋଇଗଲାକି ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି । ଗତବର୍ଷ ଘରୋଇ ଗ୍ୟାସ ସିଲିଣ୍ଡର ପିଛା ମୋଦି ସରକାର ୫୦ ଟଙ୍କା ବଢ଼ାଇଥିଲେ ଏବର୍ଷ ପୁଣି ୬୦ ଟଙ୍କା ବଢ଼ାଇଲେ । ବ୍ୟବସାୟୀକ ଗ୍ୟାସ ସିଲିଣ୍ଡର ପିଛା ୧୧୫ ଟଙ୍କା ବଢ଼ିଛି । ଏବେ ଗ୍ୟାସ ଅଭାବ କାରଣରୁ ସ୍କୁଲ, କଲେଜ, ହଷ୍ଟେଲ, ହସପିଟାଲ ଗୁଡ଼ିକରେ ଅଭାବନୀୟ ପରିସ୍ଥିତି ଦେଖାଦେଲାଣି । ଆବାସିକ ସ୍କୁଲ ଗୁଡ଼ିକ ବନ୍ଦ ହେବା ପରିସ୍ଥିତିକୁ ଗଲାଣି । ହୋଟେଲ ଗୁଡ଼ିକ ମଧ୍ୟ ବନ୍ଦ ହେବା ପରିସ୍ଥିତି ପହଁଲାଣି । ସାରା ଦେଶରେ ଗ୍ୟାସ ଅଭାବର ହା ହା କାର ପରିସ୍ଥିତି ଥିବା ସରକାର କହୁଛନ୍ତି ଗ୍ୟାସ ମହଜୁଦ ଅଛି । ସେପଟରେ କଳାବଜାରି ମାନେ ସରକାରଙ୍କର ନିୟନ୍ତ୍ରଣ ଅଭାବାରୁ ଏହି ପରିସ୍ଥିତିରୁ ଫାଇଦା ନେଉଛନ୍ତି । ସୁତରାଂ ବର୍ଦ୍ଧିତ ଗ୍ୟାସଦର ପ୍ରତ୍ୟାହାର କରିବା ସହିତ ପରିସ୍ଥିତିର ନିୟନ୍ତ୍ରଣ ନକଲେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବ । ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସଂପାଦକ ସୁଦିପ ସାମଲ, ଜାଭେଦ ଅକତର ଉପସ୍ଥିତ ଥିଲେ ।

### ବିଆଇପିଏଫ୍ ର ସାମାଜିକ ପ୍ରଭାବର ୧୫ ବର୍ଷ ପୂରଣ

# ପରିବର୍ତ୍ତନକାରୀମାନଙ୍କୁ ଶାମ୍ଭବୀ ପୁରସ୍କାର ୨୦୨୬ରେ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ ( ବିଆଇପିଏଫ୍ ) ସାମାଜିକ ବିକାଶରେ ଏହାର ଯାତ୍ରାର ୧୫ ବର୍ଷର ସ୍ମୃତିଚାରଣ କରି ଶାମ୍ଭବୀ ପୁରସ୍କାରର ୧୩ତମ ସଂସ୍କରଣ ପ୍ରଦାନ କରିଛି, ଯାହା ଓଡ଼ିଶାରେ ତୃଣମୂଳ ସ୍ତରର ସାମାଜିକ କାର୍ଯ୍ୟରେ ଉତ୍କର୍ଷତା ଏବଂ ନବସୃଜନକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ତାଙ୍କ ସହିତ ମ୍ୟାଜିକ୍ ବସ୍ ଇଣ୍ଡିଆ ଫାଉଣ୍ଡେସନ ର ଗ୍ଲୋବାଲ୍ ସିଇଓ ଶ୍ରୀଜୟନ୍ତ ରସ୍ତୋଗୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ସମାରୋହ ଭୁବନେଶ୍ୱର ର ମେଫେୟାର କନଭେନସନରେ ଅନୁଷ୍ଠିତ ହୋଇଥିଲା। ବିଗତ ୧୫ବର୍ଷ ମଧ୍ୟରେ,ବିଆଇପିଏଫ୍ ଓଡ଼ିଶାର ଛଅଟି ଜିଲ୍ଲାରେ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିଛି, ୬୯୦ ଗ୍ରାମ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ଏହାର ସମ୍ପ୍ରଦାୟ-ନେତୃତ୍ୱାଧୀନ ବିକାଶ ପଦକ୍ଷେପ ମାଧ୍ୟମରେ ୨.୭ ନିୟୁତରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବରେ ସ୍ପର୍ଶ କରିଛି। ଏହି ମାଇଲଖୁଣ୍ଟକୁ ସ୍ମରଣୀୟ କରିବା ପାଇଁ, ପ୍ରତିଷ୍ଠାନର ଯାତ୍ରା ଉପରେ ଏକ କଫି ଟେବୁଲ୍ ପୁସ୍ତକ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।




୨୦୧୩ ମସିହାରେ ପ୍ରତିଷ୍ଠା ହୋଇଥିବା ଶାମ୍ଭବୀ ପୁରସ୍କାର ଓଡ଼ିଶାରେ ପରିବର୍ତ୍ତନକାରୀ ସାମାଜିକ ପ୍ରଭାବ ସୃଷ୍ଟି କରିବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଏବଂ ସଂଗଠନଗୁଡ଼ିକୁ ପାଳନ କରେ। ଦୁଇଟି ସଂଗଠନ - ସାଥି ପରିବାର ଏବଂ ବଲାଙ୍ଗୀରର ଗ୍ରାମୋଦ୍ୟୋଗ ସମିତି (ବିଜିଏସ୍) - ଶାମ୍ଭବୀ ପୁରସ୍କାର ୨୦୨୬ ରେ ସମ୍ମାନିତ ହୋଇଥିଲେ, ପ୍ରତ୍ୟେକଙ୍କୁ ୫ ଲକ୍ଷ, ଏକ ପ୍ରଶଂସାପତ୍ର ଏବଂ ଏକ କ୍ରେଷ୍ଟ ପ୍ରଦାନ କରାଯାଇଥିଲା। ସମସାମୟିକ ବଜାର ପାଇଁ ଓଡ଼ିଶାର ବୟନ ଐତିହ୍ୟକୁ ଗ୍ରହଣ କରିବା ସହିତ ତାଙ୍କ ପ୍ରଭାବଶାଳୀ ଅବଦାନ ପାଇଁ ବରଗଡର ଡକ୍ଟର ସସ୍ମିତା ମେହେରଙ୍କୁ ୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ତୋରା ଏବଂ ନିକଟସ୍ଥ ଗ୍ରାମଗୁଡିକର ପ୍ରାୟ ୧୦୦ ସୀମାନ୍ତବର୍ତ୍ତୀ ମହିଳାଙ୍କୁ ସ୍ଥାୟୀ ଜୀବିକା ପାଇଁ ସଶକ୍ତ କରିଛନ୍ତି। ଏକ ବିଶେଷ ଯୋଗ ଭାବରେ, ଶାମ୍ଭବୀ ଯୁବ ଆଇକନ୍ ପୁରସ୍କାର ଓଡ଼ିଶାର କନ୍ଧମାଳ ଜିଲ୍ଲାର ଜିରିଡିକିଆ ଗାଁର ଭଉଣୀ ସର୍ମିଲତା ପ୍ରଧାନ ଏବଂ ଯମୁନା ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ତାଙ୍କ ମୁଖ୍ୟ ଭାଷଣରେ କହିଥିଲେ "ରାଜ୍ୟର ଛୋଟ ଛୋଟ ସ୍ଥାନରେ ପରିବର୍ତ୍ତନମୂଳକ କାର୍ଯ୍ୟ ହେଉଥିବା ଦେଖି ଉତ୍ସାହିତ ହେଉଛି। ଛୋଟ ଛୋଟ ପ୍ରୟାସ ଏକ ବଡ଼ ପ୍ରଭାବ ପକାଇବାରେ ବହୁତ ସାହାଯ୍ୟ କରିପାରିବ। ସାମାଜିକ ବିକାଶରେ ତୃଣମୂଳ ସ୍ତରରେ ଚାମ୍ପିଅନମାନଙ୍କ ପଦକ୍ଷେପ ବାଲ୍ୟବିବାହ ଏବଂ କୁପୋଷଣ ଭଳି ସାମାଜିକ କୁପ୍ରଥା ବିରୁଦ୍ଧରେ ଲଢ଼ିବାରେ ସରକାରଙ୍କ କାର୍ଯ୍ୟକୁ ମଜବୁତ କରିଛି। ସମାଜରେ ବୃଦ୍ଧି ପାଉଥିବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଭଳି ଜରୁରୀ ଚ୍ୟାଲେଞ୍ଜ ଉପରେ କାମ କରିବାକୁ ମୁଁ ଯୁବପିଢ଼ିଙ୍କୁଆହ୍ୱାନ କରୁଛି। ଏହି ଅବସରରେ, ବିଆଇପିଏଫ୍ ର ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀମତୀ ଶୈଫାଳିକା ପଣ୍ଡା କହିଛନ୍ତି: "ଆମେ ବିଆଇପିଏଫ୍ ର ୧୫ ବର୍ଷ ପାଳନ କରୁଥିବା ସମୟରେ, ମୁଁ ଏହି ବର୍ଷର ଶାମ୍ଭବୀ ପୁରସ୍କାର ବିଜେତାମାନଙ୍କୁ ସମ୍ମାନିତ କରିବାକୁ ବିନମ୍ର। ଏହାର ମୂଳରେ ବିକାଶ ହେଉଛି ଲୋକଙ୍କ ବିଷୟରେ, ଏବଂ ଯେତେବେଳେ ପରିବର୍ତ୍ତନକାରୀମାନେ ହାତ ମିଳନ୍ତି, ଆମେ ବ୍ୟବସ୍ଥାଗତ ପରିବର୍ତ୍ତନ ପାଇଁ ଏକ ଦୃଢ଼ଇକୋସିଷ୍ଟମ ସୃଷ୍ଟି କରୁ। ମ୍ୟାଜିକ୍ ବସ୍ ଫାଉଣ୍ଡେସନ୍‌ର ଗ୍ଲୋବାଲ୍ ସିଇଓଜୟନ୍ତରସ୍ତୋଗୀ କହିଛନ୍ତି: "୧୫ ବର୍ଷରେ ସ୍ଥାୟୀ ବିକାଶ କାର୍ଯ୍ୟ ସହଜ ନୁହେଁ; ଏଥିପାଇଁ ଦୃଢ଼ବିଶ୍ୱାସ, ଧୈର୍ଯ୍ୟ ଏବଂ ଗଭୀର ବିଶ୍ୱାସ ଆବଶ୍ୟକ। ବର୍ଷେ ବର୍ଷେ ଧରି, ଶାମ୍ଭବୀ ପୁରସ୍କାର ସାମାଜିକ ବିକାଶ କ୍ଷେତ୍ରରେ ଓଡ଼ିଶାର ସବୁଠାରୁ ସମ୍ମାନଜନକ ସ୍ୱୀକୃତି ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି, ଯାହା ତୃଣମୂଳ ସ୍ତରରେ ଅର୍ଥପୂର୍ଣ୍ଣ ଏବଂ ସ୍ଥାୟୀ ପରିବର୍ତ୍ତନ ଆଣିଥିବା ବ୍ୟକ୍ତି ଏବଂ ସଂଗଠନଗୁଡ଼ିକୁ ପାଳନ କରୁଛି।

# ମହିଳା ସଂଘର ଏକତ୍ରୀକରଣ କାର୍ଯ୍ୟକ୍ରମ



ଧରାକୋଟ, (ସବ୍ୟୁ): ନିକଟସ୍ଥ ମୁଣ୍ଡମରାଇ କଳିଙ୍ଗ ବୈଶ ମହିଳା ସଂଘ ପକ୍ଷରୁ ସଂଘର ଏକତ୍ରିକରଣ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମର ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ସଚଳା ପଟ୍ଟନାୟକ, ସଂଘର ସଭାନେତ୍ରୀ ସସ୍ମିତା ସୁବୁଦ୍ଧି, ସମ୍ପାଦିକା ଚାନ୍ଦିନୀ ସୁବୁଦ୍ଧି, କୋଷାଧ୍ୟକ୍ଷ ସୁଶ୍ରୀ ଚୌଧୁରୀ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ସଚଳା ପଟ୍ଟନାୟକ ଅଭିଭାଷଣରେ କହିଥିଲେ ଯେ ନାରୀ ଖାଲି ପରିବାରକୁ ଚଳାଏ ନାହିଁ ବରଂ ତାର ସମାଜକୁ ଚଳାଇବାର ମଧ୍ୟ କ୍ଷମତା ରହିଛି । ନାରୀ ପାଖରେ ଯୋଉ ସବୁ ଅନ୍ତର୍ନିହିତ ଗୁଣ ବା ପ୍ରତିଭା ଲୁକାଇତ ଅବସ୍ଥାରେ ରହିଛି ତାକୁ ଜନ ଜାଗରଣଙ୍କ ଆଗରେ ପଦାର୍ପଣ କଲେ ସମାଜର ଉନ୍ନତି ହେବା ସହିତ ଦେଶ ବିକଶିତ ଆଡ଼କୁ ଅଗ୍ରଗତି କରିବ । ଦେଶର ସର୍ବୋଚ୍ଚ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଥମ ଆଇପିଏସ କିରଣ ବେଦି, ବାୟୁସେନାର ପ୍ରଥମ ରାଫେଲ ପାଇଲଟ ସିଭାଙ୍ଗି ଙ୍କ କଥା କହି ଉଦାହରଣ ସୃଷ୍ଟି କରିଥିଲେ । ଏହି କାର୍ଯ୍ୟ କ୍ରମରେ ସମସ୍ତ ସଦସ୍ୟା ଅଂଶଗ୍ରହଣ କରି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ ।

# ଏଲପିଜି ସହ ପେଟ୍ରୋଲ ଓ ଡିଜେଲ ମହଜୁଦ : ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ

ଭଞ୍ଜନଗର, (ସବ୍ୟୁ): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯେତିକି ଯେତିକି ବଢୁଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ନେଇଁ ଖାଉଟି ସେତିକି ବିଚଳିତ ହେବାରେ ଲାଗିଛନ୍ତି । ଚାରିଆଡ଼େ ଏବେ ଖାଇବା ତେଲ, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସକୁ ନେଇ ବିଭିନ୍ନ ପ୍ରକାର ଗୁଜବ ସୃଷ୍ଟି ହେଉଛି । ଏହାର ପରିଣାମ ଖାଉଟି ଭୋଗୁଥିବା ବେଳେ କିଛି ଅସାଧୁ ବେପାରୀ ଏଥିରୁ ଫାଇଦା ନେବା ପାଇଁ ପ୍ରୟାସ ଚଳାଇଛନ୍ତି ।

ଏଣୁ ଏହାକୁ ଦୃଷ୍ଟିରେ ରଖି ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶନିବାର ଉପଖଣ୍ଡର ବିଭିନ୍ନ ଗ୍ୟାସ ଦୋକାନ ଓ ହୋଟେଲ ରେ ଚଢାଉ କରି ଯାଞ୍ଚ କରାଯାଇଛି । ସୂଚନା ମୁତାବକ ଭଞ୍ଜନଗର ଉପଖଣ୍ଡରେ ୨ ଲକ୍ଷ ୫୨ ହଜାର ୮୯୨ ଜଣ ଘରୋଇ ଓ ୧୦୫୩ ଜଣ ବାଣିଜ୍ୟିକ ଗ୍ୟାସ ଉପଭୋକ୍ତା ଥିବାବେଳେ ଶନିବାର ସୁଦ୍ଧା ଉପଖଣ୍ଡର ଆସିକାରେ ୯୨୬ ଟି ଘରୋଇ ଓ ୧୯୧ଟି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମହଜୁଦ ରହିଛି । ସେହିପରି ବେଲଗୁଣ୍ଠାରେ ୪୩୨ଟି ଘରୋଇ ଓ ୫୮ଟି ବାଣିଜ୍ୟିକ, ଭଞ୍ଜନଗରରେ ୮୬୬ଟି ଘରୋଇ ଓ ୧୯ଟି ବାଣିଜ୍ୟିକ, ବୁଗୁଡାରେ ୬୧୧ଟି ଘରୋଇ ଓ ୨୮ଟି ବାଣିଜ୍ୟିକ, ଧରାକୋଟରେ ୮୦୨ଟି ଘରୋଇ ଓ ୯ଟି ବାଣିଜ୍ୟିକ, ଜଗନ୍ନାଥପ୍ରସାଦରେ ୩୩୮ଟି ଘରୋଇ ଓ ୧୬୬ଟି ବାଣିଜ୍ୟିକ, ଶେରଗଡରେ ୩୫୧ଟି ଘରୋଇ ଓ ଗୋଟିଏ ବାଣିଜ୍ୟିକ ଏବଂ ସୋରଡ଼ାରେ ୬୮୬ଟି ଘରୋଇ ଓ ୧୫ଟି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମହଜୁଦ ରହିଛି । କଳାବଜାରୀ ରୋକିବା ସହ ଶୃଙ୍ଖଳିତ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ବଣ୍ଟନ ପାଇଁ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ନିର୍ଦ୍ଦେଶ କ୍ରମେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକାଧିକ ଟିମ ଗଠନ କରାଯାଇଛି । ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଅବିନାଶ ମହାର, ଏସଆଇ ଲକ୍ଷ୍ମୀଧର ମହାନ୍ତି, ଭଞ୍ଜନଗର ଯୋଗାଣ ନିରୀକ୍ଷକ ଶୁଭଶ୍ରୀ ବନଜାଜେନାଙ୍କୁ ନେଇ ଗଠିତ ଏକ ଟିମ ଶନିବାର ଭଞ୍ଜନଗରର ବିଭିନ୍ନ ଗ୍ୟାସ ଦୋକାନ ଓ ହୋଟେଲ ରେ ଚଢାଉ କରିଛନ୍ତି ।



ସେହିପରି ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ମଧ୍ୟ ଯାଞ୍ଚ କରାଯାଇଛି । ବର୍ତ୍ତମାନ ଉପଖଣ୍ଡ ରେ ପ୍ରଚୁର ଗ୍ୟାସ, ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି । କୌଣସି ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ । ଗ୍ୟାସ କଳାବଜାରୀ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏବଂ ଆଗାମୀ ଦିନରେ ଏହି ଚଢ଼ଉ ଜାରି ରହିବ ବୋଲି ଉପଜିଲ୍ଲାପାଳ ଶ୍ରୀ ବେହେରା କହିଛନ୍ତି ।

# ଦିବ୍ୟାଙ୍ଗ ମହିଳା ରୋଗୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର: ଥାନାରେ ମାମଲା

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଜଣେ ଦିବ୍ୟାଙ୍ଗ ମହିଳା ରୋଗୀ ଚିକିତ୍ସା ସହାୟତା ପାଇଁ ଆସିଥିବା ବେଳେ କାର୍ଯ୍ୟରତ ଜଣେ ମହିଳା ଡାକ୍ତର ସଂପୃକ୍ତ ରୋଗୀଙ୍କୁ ମାଡ ମାରିବା ସହ ଗାଳିଗୁଲଜ କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ।

ଏନେଇ ରୋଗୀଙ୍କ ସଂପର୍କୀୟ ଭଞ୍ଜନଗର ଥାନା ରେ ଏତଲା ଦେବା ପରେ ପୋଲିସ ୨୧୧/୨୦୨୬ ରେ ଏକ ମାମଲା ରୁଜୁ କରି ପୀଡିତା ମହିଳାଙ୍କ ବୟାନ ରେକର୍ଡ କରିଛି । ସଂପୃକ୍ତ ମହିଳା ଡାକ୍ତରଙ୍କ ନିକଟକୁ ନୋଟିସ ଜାରି କରିଛି ପୋଲିସ । ଏଭଳି ଘଟଣା ଭଞ୍ଜନଗର ସହରରେ ଏବେ ବିଶେଷ ଚର୍ଚ୍ଚାର ବିଷୟ ପାଲଟିଛି । ଶୁକ୍ରବାର ରାତିରେ ଭଞ୍ଜନଗର ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମର ଅଲେଖ ଭୂୟାଁ ଙ୍କ ପନୀ ରେଣୁକା ଭୂୟାଁଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ଉକ୍ତ ଦିବ୍ୟାଙ୍ଗ ମହିଳାଙ୍କୁ ତାଙ୍କ ଭାଣିଜୀ ପ୍ରମିଳା ଭୂୟାଁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ଏହି ସମୟରେ ଓପିଡି ରେ କାର୍ଯ୍ୟରତ ମହିଳା ଡାକ୍ତର ପ୍ରମିଳାଙ୍କ ମୋବାଇଲ ଫୋନ ବାଜିବାରୁ ବିରକ୍ତ ହୋଇଥିଲେ । ପରେ ପୁଣିଥରେ ମୋବାଇଲ ବାଜିବାରୁ ରୋଗୀଙ୍କ ସଂପର୍କୀୟ ଫୋନ ରିସିଭ କରିବାରୁ ଏଥିରେ ଉତକ୍ଷିପ୍ତ ହୋଇ ଦିବ୍ୟାଙ୍ଗ ମହିଳାଙ୍କୁ ମହିଳା ଡାକ୍ତର ଜଣକ ରାଗିଯାଇ ମାଡ ମାରିଥିବା ଓ ଏହାର ପ୍ରତିବାଦ କରିବାରୁ ତାଙ୍କ ଭାଣିଜୀଙ୍କୁ ମଧ୍ୟ ମାଡ ମାରିବା ସହ ହ୍ୱିଲ ଚେୟାରକୁ ଠେଲି ବାହାର କରିଦେବା ଭଳି ଘଟଣା ସାମ୍ନାକୁ ଆସିଛି । ଡାକ୍ତରଙ୍କ ମାଡରେ ମହିଳାଙ୍କ କାନରୁ ସୁନା ରିଙ୍ଗ ଛିଣ୍ଡି କେଉଁଆଡ଼େ ପଡ଼ିଯାଇଥିଲା । ଏନେଇ ଦିବ୍ୟାଙ୍ଗ ମହିଳା ରେଣୁକା ଭୂୟାଁ ଙ୍କ ପୁଅ ଧର୍ମରାଜ ଭୂୟାଁ ଥାନାରେ ଏତଲା ଦେଇଛନ୍ତି । ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନା ପ୍ରକାରେ ପୁଲିସ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତଦନ୍ତ ଆରମ୍ଭ କରିଛି ।

# ଦଣ୍ଡନାଚକୁ ନେଇ ଜିଲ୍ଲାପାଳ ଜାରି କଲେ ମାର୍ଗଦର୍ଶିକା

ବ୍ରହ୍ମପୁର ,(ସବ୍ୟୁ): ଗଞ୍ଜାମ ଜିଲ୍ଲାର ସର୍ବ ପୁରାତନ ତଥା ଜିଲ୍ଲାବାସୀଙ୍କ ଧାର୍ମିକ ଚିନ୍ତାଧାରା ଓ ବିଶାସକୁ ନେଇ ଜିଲ୍ଲାରେ ଅନୁଷ୍ଠିତ ହେଉଥିବା ଲୋକ ପରମ୍ପରା ସହିତ ଜଡିତ ଦଣ୍ଡନାଚରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ପରିପ୍ରେକ୍ଷୀ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାର୍ଗ ଦର୍ଶିକା ଜାରି କରାଯାଇଛି । ଦଣ୍ଡନାଚରେ ଧୂଳିଦଣ୍ଡ ସମୟରେ ପାରମ୍ପରିକ ଢଗଢମାଳି ଏବଂ ଲୋକ ସଙ୍ଗୀତର ବ୍ୟବହାର ଅନୁମୋଦିତ । କୌଣସି ଅଶାଳୀନ ଏବଂ ଦ୍ୱିଅର୍ଥ ବୋଧକ ଶବ୍ଦର ପ୍ରୟୋଗ ନିଷିଦ୍ଧ କରାଯାଇଛି ।ରାତ୍ର ମଞ୍ଚରେ କେବେଳ ପାରମ୍ପରିକ କଳା ଅନୁମୋଦିତ ।ଜିଲ୍ଲାର ମହାନଗର ନିଗମ ସ୍ତରରେ କମିଶନର,ସ୍ଥାନୀୟ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥାନା ଅଧିକାରୀ,ଏନ ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘଙ୍କୁ ନେଇ ଏକ କମିଟି ଗଠନ କରାଯିବ । ପ୍ରତି ବର୍ଷ ଦଣ୍ଡନାଚ ଆରମ୍ଭ ପୂର୍ବରୁ ବ୍ଲକ/ ମହାନଗର ନିଗମ ସ୍ତରରେ ସମସ୍ତ ଦଣ୍ଡନାଚର ମୁଖ୍ୟ ପରିଚାଳକଙ୍କ ଗହଣରେ ଏକ ବୈଠକ ଆଗତ କରି ପ୍ରଶାସନ ଦ୍ୱାରା ପ୍ରସ୍ତୁତ ପରିଚାଳନ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରାଯିବ । ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକୀୟ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କ ଠାରୁ ଅନୁମତି ନେବା ବାଧ୍ୟତାମୂଳକ । ଅନୁମତି ଦରଖାସ୍ତରେ ଦଣ୍ଡନାଚର ସବିଶେଷ ତଥ୍ୟ ଯଥା ନାଟକ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ, କଳାକାରଙ୍କ ନାମ,ଠିକଣା, କେତେ ଦିନ ଓ କେଉଁ କେଉଁ ସ୍ଥାନରେ ଦଣ୍ଡନାଚ ପରିବେଷଣ କରିବେ ତଥ୍ୟ ପ୍ରଦାନ କରିବେ । ଦଣ୍ଡନାଚ ପରିବେଷଣ ସମୟରେ ଉପରୋକ୍ତ ପରିଚାଳନ ପ୍ରଣାଳୀ ରେ ବ୍ୟତିକ୍ରମ ଘଟିଲେ ଉଲଙ୍ଘନ କାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ମା ଖମ୍ବେଶ୍ୱରୀ ଠାକୁରାଣୀ ମନ୍ଦିରରୁ ଚୋରି : ୨ ଅଟକ

ଆସିକା, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସମେତ ଆସିକାର ଆରାଧ୍ୟାଦେବୀ ମା ଖମ୍ବେଶ୍ୱରୀ ଠାକୁରାଣୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରରେ ଚୋରହୋଇଛି । ଦୁର୍ବୃତ୍ତ ମାନେ ମନ୍ଦିର ଗର୍ଭ ଗୃହର ତାଲା ଭାଙ୍ଗି ମାଙ୍କ ଅଳଙ୍କାର ଚୋରି କରିଛନ୍ତି । ମନ୍ଦିର ଭିତରେ ଲାଗିଥିବା ସିସି କେମେରା ଭାଙ୍ଗି ଚୋରମାନେ ଚୋରି କରିଥିବା ଜଣାପଡ଼ିଛି । ଶନିବାର ସକାଳୁ ମନ୍ଦିର ଖୋଲିବା ପାଇଁ ପୂଜାରୀ ଆସିଥିବା ବେଳେ ମା ଙ୍କ ବିଜେ ବଖରା ର ମୁଖ୍ୟ କବାଟ ତାଲା ଭାଙ୍ଗି ପଡ଼ିଥିବା ଦେଖି ଆଚମ୍ବିତ ହୋଇପଡ଼ିଥିଲେ । ଦେଖୁ ଦେଖୁ ମା ଙ୍କ ପ୍ରତିମାରୁ ଆଖି ନାକ ପାଟି ଓ ଝିଭ ଇତ୍ୟାଦି ନଥିବା ,ପୂଜା ଫୁଲ ଅନ୍ୟାନ୍ୟ ଜିନିଷ ପତ୍ର ଛିନ ଛତ୍ର ହୋଇ ପଡ଼ିଥିବା ଦେଖି ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ । ଆସିକା ପୋଲିସ ମନ୍ଦିର ରେ ପହଞ୍ଚି ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ଯୋଗୁଁ ମନ୍ଦିର ପୂଜା ନୀତି କାନ୍ତି ବିଳମ୍ବ ଘଟିଛି । ମନ୍ଦିର ପରିଚାଳନା କମିଟିର ଅଭିଯୋଗ କୁ ନେଇ କେସ ନଂ ୯୯/୨୦୨୬ ରେ ମାମଲା ରୁଜୁ କରି ସନ୍ଦେହରେ ଦୁଇ ଯୁବକଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରୀ ରଖିଥିବା ଥାନା ଅଧିକାରୀ ସୁଧୀର ସାହୁ ପ୍ରକାଶ କରିଛନ୍ତି ।

# ଶିକ୍ଷୟିତ୍ରୀ ଠକେଇର ଶିକାର : ହରାଇଲେ ୧୬ ଲକ୍ଷ

ବ୍ରହ୍ମପୁର, (ସବ୍ୟୁ): ଠକେଇର ଶିକାର ହୋଇଛନ୍ତି ଜଣେ ମହିଳା । ଅନଲାଇନ ନିବେଶ କରି ଜଣେ ଶିକ୍ଷୟିତ୍ରୀ ୧୬ ଲକ୍ଷ ଟଙ୍କା ହରାଇଥିବା ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ ହୋଇଛି । ପୋଲିସ ୨୧/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଘଟଣାରୁ ପ୍ରକାଶ ଯେ, ଗୋସାଇଁ ନୂଆଗାଁ ଥାନା ହାଉସିଂବୋର୍ଡ ବ୍ରିଟ କଲୋନୀରେ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରହୁଛନ୍ତି । ଶିକ୍ଷୟିତ୍ରୀ ୨୦୨୩ ମସିହାରେ ଏକ ଅନଲାଇନ ନିବେଶକାରୀ ସଂସ୍ଥା ସହ ଯୋଗାଯୋଗରେ ଆସିଥିଲେ । ସେଥିରେ ଟଙ୍କା ନିବେଶ କରିବା ଦ୍ୱାରା କମ ବର୍ଷ ମଧ୍ୟରେ ୫୦ ପ୍ରତିଶତ ଲାଭବାନ ହେବେ ବୋଲି ଏଜେଣ୍ଟ କହିଥିଲା । ଏହାପରେ ସେ ପର୍ଯ୍ୟାୟକ୍ରମେ ସେଥିରେ ୧୬ ଲକ୍ଷ ଟଙ୍କା ନିବେଶ କରିଥିଲେ । ଇତି ମଧ୍ୟରେ ୪ ବର୍ଷ ବିତି ଯାଇଛି । ପ୍ରଥମ ଟଙ୍କା ନିବେଶକୁ ୩ ବର୍ଷ ପୁରିଲାଣି । କିନ୍ତୁ ଟଙ୍କାଟିଏ ବି ଫେରି ପାଇ ନାହାନ୍ତି । ଫଳରେ ଠକେଇର ଶିକାର ହୋଇଥିବା ସନ୍ଦେହ କରି ଶିକ୍ଷୟିତ୍ରୀ ଜଣଙ୍କ ସାଇବର ଥାନାରେ ଅଭିଯୋଗ କରିଛନ୍ତି ।

# ମଦ ଜବତ, ୭ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଶୁକ୍ରବାର ଅବକାରୀ, ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢଉ ବେଳେ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି । ଅଭିଯୁକ୍ତ ମାନେ ହେଲେ ସୁଷମା ମଲ୍ଲିକ, ମାନସ ମଲ୍ଲିକ, ସଜନୀ ମଲ୍ଲିକ, ସୀମାଞ୍ଚଳ ମଲ୍ଲିକ, ସୀତା ମଲ୍ଲିକ, ରବି ସେଠୀ ଓ ବିପ୍ର ମଲ୍ଲିକ । ସେମାନଙ୍କୁ ଗିରଫ କରାଯାଇଛି । ସେଠାରେ ଚଢ଼ଉ କରି ଟିମ ୧୧ ହଜାର ଲିଟର ପୋଚ ନଷ୍ଟ କରିଥିଲା । ଏପରିକି ପୋଚ ତିଆରିରେ ବ୍ୟବହୃତ ସାମଗ୍ରୀ ସବୁ ଜବତ କରିଥିଲା । ଉଭୟ ଅଞ୍ଚଳରୁ ୮୬୦ ଲିଟର ଦେଶୀ ମଦ ମଧ୍ୟ ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ଚଢ଼ଉରେ ବ୍ରହ୍ମପୁର ଅବକାରୀ ଉପ ଅଧୀକ୍ଷକ ସ୍ନେହଲତା ନାଏକ, ଦିଗପହଣ୍ଡି ଥାନା ଅଧିକାରୀ କିଶୋର ସାମଲ, ବ୍ରହ୍ମପୁର ଅବକାରୀ ଥାନା-୨ର ଅଧିକାରୀ ବି. ମନୋଜ କୁମାର, ଜିଲ୍ଲା ଷ୍ଟ୍ରାଇକିଂ ଫୋର୍ସ ଅଧିକାରୀ ମନିଷା ଭୋଳ, ଏସଆଇ ସଞ୍ଜୟ ଭୁକ୍ତ, ଏଏସଆଇ ଏନ. ତିରୁପତିଙ୍କ ସମେତ ଅବକାରୀ ଗୁଇନ୍ଦା ବିଭାଗ କର୍ମଚାରୀ ଓ ଏକ ପ୍ଲାଟୁନ ଏପିଆର୍ ଫୋର୍ସ ନିୟୋଜିତ ରହିଥିଲେ ।

# ବାରିପଦରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା, (ସବ୍ୟୁ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୧୨,୫୬୮ଟି ମାମଲା ମଧ୍ୟରୁ ୪୩୨୧ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨,୯୪,୮୫,୬୬୬ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି ।

ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ସମ୍ପର୍କିତ ୬୮୨୭ ଗୋଟି ମାମଲା ମଧ୍ୟରୁ ୮୦୯ଟି ମାମଲା ଅପୋଷ ବିଚାର ହୋଇ ୧କୋଟି ୨୨ଲକ୍ଷ ୧୮ ହଜାର ୯୫୯ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି ।

ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୫୭୪୧ ଗୋଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୫୮ ଟି ମଧ୍ୟରୁ ୩ ଟି, ଏନଆଇଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୨ଟି ମାମଲା ମଧ୍ୟରୁ ୨୪ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୬୬ଟି ରୁ ୧୫ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୯୭ଟି ରୁ ୧୫ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୧୪ଟି ମାମଲା ମଧ୍ୟରୁ ୩୮ଟି, ରାଜସ୍ୱ ମାମଲା ୩୪୪୯ଟି ମଧ୍ୟରୁ ୨୪୫୬ଟି, ଅନ୍ୟାନ୍ୟ ଦେଓ୍ୱାନୀ ମାମଲା ୨୧୭ଟି ମଧ୍ୟରୁ ୪୫ଟି, ଖାଉଟି ମାମଲା ସମ୍ବନ୍ଧୀୟ ୭ଟି ମଧ୍ୟରୁ ୧ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୨୬୫ଟି ମଧ୍ୟରୁ ୯୧୫ଟି ମିଶାଇ ମୋଟ ୩୫୧୨ଟି ମାମଲାର ଫଇସଲା କରାଯାଇ ମୋଟ ୧କୋଟି ୭୨ଲକ୍ଷ ୬୬ହଜାର ୭୦୭ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତ%୦ବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜେ୍ୟାତି ରାଉତ, ସିନିୟର ସିଭିଜ ଜଜ (ଏଲ୍ଆର ଓ ଏଲ୍‌ଟିଭି) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ, ଏସଡିଜେଏମ ଜୁଓ୍ୱେଲ ପଟ୍ଟନାୟକ, ଜେଏମଏଫସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି କୁମାରୀ ମଧୁଶ୍ରବା ମହାନ୍ତି, ଜେଏମଏଫସି ସୀମା ଅଗ୍ରଓ୍ୱାଲ, ଜେଏମଏଫସି (ଏଲ୍ଆର ଓ ଏଲ୍‌ଟିଭି) ଶୁଭ୍ରାଂଶୁ ଠାକୁର ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ସତ୍ୟ ନାରାୟଣ ବେହେରା, କମଲ କୁମାର କୁଆଁରବାବୁ, ଧିରେନ୍ଦ୍ର କୁମାର ମହାପାତ୍ର ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ/ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ୍ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।



# ବାଲ୍ୟବିବାହ ନିରାକରଣ ସଚେତନତା କର୍ମଶାଳା

ଭଦ୍ରକ, (ସବ୍ୟୁ): : ଜିଲ୍ଲା ଶିଶୁ ସୁରକ୍ଷାୟୁନିଟ, ଭଦ୍ରକ ପକ୍ଷରୁ ବାଲ୍ୟବିବାହ ନିରାକରଣ ନିମନ୍ତେ ସଚେତନତା କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କୁମାର କର,ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଆଇସିଡିଏସର ମହିଳା ପରିଦର୍ଶିକା ଶାନ୍ତିଲତା ଦାସ ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସଙ୍କ ମଂଚ ସଂଯୋଜନାରେ ବିଷୟ ବିଶାରଦ ରୂପେ ଲଲାଟେନ୍ଦୁ ମହାନ୍ତି ବାଲ୍ୟ ବିବାହ ନିମନ୍ତେ ଆଇନ ଓ ଦଣ୍ଡବିଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ବାଲ୍ୟବିବାହର କୁପରିଣତି ସହ ଶିଶୁର ଶିକ୍ଷା,ସ୍ୱାସ୍ଥ୍ୟ ଓ ଭବିଷ୍ୟତ କିପରି ପ୍ରଭାବିତ ହୁଏ ଦର୍ଶାଇଥିଲେ । ସେହିପରି ପ୍ରମୁଖ ଅତିଥି ବାଲ୍ୟବିବାହ ନିରାକରଣ ପାଇଁ ସଚେତନତାର ପ୍ରଚାର ପ୍ରସାର ଅଧିକ ଆବଶ୍ୟକ ଓ ଅପ୍ରାପ୍ତ ବୟସରେ ବିବାହ ଶିଶୁ ଅଧିକାର ଉଲଂଘନ କରେ ବୋଲି ମତବ୍ୟକ୍ତ କରିଥିଲେ ।

କୌଣସି ବ୍ୟକ୍ତି ବାଲ୍ୟବିବାହ ଘଟଣା ସୂଚନା ପାଇବା ମାତ୍ରେ ତୁରନ୍ତ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ, ପୋଲିସ ବା ବାଲ୍ୟବିବାହ ନିରାକରଣ ଅଧିକାରିଣୀଙ୍କୁ ଅବଗତ କରିବା ଉଚିତ୍ ବୋଲି କର୍ମଶାଳାରେ ଆଲୋକପାତ ହୋଇଥିଲା । ଏହି କର୍ମଶାଳାରେ ବିଭିନ୍ନ ବ୍ଲକରୁ ମହିଳା ପରିଦର୍ଶିକା, ଅଙ୍ଗନୱାଡ଼ି କର୍ମୀ, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ସଖୀ ସେଣ୍ଟରର ପ୍ରଶାସିକା ପୁଷ୍ପାଞ୍ଜଳି ବେହେରା, ପରିବାର ପରାମର୍ଶ କେନ୍ଦ୍ର, ଚାଇଲ୍ଡ ଲାଇନର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ, ଟିମ୍ ସଦସ୍ୟ ରମାକାନ୍ତ ଜେନା, ଲକ୍ଷ୍ମଣ ଜେନା, ଦିଗ୍‌ବିଜୟ ମହାନ୍ତି, ଚନ୍ଦ୍ରକାନ୍ତ ଗୋଛାୟତ, ଅମିତା ଦାସ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲା ଓକିଲ ସଂଘ ନିର୍ବାଚନ ପରିଚାଳନା ପାଇଁ ୨୩ଜଣ ସହନିର୍ବାଚନ ଅଧିକାରୀ ନିଯୁକ୍ତ

ବାରିପଦା,(ସବ୍ୟୁ): ଚଳିତମାସ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ଓକିଲ ସଂଘ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ତଥା ସୁରୁଖୁରୁରେ ପରିଚାଳନା କରିବା ପାଇଁ ୨୩ଜଣ ଓକିଲଙ୍କୁ ସହନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି ନିର୍ବାଚନ ଅଧିକାରୀ କିଶୋର ଚନ୍ଦ୍ର ମହାନ୍ତି। ନିଯୁକ୍ତି ପାଇଥିବା ସହନିର୍ବାଚନ ଅଧିକାରୀ ମାନେ ହେଲେ ଅଶୋକ କୁମାର ମହାପାତ୍ର, ସୁବୋଧ କୁମାର ଦାଶ, ଦୁଷ୍ମୋନ୍ତ କୁମାର ଦାଶ, ସୁଶାନ୍ତ କୁମାର ବେହେରା, ମୃତ୍ୟୁଞ୍ଜୟ ସିଂ, ଗୌରହରି ଜେନା, ମଧୁସ୍ମିତା ନାୟକ, ମାନସ ରଞ୍ଜନ ଦାସ, ଯୋଶୋଶ୍ରୀ ଅଧିକାରୀ, ଲିଙ୍ଗରାଜ୍ ମିଶ୍ର, କୈଳାସ ପ୍ରସାଦ ସାହୁ, ତାରାକାନ୍ତ ବେହେରା, ରାହୁଲ କାର୍ତ୍ତୀକ ସୋରେନ୍, ଜୟଶ୍ରୀ ଦାସ, ପ୍ରଣତୀ ମୁର୍ମୁ, ମାନସ ରଞ୍ଜନ ବେହେରା, ଚନ୍ଦନ ବନ୍, ସୁକୃତି ଶତପଥି, ସୁଶାନ୍ତ ପଣ୍ଡା, ଅଂଶୁମାନ ଷଡଙ୍ଗୀ, ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ମହମ୍ମଦ କଲିମ୍ ଓ ବନମାଳୀ ବାରିକ ପ୍ରମୁଖ। ସେହିପରି ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହୋଇଛି। ସଭାପତି ପଦ ପାଇଁ ଜେ୍ୟାତିପ୍ରକାଶ ରଥ ଓ ପ୍ରବୀର କୁମାର ବାଶା, ସମ୍ପାଦକ ପଦ ପାଇଁ ଜ୍ଞାନରଞ୍ଜନ ଜେନା ଓ ବିପ୍ଳବ ବାରିକ, ଯୁଗ୍ମସମ୍ପାଦକ ପାଇଁ ସ୍ୱରୂପ କୁମାର ମିଶ୍ର, ରତିକାନ୍ତ ସାହୁ, ଯୁଗ୍ମ ସମ୍ପାଦକ (ପ୍ରଶାସନ) ପଦ ପାଇଁ ମନୋଜ କୁମାର ମହାନ୍ତ ଓ ପଙ୍କଜ କୁମାର ମହାକୁଡ୍, ଯୁଗ୍ମସମ୍ପାଦକ ପାଠାଗାର ପଦ ପାଇଁ ସତ୍ୟନାରାୟଣ ବେହେରା ଓ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଅନ୍ୟପକ୍ଷରେ ଉପସଭାପତି ଭାବେ ସତ୍ୟବ୍ରତ ଦାଶ ଓ କୋଷାଧ୍ୟକ୍ଷ ଭାବେ ପଦ୍ମଲୋଚନ ମହାନ୍ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ବୁଗୁଡ଼ା ଓକିଲ ସଂଘ ନିର୍ବାଚନ
## ୫ ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ବୁଗୁଡା, (ସବ୍ୟୁ): ରାଜ୍ୟ ବାର୍ କାଉନସିଲ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିରେ ସଂଘର ୫୩ ଜଣ ମେମ୍ବର ମତଦାନ କରିବେ ବୋଲି ଜଣାପ ।

ଏଥିପାଇଁ ସଂଘର ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ ଓ କୋଷାଧକ୍ଷ ଆଦି ପାଞ୍ଚଟି ପଦବୀ ସକାଶେ ପୂର୍ବରୁ ୧୬ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା ବେଳେ ଶୁକ୍ରବାର ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଏ ସମସ୍ତ ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ନେଇ ଶନିବାର ଦିନ ପ୍ରକାଶିତ ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

ତେବେ ପ୍ରକାଶିତ ବିଜ୍ଞପ୍ତି ପ୍ରକାରେ ସଭାପତି ପଦବୀ ପାଇଁ ଆର୍ତ୍ତବନ୍ଧୁ ଖାଡ଼ଙ୍ଗା ଓ ମାନସ ରଞ୍ଜନ ଦାଶ , ଉପସଭାପତି ପଦବୀ ନିମନ୍ତେ ପ୍ରକାଶ ଚନ୍ଦ୍ର ଆରୁଖ ଓ ସୁବ୍ରତ କୁମାର ପଟ୍ଟନାୟକ , ସମ୍ପାଦକ ପଦବୀ ସକାଶେ ସୁଜିତ କୁମାର ସ୍ୱାଇଁ ଓ ଶ୍ୟାମ ସୁନ୍ଦର ବିଷୋୟୀ , ସହସମ୍ପାଦକ ପଦବୀ ପାଇଁ ମନୋଜ କୁମାର ପାଣିଗ୍ରାହୀ ଓ ଶ୍ରୀକାନ୍ତ କୁମାର ଶତପଥି , କୋଷାଧକ୍ଷ ପଦବୀ ସକାଶେ କାହ୍ନୁ ଚରଣ ସାହୁ ଓ ନିଲ୍ଲାପ ବ୍ରହ୍ମାନନ୍ଦ ରେଡ୍ଡୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଅନ୍ୟପକ୍ଷରେ ସଂଘର କାର୍ଯ୍ୟକାରିଣୀ କମିଟି ସଦସ୍ୟ ପାଇଁ ରହିଥିବା ୩ଟି ପଦବୀ ମଧ୍ୟରୁ ଗୋଟିକରେ ସରୋଜ କୁମାର ଦାଶ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ଅନ୍ୟ ଦୁଇଟି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ପରବର୍ତ୍ତୀ ସମୟରେ ଏଥିପାଇଁ ମନୋନୀତ ପ୍ରକ୍ରିୟା ଅବଲମ୍ବନ କରାଯିବ ବୋଲି ଜଣାଯାଇଛି । ତେବେ ୨୮ ମାର୍ଚ୍ଚ ସକାଳ ସାଢେ ସାତଟାରୁ ଅପରାହ୍ନ ତିନିଟା ପର୍ଯ୍ୟନ୍ତ ମତଦାନ ସାଙ୍ଗକୁ ଚାରିଟା ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ସତ୍ୟ ନାରାୟଣ ମିଶ୍ରଙ୍କଠାରୁ ପ୍ରକାଶ ପାଇଛି ।

## ଏଆଇଟିୟୁସିର ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ
# ଶ୍ରମ କୋଡ଼, ଯୁଦ୍ଧରେ ଭାରତର ଭୂମିକା ନେଇ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ସର୍ବଭାରତୀୟ ଟ୍ରେଡ ୟୁନିୟନ - ଏଆଇଟିୟୁସିର ୨ ଦିନିଆ ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ଭୁବନେଶ୍ୱର ୟୁନିଟ୍ -୯ ସ୍ଥିତ ରୋଟାରୀ ଭବନ ଠାରେ ଆରମ୍ଭ ହୋଇଛି । ଏଆଇଟିୟୁସି ସଭାପତି କମ୍ରେଡ୍ ରମେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ସାଧାରଣ ସମ୍ପାଦକ କମ୍ରେଡ୍ ଅମରଜିତ କାଉର ଉଦଘାଟନ କରି ସ୍ୱାଧୀନତା ପୂର୍ବରୁ ଓ ପରେ ଦେଶରେ ପ୍ରଣିତ ୪୪ଟି ଶ୍ରମ ଆଇନ ମଧ୍ୟରୁ ୧୫ଟି ଶ୍ରମ ଆଇନକୁ ସ୍ଥାୟୀ ଭାବେ ରଦ୍ଦ କରିବା ସହ ବାକି ୨୯ଟି ଶ୍ରମ ଆଇନକୁ ଶ୍ରମିକ ସ୍ୱାର୍ଥ ବିରୋଧରେ, ଶ୍ରମ ଶୋଷଣକାରୀ ଶିଳ୍ପପତି, ବ୍ୟବସାୟୀଙ୍କ ସ୍ୱାର୍ଥରେ ପ୍ରଣୟନ କରିଥିବା ଶ୍ରମ କୋଡ଼ ରଦ୍ଦ କରିବା ପାଇଁ ୧ ଏପ୍ରିଲ ରେ ଦେଶବ୍ୟାପୀ ଓ ଓଡ଼ିଶା ଗଠନ ଦିବସ ହେତୁ ଓଡ଼ିଶାରେ ୨ ଏପ୍ରିଲ ରେ ଦେଶବ୍ୟାପୀ ଶ୍ରମିକ ଆନ୍ଦୋଳନର ଆହ୍ୱାନ ଦେଇଛନ୍ତି । ଆମେରିକା - ଭାରତ, ୟୁରୋପୀୟ ୟୁନିୟନ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି ଦେଶର କୃଷି ଓ ଶିଳ୍ପ ବାଣିଜ୍ୟକୁ ଧ୍ୱଂସ କରିବା ସହ କୃଷକ, ଶ୍ରମିକ ଓ ସମସ୍ତ ଗ୍ରର ଜନଗଣଙ୍କ ବୃତ୍ତି ଧ୍ୱଂସ କରିଦେବ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି । ଆମେରିକା - ଭାରତ ଚୁକ୍ତିର ସର୍ତ୍ତାବଳୀ ଦେଶବାସୀଙ୍କୁ ନଜଣାଇ ଦେଶର ଅର୍ଥନୈତିକ ଓ ରାଜନୈତିକ ସାର୍ବଭୌମତ୍ୱକୁ ଜଳାଞ୍ଜଳି ଦେଇଛନ୍ତି । ଇରାନ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ସାମରିକ ଆକ୍ରମଣ - ଯୁଦ୍ଧରେ ଆମଦେଶର ସ୍ୱାଧୀନ ବୈଦେଶିକ ନୀତି ଭିତ୍ତିରେ ଭାରତର ବନ୍ଧୁ ରାଷ୍ଟ୍ର ଇରାନ ସପକ୍ଷରେ ଓ ସାମ୍ରାଜ୍ୟବାଦ ବିରୋଧରେ ସ୍ୱର ଉତ୍ତୋଳନ ପରିବର୍ତ୍ତେ ଆମେରିକା ଓ ଇସ୍ରାଏଲର ଉପନିବେଶ ଭାବେ ଆତ୍ମସମର୍ପଣ ଭୂମିକା ନେଇ, ଭୂମିକା ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ଭାରତର ଐତିହ୍ୟ ଉପରେ ବିଜେପି ସରକାରଙ୍କ କାର୍ଯ୍ୟ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବା କୁହାଯାଇଛି । ଯୁଦ୍ଧର ଆଳ ଦେଖାଇ ଭାରତ ସରକାର ସମସ୍ତ ସାମଗ୍ରୀର କଳାବଜାରୀଙ୍କୁ ପ୍ରୋତ୍ସାହନ ଦେଇ ଦେଶର ଜନଗଣଙ୍କୁ ଲୁଣ୍ଠନ କରୁଥିବାରୁ ଜନଗଣଙ୍କ ଜୀବନ ଜୀବିକା ଦୁର୍ବିସହ ହେଲାଣି ।



ବୈଠକରେ ସର୍ବଭାରତୀୟ ଉପସଭାପତି ବିଦ୍ୟା ସାଗର ଗିରି, ରମେନ ଦାସ, ହରିଦ୍ୱାର ସିଂହ, ଜାତୀୟ ସମ୍ପାଦକ ରାମ କୃଷ୍ଣ ପଣ୍ଡା, ମହମ୍ମଦ ୟୁସୁଫ, ସୁକୁମାର ଭି ଦାମଲେ, ନିର୍ମଳ ସିଂହ ଧଲିୱାଲ, ସି. ଶ୍ରୀକୁମାର, ସି ଜେ ଜୋସେଫ୍, ଉଷା ସାହାଣୀ, ରାଓତ, ଲିନା ଚାଟାର୍ଜି, ହରିଓମ ଶର୍ମା, ଅନିଲ ପାଓ୍ୱାର ଏନ୍ଏଫଟିଇ ର ପି ସୁରେଶ, ଏଆଇଡିଇଏଫ୍‌ର ରାଜେନ୍ଦ୍ର ଝା, କୋଲ ଫେଡେରେସନର ଲକ୍ଷ୍ମଣ ମାହାତୋ, କର୍ଣ୍ଣାଟକର ରାଜ୍ୟ ସଭାପତି ବାବୁ ମାଥିଉ, ବିହାର ର ଅଜୟ କୁମାର, ଗଜନଫର ନୱା, ପଶ୍ଚିମ ବଙ୍ଗର ବିପ୍ଳବ ଭଟ୍ଟ, ଓଡ଼ିଶାର ଅଶୋକ କୁମାର ଦାଶ, ମହେଶ୍ୱର ରାଉତ, ଜୟ ଜେନା, ହରପ୍ରିୟା ସ୍ୱାଇଁ, ମହାରାଷ୍ଟ୍ରର ଶ୍ୟାମ କାଲେ, କେରଳ ରିଜୟନ କୁନ୍ନିସେରୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଛନ୍ତି । ଜାତୀୟ କାର୍ଯ୍ୟକାରୀ ବୈଠକର ସମ୍ବର୍ଦ୍ଧନା ଓଡ଼ିଶାର ଜୟନ୍ତ ଦାସ, ମାୟାଧର ନାୟକ, ସତ୍ୟବାଦୀ ବାଘ, ନମିତା ସାହୁ, ସୁର ଜେନା, ଆଲୋକ ମହାପାତ୍ର, ସୁରେନ୍ଦ୍ର ଶର୍ମା, ମମତା ପଣ୍ଡା, ପ୍ରତିମା ବେହେରା, ମିନାକ୍ଷୀ ବେହେରା, ରୁନ୍ନାଲା ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି ।

# ରେଳଧାରଣରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,(ସବ୍ୟୁ): ରକାରୀ ରେଳବାଇ ପୋଲିସ (ଜିଆରପି) ଗୁଡ୍ସସେଡ଼ ରୋଡ ନିକଟ ଦେଇ ଯାଇଥିବା ରେଳଧରଣାରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି । ମୃତକ ଜଣଙ୍କ ଗୋଶାଣିନୁଆଗାଁ ଚାଞ୍ଚଡାପଡିଆ ସାହିର ରବୀନ୍ଦ୍ର କୁମାର ବେହେରାଙ୍କ ପୁଅ କିଷାନ କୁମାର ବେହେରା (୩୧) । ପୋଲିସ ମୃତଦେହ ଜବତ କରି ଏସଂକ୍ରାନ୍ତରେ ୧୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । କୌଣସି ଚଳନ୍ତା ଟ୍ରେନରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି । ଘଟଣାରୁ ପ୍ରକାଶ ଯେ, ଉପରୋକ୍ତ ରେଳଧରଣାରେ ଏକ ମୃତଦେହ ପଡିଥିବା ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା । ମୃତଦେହ ନିକଟରୁ ଗୋଟିଏ ଆଧାର କାର୍ଡ ଓ ମୋବାଇଲ ମିଳିଥିଲା । ପୋଲିସ ଉକ୍ତ ଆଧାର କାର୍ଡ ଓ ମୋବାଇଲ ନମ୍ବର ସହାୟତାରେ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ଘଟଣା ସ୍ଥଳକୁ ଆସିବା ପାଇଁ କହିଥିଲା । ମୃତକଙ୍କ ବାପା ରବୀନ୍ଦ୍ର ସେଠାରେ ପହଞ୍ଚି ପୁଅର ମୃତଦେହ ଚିହ୍ନଟ କରିଥିଲେ । ମୃତ ଯୁବକ ଜଣଙ୍କ ବିବାହିତ ଥିବା ବେଳେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଚେନାଇରେ ଏକ କମ୍ପାନୀରେ କାମ କରି ରହୁଥିଲେ । କୌଣସି କାମ ପାଇଁ ସେ ଏକାକୀ ଘରକୁ ଫେରୁଥିଲେ ବୋଲି ରବୀନ୍ଦ୍ର ପୋଲିସକୁ କହିଛନ୍ତି ।

# ସାଲେପୁରରେ ରମଜାନ ପାଇଁ ଇଫ୍‌ତାର ପାର୍ଟି



ସାଲେପୁର, (ସବ୍ୟୁ) : ରମଜାନ ମାସ ଅବସରରେ ସାଲେପୁର ବାଲିସାହି ପଂଚାୟତ ଜାମା ମସଜିଦ ପରିସରରେ ରୋଧପୁର ନଜଓ୍ୱାନ କମିଟି ପକ୍ଷରୁ ଏକ ଇଫତାର ପାର୍ଟି ଆୟୋଜିତ ହୋଇଯାଇଛି । ଏହି ଇଫତାର ପାର୍ଟିରେ ସାଲେପୁର ନିର୍ବାଚନମଣ୍ଡଳୀର ଯୁବ ସଂଗଠକ ସମାଜସେବୀ ହରିବନ୍ଧୁ ଶତପଥି ଯୋଗଦେଇ ମୁସଲିମ ସମ୍ପ୍ରଦାୟର ଭାଇ ମାନଙ୍କ ସହ ଭାବର ଆଦାନ ପ୍ରଦାନ କରିବା ସହ ସେମାନଙ୍କ ସହ ଫଳ ଖାଇ ଭାଇଚାରାର ସନ୍ଦେଶ ପ୍ରସାର କରିଥିଲେ । ଏହି ଅବସରରେ ପ୍ରତି ବର୍ଷ ପରି ସାଲେପୁର ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର କମିଟିର କର୍ମକର୍ତ୍ତା ମାନଙ୍କୁ ନଜଓ୍ୱାନ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।ସମସ୍ତେ ଏକତ୍ରିତ ଭାବେ ରାତ୍ରି ଭୋଜନ କରି ସାଲେପୁର ଅଞ୍ଚଳର ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଥିବା ନିଆରା ଭାଇଚାରାର ସୁନ୍ଦର ବାର୍ତ୍ତା ଦେଇଥିଲେ । ଏହି ଇଫତାର ପାର୍ଟି କାର୍ଯ୍ୟକ୍ରମକୁ ମସଜିଦ କମିଟି ସଭାପତି ପରଭେଶ ଅଲ୍ଲୀ, ଗାଁ କମିଟିର ସଭାପତି ଲିୟାକତ ଅଲ୍ଲୀ, ଆଲାମ ହୁସେନ, ଜାହାଙ୍ଗିର ଅଲ୍ଲୀ, ମୁସ୍ତାକିମ ଅହମ୍ମଦ ହବିବ ବକ୍ସ, ତବରେଶ ଅଲ୍ଲୀ, ମୁବାରକ ଖାନ, ଫିରୋଜ ବକ୍ସ, କୁଦରତ ଅଲ୍ଲୀ, ଜଲିଲ ବକ୍ସ, କାଦିର ଅଲ୍ଲୀ, ଇମ୍‌ତିଆଜ ଅଲ୍ଲୀ, ଯାଓ୍ୱେଦ ଅହମ୍ମଦ, ଜାଉଲ ହସ୍ନାନ, ନଓ୍ୱେଦ ଓ୍ୱାସିମ, ତଫିକ ଇଲାହି, ମାଜିଦ ଅହମ୍ମଦ, ରିହାନ ବକ୍ସ, ମଶି ଉର୍ ରେହମାନ, ମିର୍ଜା ୟାସିର ଓ ବହୁ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆୟୋଜନ କରିଥିଲେ।

## ଚୋରାରେ ଯାହାକୁ ଯେତେ, ଉପଭୋକ୍ତାଙ୍କୁ ୧୫ ଦିନ

# ହୋଟେଲ ଓ ଜଳଖିଆ ଦୋକାନକୁ ସିଲିଣ୍ଡର ଦେଉଛି କିଏ

ପାରାଦୀପ, (ଜିପ୍ର) : ଜଗତସିଂହପୁର ଜିଲ୍ଲାରେ ଏବେ ରନ୍ଧନ ଗ୍ୟାସ ଉପଭୋକ୍ତା ବେଶ ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଉପଭୋକ୍ତାମାନେ ଗତ କିଛିଦିନ ହେବ ନିଜର ଗ୍ୟାସ ସିଲିଣ୍ଡର ବୁକିଂ କରିଥିବା ବେଳେ ସେମାନଙ୍କୁ ୧୫ ଦିନ ପରେ ସିଲିଣ୍ଡର ମିଳୁଥିବା ଦେଖିବାକୁ ମିଳିଛି । ଅନେକ ଜାଗାରେ ଉପଭୋକ୍ତାମାନେ ଗ୍ୟାସ ବିତରକ କେନ୍ଦ୍ର ଆଗରେ ଲାଇନ ଦେଇ ଛିଡା ହେଉଥିବା ଦେଖିବାକୁ ମିଳିଛି । ପ୍ରଶାସନ ରାଜ୍ୟରେ ଗ୍ୟାସ ସିଲିଣ୍ଡର ମହଜୁତ ଥିବା ପ୍ରକାଶ କରୁଥିବା ବେଳେ କେବଳ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପୁନଃ ଭରଣ ବନ୍ଦ ଥିବା ଅବଗତ କରାଇଛି । କିନ୍ତୁ ଅନେକ ହୋଟେଲ ଓ ଜଳଖିଆ ଦୋକାନରେ ଏବେବି ପୂର୍ବପରି ସେମିତି କିଛି ଅସୁବିଧା ପରିଲକ୍ଷିତ ହେଉ ନଥିବା ଜଣାପଡିଛି। କାରଣ ସେମାନେ ବ୍ୟବସାୟିକ ସିଲିଣ୍ଡର ବ୍ୟବହାର କରିବାର ନିୟମ ଥିବାବେଳେ ସେମାନେ ଘରୋଇ ଗ୍ୟାସ ସିଲିଣ୍ଡର ଖୋଲାଖୋଲି ବ୍ୟବହାର କରୁଛନ୍ତି ।

ପ୍ରଶ୍ନ ଉଠୁଛି ସେମାନଙ୍କୁ ଏହି ଗ୍ୟାସ ସିଲିଣ୍ଡର ଯୋଗାଇ ଦେଉଛି କିଏ ସେମାନେ କେଉଁ ଉପଭୋକ୍ତା ନାମରେ ଏହି ଗ୍ୟାସ ସିଲିଣ୍ଡର ବୁକିଂ କରୁଛନ୍ତି । ଜିଲ୍ଲାରେ ମୋଟ ୩୦ ବିତରକ ମାନଙ୍କ ମାଧ୍ୟମରେ ୩୪୭୪୩୬ ପଂଜିକୃତ ଉପଭୋକ୍ତା ଥିବା ବେଳେ ବାଲିକୁଦା ବ୍ଲକରେ ୬୦୫୯୭ , ବିରିଡି ବ୍ଲକରେ ୨୩୩୬୭, ଏରସମା ବ୍ଲକରେ ୨୭୬୦୨ ,ଜଗତସିଂହପୁର ବ୍ଲକରେ ୫୮୧୬୭, କୁଜଙ୍ଗ ବ୍ଲକରେ ୨୫୨୧୬, ରଘୁନାଥପୁର ବ୍ଲକରେ ୪୭୮୮୨, ତିର୍ତ୍ତୋଲ ବ୍ଲକରେ ୩୪୧୬୮ ଜଗତସିଂହପୁର ପୌରପାଳିକାର ୧୦୫୦୦ ଓ ପାରାଦୀପ ପୌରପାଳିକାର ୩୯୦୨୬ ଜଣ ଗ୍ୟାସ ଉପଭୋକ୍ତା ଅଛନ୍ତି । ଯଦି ଜଣେ ଉପଭୋକ୍ତା ଏକ ବର୍ଷ ପର୍ଯ୍ୟନ୍ତ ଗ୍ୟାସ ସିଲିଣ୍ଡର ବୁକିଂ ନକରେ ତେବେ ତାର ଉପଭୋକ୍ତା ନମ୍ବର ବ୍ଲକ ହୋଇ ଯିବା ନ୍ୟାୟରେ ପ୍ରାୟ ଅନେକ ଉପଭୋକ୍ତାଙ୍କୁ ବ୍ଲକ କରି ଦିଆଯାଇଛି । ଅନେକ ବିତରକ ମାନେ ନିଜର ପ୍ରତିଦିନର ଓପନିଂ ବାଲାନ୍ସ ସହିତ ସେହି ଦିନର ବିତରକ କେନ୍ଦ୍ରକୁ ଆସୁଥିବା ଗ୍ୟାସ ସିଲିଣ୍ଡର ମୋଟ ପରିମାଣ ମିସାଉ ନଥିବା ଓ ଅତି ଚତୁରତାର ସହ ପ୍ରଶାସନକୁ ନିଜର ଷ୍ଟକ ହିସାବ ଦେଇ କଳାବଜାରୀ କରୁଥିବା ମଧ୍ୟ ଆଲୋଚନା ହେଲାଣି ।

ଅନେକ ହୋଟେଲ ଓ ମିଠା ଦୋକାନରେ ଦିନକୁ ୨ଟି ଗ୍ୟାସ ଓ ମାସକୁ ହାରାହାରି ୬୦ରୁ ଊର୍ଦ୍ଧ୍ୱ ଗ୍ୟାସ ସିଲିଣ୍ଡର ଲାଗୁଥିବା ବେଳେ ଜିଲ୍ଲାରେ ଦୈନିକ ହଜାର ହଜାର ଘରୋଇ ଗ୍ୟାସ ସିଲିଣ୍ଡର ଏମାନଙ୍କୁ ଦେଉଛି କିଏ ବୋଲି ଏବେ ପ୍ରଶ୍ନ ଉଠିଛି । ପାରାଦୀପ, ଗଡ଼, ନୂଆଗଡ, ବିଶ୍ୱାଳି ଓ ନିମି ଅଂଚଳରେ ବାହାର ରାଜ୍ୟରୁ ବିଭିନ୍ନ କମ୍ପାନୀରେ କାମ କରିବାକୁ ଅସୁଥିଆ ଶ୍ରମିକମାନେ ଭଡାରେ ରହି ଜୀବିକା ନିର୍ବାହ କରୁଥିବା ବେଳେ ସେମାନେ ବ୍ୟବହାର କରୁଥିବା ଗ୍ୟାସ ସିଲିଣ୍ଡର ସେମାନଙ୍କୁ ଆଣି ଯୋଗାଉଛି କିଏ ବୋଲି ମଧ୍ୟ ପ୍ରଶ୍ନ ଉଠିଛି । କିଛି ଭୁତ ଉପଭୋକ୍ତାଙ୍କ ନାମରେ ପଂଜିକୃତ ଖାତା କରାଯାଇ ଯୋଜନାବଦ୍ଧ ଭାବେ କିଛି ଅସାଧୁ ବ୍ୟବସାୟୀ ଘରୋଇ ଗ୍ୟାସ ସିଲିଣ୍ଡର ଚୋରାରେ ବିକ୍ରି କରି ବେଶ ଭଲ ମୁନାଫା କମାଉଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଜିଲ୍ଲାରେ ଘରୋଇ ଗ୍ୟାସ ସିଲିଣ୍ଡର ଯୋଗାଣରେ କିଛି ଦଲାଲ ଜାଣିଶୁଣି ଅଭାବ ସୃଷ୍ଟି କରାଇ ସିଲିଣ୍ଡର ପିଛା ୨୫୦୦ ଟଙ୍କାରେ ବିକ୍ରି କରୁଥିବା ବେଳେ ପ୍ରଶାସନ ଏମାନଙ୍କ ପ୍ରତି ଦୃଷ୍ଟି ଦେବା ସାଧାରଣରେ ଦାବି ହେଉଛି ।

# ଶ୍ରୀମଦ ଭାଗବତ ପାଠ ଓ ଅଖଣ୍ଡ ଧ୍ୱନି

କେନ୍ଦ୍ରାପଡ଼ା ,(ସବ୍ୟୁ) :ପବିତ୍ର ବାରୁଣୀ ସ୍ନାନ ଅବସରରେ ଭଗବତୀ ମଣ୍ଡଳ ଆନୁକୂଲ୍ୟରେ ବାଲିପାଟଣା ଖସାପଡ଼ିଆ, ଛୀତିକାଣ୍ଡିଲୋ ଗ୍ରାମର ଅଧିଶ୍ୱରୀ ମା କ୍ଷେତ୍ରପାଳିନି ମନ୍ଦିର ପ୍ରାଙ୍ଗଣରେ ଭାଗବତ ପାଠ ଓ ଅଖଣ୍ଡଧ୍ୱନି ସ୍ଥାପନ ମହୋତ୍ସବ ମହା ସମାରୋହରେ ପାଳିତ ହେଉଛି । ଉକ୍ତ କାର୍ଯ୍ୟକ୍ରମକୁ ବାଲିପାଟଣା ଅଞ୍ଚଳର ଗ୍ରାମବାସୀ ପରିଚାଳନା କରୁଛନ୍ତି । ଏହା ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରତ୍ୟହ ଶହଶହ ସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶକ ମାନେ ଏଥିରେ ଯୋଗ ଦେଉଛନ୍ତି ।

# ଭଙ୍ଗା ପରିବାରକୁ ଯୋଡିଲେ ବିଚାରପତି

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ପରିବାର ଅଦାଲତ ର ବିଚାରପତି ମାନ୍ୟବର ଦେବାଶିଷ ପଣ୍ଡା ଏକ ଭଙ୍ଗା ପରିବାରକୁ ଯୋଡି ପୁନଃର୍ବାର ଘର ସଂସାର କରିବା ପାଇଁ ପରାମର୍ଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଂର୍ଗତ ସାନ ଜରିଆ ପେରିଜପୁର ଗ୍ରାମର ଅମରେନ୍ଦ୍ର ଦାସଙ୍କୁ ମାର୍ଶାଘାଇ ଥାନା ଅଂର୍ଗତ କସୋଟୀ ବାଲି ଗ୍ରାମର ଶ୍ମିତା ଦସଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟଙ୍କ ମଧ୍ୟରେ ମନମାଳିନୀ ହେବରୁ ଅମରେନ୍ଦ୍ର ଛାଡପତ୍ର ପାଇଁ ଆବେଦନ କରିଥିବା ବେଳେ ରଶ୍ମିତା ଭରଣ ପୋଷଣ ମାମଲା ରୁଜୁ କରିଥିଲେ । ମାନ୍ୟବର ବିଚାରପତି ଶ୍ରୀ ପଣ୍ଡା ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରାଇବାରୁ ଉଭୟ ପୁନଃର୍ବାର ଘର ସଂସାର କରିବା ପାଇଁ ରାଜି ହୋଇ ଘରକୁ ଫେରିଛନ୍ତି । ଉଭୟଙ୍କ ପକ୍ଷରୁ ବରିଷ୍ଠ ଆଇନଜିବୀ ମକଦ୍ଦମା ସୁବାଷ ଚନ୍ଦ୍ର ନାୟକ ଓ ଦୁର୍ଯୋଧନ ସାହୁ ମକଦ୍ଦମା ପରିଚାଳନା କରିଥିଲେ ।

# ରାଣିଗୋଡା ତେଲିଆ ମେଲଣ ଉଦ୍‌ଯାପିତ

ପାଣିକୋଇଲି,(ସବ୍ୟୁ) : କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ୮୯ ତମ ରାଣିଗୋଡା ତେଲିଆ ମେଲଣ ଉଦ୍‌ଯାପିତ ହୋଇଛି । ବହୁ ପୁରାତନ ମେଲଣ ଭାବେ ସ୍ଥାନୀୟ ଅଂଚଳର ଲୋକମାନଙ୍କ ଦ୍ୱାରା ୫ଟି ବିମାନକୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଧିବାସୀ ମାନେ ହଜାର ହଜାର ସଂଖ୍ୟାରେ ଯୋଗଦେଇ ବିଭୂକୃପା ଲାଭ କରିବା ସହ ମେଲଣ ଉପଭୋଗ କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା ।। ମେଲଣ କମିଟିର ସଭାପତି ଭିକାରୀ ମହାନ୍ତି, ସମ୍ପାଦକ ନାରାୟଣ ସାହୁ, କୋଷାଧ୍ୟକ୍ଷ ଶିବ ଶଙ୍କର ସାହୁ, କିର୍ତୀ ସାହୁ, ପରମାନନ୍ଦ ସାହୁ, ଅଜୟ ସାହୁ, ଚୈତନ୍ୟ ନାୟକ, ରବିନ୍ଦ୍ର ନାୟକ, ଭାସ୍କର ମଳିକ, ସୁରେନ୍ଦ୍ର ମଳିକ, ବିଜୟ ସେନାପତି, କୃଷ୍ଣ ଚନ୍ଦ୍ର ପଲେଇ, ଦୋଳ ଗୋବିନ୍ଦ ସେଠୀ, ପୂଜକ ନିରଂଜନ ପଣ୍ଡା, ରବିନ୍ଦ୍ର ପଣ୍ଡାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ବହୁ ବ୍ୟକ୍ତି ଅଂଶ ଗ୍ରହଣ କରି କାର୍ଯ୍ୟକ୍ରର ସୁପରିଚାଳନା କରିଥିଲେ । ଶାନ୍ତି ଶୃଂଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ସମସ୍ତ ନ୍ଦୋବସ୍ତ କରାଯାଇଥିଲା ।

## ମାଳିପୁର ପୋଲ ଗଲା କୁଆଡେ, ଟେଣ୍ଡର ବାତିଲ ନା ହଡ଼ପ

# କୁମ୍ଭୀର ଭୟରେ ଶହଶହ ଏକର ଚାଷଜମି ପଡିଆ

ପଟ୍ଟାମୁଣ୍ଡାଇ ,(ସବ୍ୟୁ) : ପୋଲଟିଏ ନଥିବାରୁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଳିପୁର ,ଶାସନ,ଶ୍ରୀରାମପୁର ଏବଂ ଉଦୟପୁର ଗ୍ରାମର ଶହ ଶହ ଏକର ଚାଷ ଜମି ପଡିଆ ପଡ଼ିଲାଣି । ପଟ୍ଟାମୁଣ୍ଡାଇ – ରାଜନଗର ବ୍ରାହ୍ମଣୀ ବନ୍ୟା ବନ୍ଧ ରାସ୍ତାର ଗୋଟିଏ ପାର୍ଶ୍ୱରେ ମାଳି ପୁର,ଶାସନ ଗ୍ରାମ ଅବସ୍ଥିତ ଥିବା ବେଳେ ବିପରୀତ ପାର୍ଶ୍ୱରେ ଧୋୟା ଅଞ୍ଚଳରେ ଶ୍ରୀରାମପୁର ଏବଂ ଉଦୟପୁର ଗ୍ରାମ ଅବସ୍ଥିତ । ଚାରୋଟି ଯାକ ଗ୍ରାମର ପ୍ରତ୍ୟେକ ପରିବାର ଚାଷ ଉପରେ ନିର୍ଭରଶୀଳ । ଚାଷ ବିଲକୁ ପାଣି ଯୋଗାଇବା ପାଇଁ ନଦୀବନ୍ଧ ପାଖେ ପାଖେ ଚାରି ବର୍ଷ ତଳେ ବ୍ରାହ୍ମଣୀର ଏକ ଶାଖା ନାଳ ଖୋଳା ଯାଇଥିଲା । କିନ୍ତୁ ସେହି ନାଳ ହିଁ ଏବେ ଚାଷୀଙ୍କ ପାଇଁ ଆଶୀର୍ବାଦ ହେବା ପରିବର୍ତ୍ତେ ଅଭିଶାପ ପାଲଟିଛି ।

ନାଳ ଖୋଳା ହୋଇ ନଥିବା ବେଳେ ଚାଷୀ ପାଣିରେ ପଶି ଯାଇ ଚାଷ କରୁଥିଲେ । ବିଗତ କିଛି ବର୍ଷ ହେଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀରେ ବିଭିନ୍ନ ଗ୍ରାମରେ କୁମ୍ଭୀର ଆତଙ୍କ ରାଜ ସୃଷ୍ଟି କରି ଜନ ଜୀବନ ହାନି କରୁ ଥିବାରୁ ଚାଷୀ ଖୋଳା ଯାଇଥିବା ଗଭୀର ନାଳ ଭିତରେ ପଶି ପାରି ହେବାକୁ ଭୟ କରୁଛନ୍ତି । ଜୁଆର ସମୟରେ ପାଣିରେ ପଶି ଧାନ ଭାର ଏବଂ ଚାଷ ଉପ୍ତାଦନ ସାମଗ୍ରୀ ଧରି ନାଳ ପାରି ହେବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇ ପଡିଛି । ଅଧିକାଂଶ ଚାଷୀ ଚାଷ ଛାଡି ଦେଇଥିବାରୁ ଶହ ଶହ ଏକର ଚାଷ ଜମି ପଡିଆ ପଡିଛି ।

ପୋଲଟିଏ ପାଇଁ ଅପେକ୍ଷା କରି ଶହଶହ ଚାଷୀ ଜୀବିକା ହରାଇ ଆଜି ହତାଶ ହୋଇ ପଡିଛନ୍ତି । କିଛି ଦିନ ତଳେ ସରକାରଙ୍କ ତରଫରୁ ଏକ ପୋଲ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରା ଯାଇଥିଲା । କାମ ଆରମ୍ଭ ହେବାର କିଛି ଦିନ ପରେ ଠିକାଦାର କାମ ଛାଡି ଚାଲି ଯାଇଥିଲେ । ଯଦି ପୋଲ ପାଇଁ ଟେଣ୍ଡର ହୋଇଥିଲା ଏବଂ କାର୍ଯ୍ୟ ଆରମ୍ଭ ହୋଇଥିଲା ତାହେଲେ ସେହି ପ୍ରକଳ୍ପ ଗଲା କୁଆଡେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି । ପ୍ରକଳ୍ପ ପାଇଁ ଆସିଥିବା ସରକାରୀ ଅନୁଦାନ ଅର୍ଥକୁ ହଡପ କରା ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଣୁ ଉକ୍ତ ପ୍ରକଳ୍ପର ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହିତ ମାଳି ପୁର ଗ୍ରାମର ପ୍ରସ୍ତାବିତ ସ୍ଥାନରେ ଏକ ପୋଲ ନିର୍ମାଣ ପାଇଁ ବ୍ୟବସ୍ଥା କରିବାକୁ ସତ୍ୟବାନ ମଳିକ,ଅର୍ଜୁନ ସାହୁ,ଅକ୍ଷୟ ମଳିକ,ତୀର୍ଥ ପରିଡା,ଗଣେଶ୍ୱର କୁଣ୍ଡ,ଉତ୍ତମ ଜେନା ,ଦିଲ୍ଲୀପ ମଳିକ,ଆଶିଷ ମଳିକ ,ରଶ୍ମିକାନ୍ତ କୁଣ୍ଡ ,ବୈଜୟନ୍ତୀ କୁଣ୍ଡ ପ୍ରମୁଖ ସରକାରଙ୍କ ନିକଟରେ ଦାବି ରଖିଛନ୍ତି ।

# ଦୁଷ୍କର୍ମକାରୀକୁ ଫାଶୀ ଦେବାକୁ ରାହାମାରେ ଶୋଭାଯାତ୍ରା



ପାରାଦୀପ, ( ଜି ପ୍ର ) : ଦୁଷ୍କର୍ମକାରୀକୁ ଫାଶୀ ଦିଅ ସଭ୍ୟ ଶିକ୍ଷିତ ଜଗତସିଂହପୁର ଜିଲ୍ଲାରେ ବହୁତ ହୋଇଗଲା । ଏଭଳି ଲଜ୍ଜାକର ଘଟଣା, ଏଭଳି ପ୍ରତିବାଦ ଶୋଭାଯାତ୍ରା ଜିଲ୍ଲାର ରାହାମା ବଜାରରେ ଦେଖିବାକୁ ମିଳିଛି ।

ଗତ ୪ ଦିନ ତଳେ ତିର୍ତ୍ତୋଲ ଥାନା ଅଂଚଳର ୫ ବର୍ଷର ନାବାଳିକାକୁ ମନୋଜ ଦାସ ନାମକ ଯୁବକ ଦୁଷ୍କର୍ମ କରିଥିବା ଓ ସମ୍ପୃକ୍ତା ନାବାଳିକା ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହେବା ଘଟଣାକୁ ନେଇ ପ୍ରତିକ୍ରିୟାଶୀଳ ହୋଇଛନ୍ତି କିଛି ଯୁବ ସମାଜସେବୀ ତୁଷାର କୁମାର ଦାସ, ଦିବ୍ୟଜ୍ୟୋତି ସ୍ୱାଇଁ, ନଳିନୀ କାନ୍ତ ବରାଳ, ନିହାର ଦାସ, ସତ୍ୟବ୍ରତ ପଟନାଏକ ପ୍ରମୁଖ ଶତାଧିକ ଯୁବକ ମାନେ ଏକତ୍ରିତ ହୋଇ ରାହାମା ବଜାର ନିକଟରେ ଥିବା ବିଜୁ ପଟନାଏକ ପ୍ରତିମତି ନିକଟରେ ବୀକ୍ଷଭ ପ୍ରଦର୍ଶନ କରିଛନ୍ତି । ଅଭିଯୁକ୍ତ ମନୋଜକୁ ଫାଶୀ ଦେବାର ନ୍ୟାୟିକ ବ୍ୟବସ୍ଥା କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଟ୍ରୁକଲର୍ ପକ୍ଷରୁ 'ଫ୍ୟାମିଲି ପ୍ରୋଟେକ୍ସନ' ସେବାର ଶୁଭାରମ୍ଭ

ଭୁବନେଶ୍ୱର(ସବ୍ୟୁ): ଆଜିକାଲି ଡିଜିଟାଲ ଦୁନିଆରେ ନକଲି ପରିଚୟ, ଏଆଇ ଭଏସ କ୍ଲୋନିଂ ଏବଂ ଡିଜିଟାଲ ଗିରଫ ଭଳି ନୂଆ ନୂଆ ଉପାୟରେ ଠକେଇ ବିବାରେ ଲାଗିଛି। ଏହି ବିପଦରୁ ଭାରତୀୟ ପରିବାରକୁ ରକ୍ଷା କରିବା ପାଇଁ 'ଟ୍ରୁକଲର' ଏକ ବିଶେଷ ସୁବିଧା 'ଫ୍ୟାମିଲି ପ୍ରୋଟେକ୍ସନ' ସେବାର ଶୁଭାରମ୍ଭ କରାଯାଇଛି। ବିଶ୍ୱର ଅନ୍ୟ କେତେକ ଦେଶରେ ସଫଳ ହେବା ପରେ ଏବେ ଏହା ଭାରତରେ ଉପଲବ୍ଧ।ଟ୍ରୁକଲର ସିଇଓ ରିଜିତ ଝୁନଝୁନଓ୍ୱାଲାଙ୍କ କହିବା ଅନୁସାରେ, ୨୦୧୦ ମସିହାରେ କେବଳ କିଏ କଲ କରୁଛି ତାହା ଜାଣିବା ଯଥେଷ୍ଟ ଥିଲା, କିନ୍ତୁ ୨୦୨୬ର ଏହି ଡିଜିଟାଲ ଯୁଗରେ କଲ୍ ଉଠାଇବା ସୁରକ୍ଷିତ କି ନୁହେଁ ତାହା ଜାଣିବା ଅଧିକ ଜରୁରୀ। ଆଜିକାଲି ଠକମାନେ ଲୋକଙ୍କୁ ଭାବପ୍ରବଣ କରି ନୂଆ ନୂଆ ଉପାୟରେ ଠକୁଥିବାରୁ, ସମସ୍ତେ ମିଶି ଏହାର ମୁକାବିଲା କରିବା ଆବଶ୍ୟକ। ଏଥିପାଇଁ ଟ୍ରୁକଲର୍ ଭାରତରେ 'ଫ୍ୟାମିଲି ପ୍ରୋଟେକ୍ସନ' ସୁବିଧା ଆରମ୍ଭ କରିଛି। ଏହାଦ୍ୱାରା ପରିବାରର ଯେଉଁ ସଦସ୍ୟ ଟେକ୍ନୋଲୋଜି ବିଷୟରେ ଅଧିକ ଜାଣିଛନ୍ତି, ସେ ନିଜ ପ୍ରିୟଜନଙ୍କ ପାଇଁ ଏକ 'ଡିଜିଟାଲ ଅଭିଭାବକ' ସାଜି ସେମାନଙ୍କୁ ଫ୍ରଡ କଲ୍ରୁ ରକ୍ଷା କରିପାରିବେ। ଯଦିଓ ଏହି ସେବାଟି ସମ୍ପୂର୍ଣ୍ଣ ମାଗଣା, କିନ୍ତୁ ଯଦି ପରିବାରର ମୁଖ୍ୟ ଜଣକ ଏହାର 'ପ୍ରିମିୟମ ପ୍ଲାନ' ନିଅନ୍ତି, ତେବେ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ଅଧିକ ଉନ୍ନତ ଧରଣର ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ ହେବ।ଭାରତରେ ଯେପରି ଭାବରେ ଡିଜିଟାଲ କାରବାର ବଢୁଛି, ସେହିପରି ମୋବାଇଲ ଠକେଇ ମଧ୍ୟ ଏକ ବ ସମସ୍ୟା ହୋଇଛି। ଏହା କେବଳ ଆର୍ଥିକ କ୍ଷତି କରୁନାହିଁ, ବରଂ ଲୋକଙ୍କୁ ମାନସିକ ଚାପରେ ମଧ୍ୟ ରଖୁଛି। ଏହି ବିପଦରୁ ରକ୍ଷା କରିବା ପାଇଁ ଟ୍ରୁକଲର୍ ଏବେ କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ, ବରଂ ସମଗ୍ର ପରିବାରକୁ ସୁରକ୍ଷା ଦେବାକୁ ଲକ୍ଷ୍ୟ ରଖିଛି। ସେମାନଙ୍କର ନୂଆ 'ଫ୍ୟାମିଲି ପ୍ରୋଟେକ୍ସନ' ବ୍ୟବସ୍ଥା ଆଧୁନିକ ଏଆଇ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଡିଜିଟାଲ ଠକେଇ ବିରୋଧରେ ଏକ ଶକ୍ତିଶାଳୀ ପ୍ରତିରକ୍ଷା ବଳୟ ତିଆରି କରୁଛି। ଏହି ସୁବିଧା ମାଧ୍ୟମରେ ପରିବାରର ସବୁଠାରୁ ଜ୍ଞାନୀ ସଦସ୍ୟ ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ, ଯାହାଦ୍ୱାରା ପ୍ରତ୍ୟେକ ଘରର ଯୋଗାଯୋଗ ଏବେ ଅଧିକ ନିରାପଦ ଓ ବିଶ୍ୱସ୍ତ ହୋଇପାରିବ।

# ପଞ୍ଚାୟତ ସମିତି ହରାଇବ ୨କୋଟି ଟଙ୍କାର ପାଣ୍ଠି !

ମାହାଙ୍ଗା, (ସବ୍ୟୁ) : ଇ–ଗ୍ରାମ୍ୟ ସ୍ୱରାଜରେ ମାହାଙ୍ଗା ବ୍ଲକ ପଂଚାୟତ ଉନ୍ନୟନ ଯୋଜନା(ଇପିଡିପି)କୁ ଇ–ଗ୍ରାମ୍ୟ ସ୍ୱରାଜରେ ଅପଲୋଡ କରାଯାଇ ନାହିଁ। ଏଭଳି ସ୍ଥିତିରେ ପଂଚଦଶ ଅର୍ଥ କମିଶନ ଅଧିନସ୍ଥ ପାଖାପାଖି ୨କୋଟି ଟଙ୍କା ପାଇବାରୁ ଏହି ବ୍ଲକ ବଂଚିତ ହେବାକୁ ଯାଉଛି। ଯେଉଁ ଖବର ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏପରିକି ଏହି ଆଧାରରେ ମାହାଙ୍ଗା ବ୍ଲକ ବିଡିଓଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ୩ଦିନ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରି ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଖବର ପ୍ରକାଶ ପାଇଛି ଯେ ପାଖାପାଖି ୧୪ମାସ ଧରି ପଂଚାୟତସମିତି ବୈଠକ ଡକାଯାଇ ନାହିଁ। ପଂଚାୟତ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବିଡିଓ ଏହି ବୈଠକ ଡାକିବାର ନିୟମ ରହିଛି। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସ୍ୱାଧୀନ ବିଧାୟକ ମାହାଙ୍ଗାରେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ମାହାଙ୍ଗା ବିଡିଓ ବଦଳି ପରେ ମାହାଙ୍ଗା ତହସିଲଦାର ଶୁଭାଷିଶ ପାଲଟା ଅସ୍ଥାୟୀ ଭାବେ ମାହାଙ୍ଗା ବିଡିଓ ଭାବେ ଦାୟିତ୍ୱ ତୁଲାଇଥିଲେ।

# ସାହାସପୁର ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ବାଲିଚନ୍ଦ୍ରପୁର,(ସବ୍ୟୁ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟ ଓ ଅଭ୍ୟନ୍ତରୀଣ, ଗୁଣବତ୍ତା, ପ୍ରମାଣନ ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ପ୍ରାଚୀନ ଓଡ଼ିଆ ଭାଷାର ବିସ୍ତୃତି, ପ୍ରକୃତି, ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ମିନତିମଞ୍ଜରୀ ନାୟକଙ୍କ ସଭାପତିତ୍ୱରେ ଆଲୋଚନା ହୋଇଯାଇଅଛି। ଏହି ସଭାରେ ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ଓଡ଼ିଆ ଭାଷାର ପ୍ରଚୀନତା, ସୁଦ୍ଧତା, ଶାସ୍ତ୍ରୀୟ ଭାଷାର ଲକ୍ଷଣ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ନିମନ୍ତେ ଆବଶ୍ୟକୀୟ ତଥ୍ୟ ଓ ପ୍ରମାଣ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ପକ୍ଷରୁ ଅଧ୍ୟାପକ ଦିପୁନ ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଆଦ୍ୟାମୌଶୁମୀ ମହାନ୍ତି ଶୀର୍ଷକ ସମ୍ପର୍କିତ ସାରଗର୍ଭକ ଆଲୋଚନା କରିଥିଲେ। ଅଧ୍ୟାପକ ଅଶୋକ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାପତି ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅଭ୍ୟନ୍ତରୀଣ, ଗୁଣବତ୍ତା, ପ୍ରମାଣନ ପ୍ରକୋଷ୍ଠର ସଂଯୋଜକ ଡ଼ଃ.ଜୟଦେବ ଶତପଥି ଛାତ୍ରଛାତ୍ରୀ ମାନଙ୍କୁ ଓଡ଼ିଆ ଭାଷା ସମ୍ପର୍କରେ ଉପଦେୟ ତଥ୍ୟମାନ ପ୍ରଦାନ କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ହିମାଂଶୁ ଶେଖର ମହାନ୍ତି, ସଂଜୟ କୁମାର ମଲ୍ଲିକ, ତିଳୋତମା ହେମ୍ବ୍ରମ, ମିଳନ କିଶୋର ଜେନା, କାହ୍ନୁଚରଣ ଜେନା, ଆଦିତ୍ୟ କୁମାର ସାହୁ, କୁଶଳ ଚନ୍ଦ୍ର ହେମ୍ବ୍ରମ, ବିବେକାନନ୍ଦ ଦାସ, ତଥା ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଧର୍ମଶାଳା ପଞ୍ଚାୟତ ସମିତି ପୂର୍ବତନ ଉପାଧ୍ୟକ୍ଷଙ୍କ ଅକାଳ ବିୟୋଗ



ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ପଂଚାୟତସମିତିର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ବଳ(୫୬)ଙ୍କ କଟକ ବଡମେଡିକାଲରେ ଗତକାଲି ରାତି ୩ ଟା ୨୦ମିନଟ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଗତ ମଙ୍ଗଳବାର ଦିନ ହଠାତ ସକାଳୁ ଅସୁସ୍ଥ ଅନୁଭବ କରିବାରୁ ପରିବାରଲୋକେ ସଙ୍ଗେ ସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡମେଡିକାଲକୁ ପଠାଇଥିଲେ। ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ପରଲୋକ ଘଟିଥିଲା। ସେ ଜଣେ ଦକ୍ଷ ରାଜନେତା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ୨୦୦୨ ମସିହାରେ ବଡ଼ଚଣା ନିର୍ବାଚନ ମଣ୍ଡଳୀ ପଟୁଣିଆ ପଂଚାୟତରୁ ଜନତା ଦଳରୁ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ପ୍ରଚେଷ୍ଟା ଫଳରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ଧର୍ମଶାଳା ପଂଚାୟତ ସମିତିର ଉପାଧ୍ୟକ୍ଷ ପଦ ପାଇଥିଲେ। ପରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ୨୦୧୨ ମସିହାରେ ବିଧାୟକ କଳ୍ପତରୁ ଦାସଙ୍କ ପ୍ରଚେଷ୍ଟାରେ ବିଜୁ ଜନତା ଦଳରୁ ନିର୍ବାଚନ ଲଢ଼ି ବିଜୟୀ ହୋଇ ଜଣେ ଲୋକପ୍ରିୟ ଜନପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ତାଙ୍କର କର୍ଯ୍ୟ ଦକ୍ଷତା ପାଇଁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଦାଇତ୍ୱ ତୁଳାଇ ଥିଲେ। ସେ ସ୍ଥାନୀୟ ଅଂଚଳରେ ଜଣେ ଜନପ୍ରତିନିଧି ଓ ରାଜନେତା ସହିତ ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଆଜି ପୂର୍ବାହ୍ନରେ ତାଙ୍କର ମୃତଦେହକୁ ନିଜ ଗ୍ରାମକୁ ଅଣାଯିବା ପରେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ,ବିଜେପି ନେତା ରାଜେଶ ପାଳ,ଧର୍ମଶାଳା ପଂଚାୟତ ସମିତି ପୂର୍ବତନ ଉପାଧ୍ୟକ୍ଷ ଜଳଧର ମହାନ୍ତି, ପୂର୍ବତନ ସରପଂଚ ସନ୍ତୋଷ କୁମାର ଜେନା, ପଟୁଣିଆ ସରପଂଚ ବୈଶାଳି ରାଉତ, ଲାଙ୍ଗୁଡ଼ି ସୁରକ୍ଷା ମଂଚର କର୍ମକର୍ତ୍ତା ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ସଅମର କୁମାର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, କଂଗ୍ରେସ ନେତା ଶ୍ରୀନାଥ ମିଶ୍ର, ବିଜେପି ନେତା କାହ୍ନୁ ଚରଣ ଦାଶ,ସର୍ବେଶ୍ୱର ବେହୁରା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପଂଚାୟତ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା । ବଡ଼ଝିଅ ଡାକ୍ତର ଅମ୍ଳାନୀ ସତ୍ୟପ୍ରଜ୍ଞା ବଳ ମୁଖାଗ୍ନି ଦେଇ ଥିଲେ।

# ଦୁଇ ଦିନିଆ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ସାଲେପୁର,(ସବ୍ୟୁ) : ସାଲେପୁର ମଧୁସୂଦନ ମଣ୍ଡପ ପରିସରରେ ଆଜି ଦୁଇ ଦିନଆ ମାଗଣା ସାସ୍ଥ୍ୟ ସେବା ଶିବିର ଉଦଘାଟିତ ହୋଇଯାଇଛି । ଏତସା ଫାଉଣ୍ଡେସନ ଓ ଲୋକସେବା ଫାଉଣ୍ଡେସନର ପ୍ରତ୍ୟେକ୍ଷ ତତ୍ତାବଧାନରେ ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିରକୁ ସମାଜସେବୀ ଡ଼ଃ ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ସ୍ୱାସ୍ଥ୍ୟ ହିଁ ସମ୍ପଦ, ଆଗାମୀ ଦିନରେ ଟାଙ୍ଗୀ – ସାଲେପୁର ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ ଫାଉଣ୍ଡେସନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ପ୍ରକାଶ କହିଥିଲେ। ।

ଶିବିରରେ ଭୁବନେଶ୍ୱରର ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜଗତପୁର ସ୍ଥିତ ସଦଗୁରୁ ହସ୍ପିଟାଲର କାର୍ଡିଓଲୋଜି, ମେଡ଼ିସିନ, ଚର୍ମ, ଆଖି, ଦନ୍ତ, ସ୍ତ୍ରୀ ଓ ପ୍ରସୂତି ଏବଂ ଶିଶୁ ବିଭାଗ ସମେତ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ମାଗଣାରେ ପରୀକ୍ଷା ନିରୀକ୍ଷା ସହିତ ଚିକିତ୍ସା କରାଯାଇଥଲା।

ଏଥିସହ ମାଗଣାରେ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ବହୁ ସଂଖ୍ୟାରେ ରୋଗୀ ଉପସ୍ଥିତ ରହି ଚିକିତ୍ସାର ସୁବିଧା ପାଇଥିଲେ । କାର୍ଯ୍ୟକ୍ରମରେ ଏତସା ଫାଉଣ୍ଡେସନର ପତିଷ୍ଠାତା ଇତିଶ୍ରୀ ମିଶ୍ର, ଅଧକ୍ଷ ଶାସ୍ତ୍ରୀ ବହାଦୁର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଆଳି ଖଣ୍ଡିଆପାଟଣା ଜେଟି



ଆଳି ,(ସବ୍ୟୁ):ଆଳି ବ୍ଲକ ବାଳକାଟି ପଞ୍ଚାୟତ ଖରସ୍ରୋତା ନଦୀ କୂଳ ର ଖଣ୍ଡିୟତ ପାଟଣା ଠାରେ ଏକ ଜେଟି ନିର୍ମାଣ ହୋଇଥିଲା । ଆଳି ଅଞ୍ଚଳର ଅଧିକାଂଶ ଗ୍ରାମ ନଦୀ କୁଳବର୍ତ୍ତୀରେ ଥିବାରୁ ପ୍ରାୟ ଅଧିକାଂଶ ଲୋକ ନଦୀରୁ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି । ତେଣୁ ଧୀବର, ମାଛ ଧରାଳି ମାନଙ୍କ ସୁବିଧା ପାଇଁ ତତ୍କାଳୀନ ବିଧାୟିକା ସୁଶ୍ରୀ ଦେବୀଙ୍କ ପ୍ରଚେଷ୍ଟାରେ ଜେଟିନିର୍ମାଣ କରାଯାଇଥିଲା । ଇତି ମଧ୍ୟରେ ୩୦ ବର୍ଷ ରୁ ଊର୍ଦ୍ଧ୍ୱ ସମୟ ବିତିଲାଣି । ଜେଟିରେ ମାଛଧରା ଡ଼ଙ୍ଗା ରଖିବା, ଗୋଦାମ ଗୃହ, ବିଶ୍ରାମ ଘର, ଶୌଚାଳୟ ସହ ସମସ୍ତ ପ୍ରକାର ଅନୁସାଙ୍ଗିକ ବ୍ୟବସ୍ଥା ରହିଥିଲା । ପ୍ରତିଦିନ ଏଠାରୁ ବିଭିନ୍ନ ଅଞ୍ଚଳକୁ ମାଛ ରପ୍ତାନି ହେଉଥିଲା । ଏବେ ଜେଟି ମଧ୍ୟରେ ରହିଥିବା ଗୋଦାମ ଗୃହ ଗୁଡିକ ସବୁ ଭଗ୍ନ ଅବସ୍ଥାରେ । ଆଉ ଏବେ ଏହି ଜେଟି ଜରାଜୀର୍ଣ ଅବସ୍ଥାରେ ପଡି ରହିଛି । ନିର୍ମାଣ ହୋଇଥିବା ଜେଟିର ଛାତରୁ କଂକ୍ରିଟ ଖସିଲାଣି, କାନ୍ଥ ଫାଟି ଆଁ କଲାଣି, କବାଟ ଝରକାକୁ ଦୁର୍ବୃତ୍ତ ତାଡି ନେଇ ଗଲେଣି, ଇଲେକ୍ଟ୍ରିକର ସମସ୍ତ ଜିନିଷ ଚୋରି ହୋଇ ଗଲାଣି, ଘର ଉପରେ ଗଛ ଲତା ମାଡି ଗଲାଣି, ଶୌଚାଳୟ ଗୁଡିକ ର କବାଟ ଠୁ ଆରମ୍ଭ କରି ସମସ୍ତ ଜିନିଷ ଭାଙ୍ଗି ରୁଜି ଗଲାଣି, ବିଭିନ୍ନ ସ୍ଥାନରେ ଚଟାଣ ମଧ୍ୟ ଭାଙ୍ଗି ଗଲାଣି । ଯାହା ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଖାଲି ସେତିକି ନୁହଁ ଜେଟିର ମୁହାଁଣ ପୋତି ହୋଇଗଲାଣି । କିନ୍ତୁ ଜେଟିର ଏ ଅବସ୍ଥା ମତ୍ସ୍ୟଜୀବୀ ଓ ବ୍ୟବସାୟୀ ଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ରୋଜଗାର ଅନ୍ୟକିଛି ପନ୍ଥା ନପାଇ ଜୀବିକା ଛାଡି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ମତ୍ସ୍ୟଜୀବୀ । ତେଣୁ ଜେଟି ଉପରେ ନିର୍ଭର କରୁଥିବା ପଖାପାଖି ୩୦୦୦ରୁ ଊର୍ଦ୍ଧ୍ୱ ପରିବାର ପୁନରଉଦ୍ଧାର ପାଇଁ ଦାବୀ କରିଛନ୍ତି । ଦିନେ ଏହି ଜେଟିରେ ରାଜନୈତିକଠୁ ଆରମ୍ଭ କରି ସରକାରୀ ସ୍ତର ଓ ବେସରକାରୀ ସ୍ତରର ବଡଠୁ ଛୋଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଜେଟି ପୁନରଉଦ୍ଧାର ନହେବା ଫଳରେ ପ୍ରତିବର୍ଷ ଆସୁଥିବା ବନ୍ୟା, ବାତ୍ୟା ଓ ଜୁଆର ମାଡ଼ ଯୋଗୁଁ ଯେଟିର ଅନେକ କ୍ଷୟକ୍ଷତି ହେଉଛି । ନଦୀ ପଥରେ ଭିତରକନିକା ପର୍ଯ୍ୟଟନୀସ୍ଥଳକୁ ଯିବା ପାଇଁ ଏଠାରେ ଭିଡ଼ ଜମୁଥିଲା । ଯଦି ଭିତରକନିକା ଯିବା ପାଇଁ ପରିବାହନ ବୋଟ କାର୍ଯ୍ୟକ୍ଷମ ହୁଅନ୍ତା ତାହା ହେଲେ ଅନେକ ପରିବାର ରୋଜଗାର କ୍ଷମ ହୋଇପାରନ୍ତା । ଏବେ ଜେଟି ନିଶାଖୋରଙ୍କ ଆଡ୍ଡା ସ୍ଥଳୀ ପାଲଟିଛି । ତେତସହିତ ଏହି ଜେଟି ପରିସରରେ ଥିବା ୫ ଶହରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛକ ଦୁର୍ବୃତ୍ତ ମାନେ ଧୀରେ କାଟି ନେଇଯାଇଥିବା ଦେଖିବାକୁ ମିଳିଛି । ଯଦି ଏହାର ପୁର୍ନରଉଦ୍ଧାର ହୁଅନ୍ତା ତାହା ହେଲେ ରୋଜଗାର ବଢିବା ସହିତ ଅନେକ ଦୋକାନ ବଜାର ଗଢି ଉଠନ୍ତା । ଏ ନେଇ ଆଳି ଅଞ୍ଚଳର ଧନେଶ୍ୱର ରାଉତ, ବଂଶୀଧର ରାଉତ, ରବୀନ୍ଦ୍ର ସାହୁ, ସୁଦର୍ଶନ ସାହୁ, ବିଚିତ୍ର ସାହୁ ପ୍ରମୁଖ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର ରଘୁରାମ ଆୟାରଙ୍କୁ ଭେଟି ଲିଖିତ ଅଭିଯୋଗ ଦେଇଛନ୍ତି ।

# ବିପଦସଙ୍କୁଳ ଘୋଷିତ ଅଙ୍ଗନବାଡ଼ି କେନ୍ଦ୍ରରେ ରଙ୍ଗବୋଳା : ତଦନ୍ତ ଦାବି

ନାଉଗାଁ, (ସବ୍ୟୁ) : ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତର ତେଣ୍ଟୋଇ –୧ ଅଙ୍ଗନବାଡ଼ି କେନ୍ଦ୍ରଟି ବିଗତ ଏକବର୍ଷ ହେଲା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଉକ୍ତ ଗୃହଟି ୨୦୧୪ ମସିହାରେ ନିର୍ମାଣ ହୋଇଥିବା ବେଳେ ବିଭାଗ ପକ୍ଷରୁ ଏକ ପରିତ୍ୟକ୍ତ ପୋଖରୀ କଡ଼ରେ ନିର୍ମାଣ କରାଯାଇଥିଲା । ଗୃହ ପଛପଟେ ରହିଥିବା ଉକ୍ତ ଖାଲକୁ ପୋତାନଯିବା କାରଣରୁ ନିର୍ମାଣ ହେବାର ମାତ୍ର କିଛି ବର୍ଷ ମଧ୍ୟରେ ଘରର ମୂଳଦୁଆ ଫାଟିବା ସହିତ କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହୋଇଛି । ଖାଲି ସେତିକିନୁହେଁ ଏଠାରେ ପିଲାମାନଙ୍କ ପାଇଁ ରହିଥିବା ଶୌଚାଳୟଟି ମଧ୍ୟ ଦୀର୍ଘ ଦିନ ଧରି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅନ୍ୟପଟେ ସରକାର ଶିଶୁ ମାନଙ୍କ ପାଇଁ ଯୋଗାଇ ଦେଉଥିବା ଖେଳଣାଠୁ ଆରମ୍ଭ କରି ଅନ୍ୟ ଉପକରଣ ଗୁଡିକୁ ଏହି ଅସୁରକ୍ଷିତ ଗୃହରେ ବସ୍ତାରେ ବାନ୍ଧି ରଖାଯାଉଥିବା ବେଳେ ଗୃହର ଏଭଳି ଅବସ୍ଥାକୁ ଦୃଷ୍ଟିରେ ରଖି ବ୍ଲକ ସମନ୍ୱିତ ଶିଶୁ ବିଭାଗ ପକ୍ଷରୁ ଉକ୍ତ କେନ୍ଦ୍ରକୁ ଅସୁରକ୍ଷିତ ବୋଲି ବିଗତ ଦିନରେ ଘୋଷଣା ମଧ୍ୟ କରାଯାଇ ଥିଲା ଏବଂ ଉକ୍ତ କେନ୍ଦ୍ର ଠାରୁ ଏକ କିଲୋମିଟର ଦୂରରେ ଅବସ୍ଥିତ ତେଣ୍ଟୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ଅଙ୍ଗନଓ୍ୱାଡି କେନ୍ଦ୍ରକୁ ସ୍ଥାନାନ୍ତରିତ ମଧ୍ୟ କରାଯାଇଥିଲା ।

କିନ୍ତୁ ସେବେଠୁ କୁନିକୁନି ପିଲାମାନେ ଏତେବାଟ ଚାଲିକି ଯିବା ସମ୍ଭବପର ହେଉନଥିବାରୁ ଗାଁ ଆଖଡ଼ା ଘରେ କିଛିମାସ ଧରି ମଧ୍ୟ ପାଠପଢ଼ା ଚାଲିଥିଲା । ଅନ୍ୟପଟେ ଉକ୍ତ ଗୃହଟି ସଙ୍କଟାପର୍ଣ୍ଣ ଅବସ୍ଥାରେ ରହିଥିବାରୁ ଯାହାକୁନେଇ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ପକ୍ଷରୁ ବାରମ୍ବାର ଏଠାରେ ଏକ ନୂତନ ଗୃହ ନିର୍ମାଣ ପାଇଁ ଜିଲା ପ୍ରଶାସନ ନିକଟରେ ଦାବି ହେଉଥିଲା । କିନ୍ତୁ ବର୍ତ୍ତମାନ ସବୁଠୁ ବଡ଼ ପରିତାପର ବିଷୟ ଉକ୍ତ ଗୃହକୁ ଗତ ଏକବର୍ଷ ତଳେ ବିଭାଗ ପକ୍ଷରୁ ବିପଦସଙ୍କୁଳ ଘୋଷଣା କରାଯାଇଥିବା ବେଳେ ଏବେ ପୁଣି ସେହି ବିପଦ ସଙ୍କୁଳ ଗୃହକୁ ମରାମତି ଆଳରେ ରଙ୍ଗ ବୋଳି ଅର୍ଥ ହଡପ କରିବା ପାଇଁ ଯୋଜନା ଚାଲିଥିବା ଗ୍ରାମବାସୀମାନେ ଅଭିଯୋଗ କରୁଛନ୍ତି ।

ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏହି ଘର କଡ଼ରେ ଏକ ପୋଖରୀ ଥିବାରୁ ଘରଟି ଦବି ଯାଇଥିଲା । ଯାହାପାଇଁ ସେଠାରେ ଏକ କଂକ୍ରିଟ ଓ୍ୱାଲ୍ କରାଯିବା ସହିତ ଭାଙ୍ଗି ଯାଇଥିବା କାନ୍ଥ ଗୁଡିକୁ ମରାମତି କରାଯିବ ବୋଲି କହିଛନ୍ତି । ସବୁଠୁ ବଡ଼ କଥାହେଲା ଯେଉଁ ଘରର ମୂଳଦୁଆ ଫାଟି ଯାଇଛି ସେ ଘରକୁ କିପରି ବିଭାଗ ପକ୍ଷରୁ ମରାମତି କରାଯାଉଛି ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗ୍ରାମବାସୀମାନେ ପ୍ରଶ୍ନ କରିବା ସହିତ ଜିଲାପାଳ ଏହି ଘଟଣାର ପ୍ରକୃତ ତଦନ୍ତ କରିବାକୁ ଦାବି କରିଛନ୍ତି ।

# ପୁବେଇ ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟ ନିମ୍ନମାନର

## ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକାଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

କୋଣାର୍କ , (ସବ୍ୟୁ): କୋଣାର୍କ ଥାନା ଅଧିନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ପୁବେଇ ଗ୍ରାମରେ ଓଡ଼ିଶା ଉଠା ଜଳସେଚନ ନିଗମ ଲିମିଟେଡ ମାଧ୍ୟମରେ ୪୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ର୍ନିମାଣ କରାଯାଉଥିବା ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟ ଏଷ୍ଟିମେଣ୍ଟ ଅନୁଯାୟୀ କରା ନ ଯାଇ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାର୍ଯ୍ୟ କରାଯାଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକା ଓ ପୁରୀ ଜିଲ୍ଲାପାଳଙ୍କୁ ପୁବେଇ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ ଯେ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ପୁବେଇ ଗ୍ରାମର ଜନସାଧାରଣଙ୍କ ଅଗୋଚରରେ ପାଣି ପଞ୍ଚାୟତ କମିଟି ଗଠନ କରି ଉଠା ଜଳସେଚନ ପଏଣ୍ଟ ସମ୍ପର୍କୀତ ସୂଚନା ଫଳକ ମରା ଯାଇ ନ ଥିଲା ବେଳେ ଏଷ୍ଟିମେଣ୍ଟ ଅନୁଯାୟୀ ସାମଗ୍ରୀ ବ୍ୟବହାର କରା ନ ଯାଇ ଦାୟିତ୍ୱରେ ଉଠା ଜଳସେଚନ ନିଗମର କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଓ ମନମାନିରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାର୍ଯ୍ୟ କରାଯାଉଛି ବୋଲି ପୁବେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟରେ ୮ ସିଡ୍ୱାଲ ପାଇପ ବିଛାଇବା ପରିବର୍ତ୍ତେ ୪୦ ସିଡ୍ୱାଲର ଲୋ ଗ୍ରେଡର ପାଇପ ବିଛା ଯାଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟରେ ପାଇପ ବିଛାଇବା ପାଇଁ ମାଟିର ଗଭୀରତା ସଠିକ ଭାବେ ଖୋଳା ନ ଯାଇ ଠିକ ପରିମାଣର ବାଲି ଓ କଂକ୍ରିଟ ଢଳେଇ କରାଯାଉ ନାହିଁ ବୋଲି ଗ୍ରାମବାସୀଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏଠାରେ ପ୍ରକାଶ ଥାଉ କି ଏହି ଗ୍ରାମରେ ଥିବା ଦୁଇ ଗୋଟି ପୁରୁଣା ଉଠା ଜଳସେଚନ ପଏଣ୍ଟ କାମ କରୁଥିବା ବେଳେ ସେଗୁଡିକ ଭାଙ୍ଗି ଏହି ନୂତନ ଉଠା ଜଳସେଚନ ପଏଣ୍ଟ ର୍ନିମାଣ କରିବା କେତେ ଦୂର ସମାଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପୁବେଇ ଗ୍ରାମରେ ଓଡିଶା ଉଠା ଜଳସେଚନ ନିଗମ ପକ୍ଷରୁ ର୍ନିମାଣ କରାଯାଉଥିବା ନିମ୍ନମାନର ଉଠା ଜଳସେଚନ ପଏଣ୍ଟରେ ବ୍ୟବହୃତ ସାମଗ୍ରୀର ମାନ ପରୀକ୍ଷା ସହ ଏଷ୍ଟିମେଣ୍ଟ ଅନୁଯାୟୀ କାର୍ଯ୍ୟ ହେଉଛି କି ନାହିଁ ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକା ଓ ପୁରୀ ଜିଲ୍ଲାପାଳଙ୍କୁ ପୁବେଇ ଗ୍ରାମର ଅନିଲ ଭୂୟାଁ, କାଳନ୍ଦୀ ବେହେରା, ବିଶ୍ୱଜିତ ପଣ୍ଡା, ବଳରାମ ପଣ୍ଡା ଓ ସଦାଶିବ ପଣ୍ଡା ସମେତ ଶତାଧିକ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି।

# ଓଡ଼ିଆ ବିଶ୍ୱ ବିଦ୍ୟାଳୟରେ ଶାସ୍ତ୍ରୀୟ ଭାଷା ଦିବସ ପାଳିତ




ସାକ୍ଷୀଗୋପାଳ,(ସବ୍ୟୁ): କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଶାସ୍ତ୍ରୀୟ ଓ ଭାଷା ଦିବସ ଓ ବିଶ୍ୱବିଦ୍ୟାଳୟ ପାଠଚକ୍ର ପ୍ରକୋଷ୍ଠରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ବିଷୟ ବିଶେଷଜ୍ଞ ଭାବରେ ଓ ପ୍ରଖ୍ୟାତ ଭାଷାବିଜ୍ଞାନୀ ପ୍ରଫେସର ହରପ୍ରସାଦ ମିଶ୍ର ଯୋଗଦାନ କରିଥିଲେ । କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ ସହ ସାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିଙ୍କ ପରିଚୟ ପ୍ରଦାନ ପରେ ବିଷୟ ବିଶେଷଜ୍ଞ ପ୍ରଫେସର ହରପ୍ରସାଦ ମିଶ୍ର ତାଙ୍କର ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଓ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇବାର ଦୀର୍ଘ ଇତିହାସ ଓ ସଂଘର୍ଷ ବିଷୟରେ ଆଲୋଚନା କରି ମହାଭାରତ ରଚନାକାଳରୁ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର, ଅଶୋକଙ୍କ ଶିଳାଲିପି, ଖାରବେଳଙ୍କ ହାତୀଗୁମ୍ଫା ଓ ଶିଶୁବେଦ ତଥା ଜଗନ୍ନାଥ ଦାସଙ୍କ ଗୁପ୍ତ ଭାଗବତରେ ସ୍ଥାନିତ ଗଦ୍ୟାଂଶ ଭିତରେ ଓ ଭାଷାର ସାତନ୍ତ୍ରତା ବିଷୟରେ ଆଲୋଚନା କରିଥିଲେ । ପିଲାମାନଙ୍କ ଦାରା ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କର ସନ୍ଦେହ ମୋଚନ କରିଥିଲେ । କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ସାରଗର୍ଭକ ବକ୍ତବ୍ୟରେ ଓ ଭାଷାର ୫୦ଭାଗରୁ ଅଧିକ ଶବ୍ଦ ପ୍ରତ୍ୟକ୍ଷଭାବରେ ସଂସ୍କୃତଭାଷାରୁ ଆସିଛି ବୋଲି ବିଭିନ୍ନ ଉଦାହରଣ ଦେଇ ତାହା ପ୍ରମାଣିତ କରିଥିଲେ । ସଂସ୍କୃତ ଯେ କେବଳ ଓ ଭାଷାର ଜନନୀ ତାହା ନୁହେଁ ବରଂ ସର୍ବଭାରତୀୟ ସ୍ତରରେ ପ୍ରଚଳିତ ସମସ୍ତଭାଷାର ଜନନୀ ଏହାକୁ ସେ ଦୃଢ ଭାଷାରେ ଘୋଷଣା କରିଥିଲେ । ସଂସ୍କୃତି ଅଧିକାରିଣୀ ଡ. ଲିପିକା ନାୟକ ଓ ଶାସ୍ତ୍ରୀୟ ଭାଷାର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ଅଧ୍ୟାପିକା ଡ. ସଙ୍ଗୀତା ଜେନା ଓ ଭାଷା ଏକ ମୌଳିକ ଭାଷା ବୋଲି କହିଥିଲେ । ଓ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ଶାସ୍ତ୍ରୀୟ ଭାଷାର ଇତିହାସ ଓ ଓ ଭାଷାର ପ୍ରାଚୀନତା ସମ୍ପର୍କରେ ଆଲୋଚନା କରିବା ସହ ମଞ୍ଚପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ଭିତରେ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ଡ. ଶର୍ମିଷ୍ଠା ମହାପାତ୍ର,ଅତିଥି ଅଧ୍ୟାପିକା ଶୁଭସ୍ମିତା ନାୟକ, ଡ. ମୋନାଲି ଚାଙ୍ଗ, ଡ. ସସ୍ମିତା ଜେନା ଓ ଡ. ଜୟନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ନୀଳମାଧବ ମନ୍ଦିର ସମସ୍ୟା : ଆଇନ ମନ୍ତ୍ରୀଙ୍କୁ ଭେଟିଲେ ପୂଜକ ସମାଜ ପ୍ରତିନିଧି



କଣ୍ଟିଲୋ,(ସବ୍ୟୁ): ଶ୍ରୀଜଗନ୍ନାଥଙ୍କ ଆଦିପୀଠ ଶ୍ରୀ ନୀଳମାଧବଙ୍କ ମନ୍ଦିର ସମସ୍ୟାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ପ୍ରକୋଷ୍ଠରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ନୀଳମାଧା ମନ୍ଦିର ପୂଜକ ସମାଜର ଏକ ପ୍ରତିନିଧି ଦଳ ଭେଟିବା ସହିତ ମନ୍ଦିର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ସିଂହ ଦ୍ୱାର ସ୍ଥିତ ଅରୁଣ ଖମ୍ଭ ମୂଳ ଦୁର୍ବଳ ହୋଇ ଏହା ପବନ ହେଲେ ଦୋହଲୁଛି।ପାର୍ଶ ଦେବ ଜଗନ୍ନାଥ ମନ୍ଦିର ଗରୁଡ଼ ସ୍ଥମ୍ଭ ମଧ ଭାଙ୍ଗି ଯାଇଛି।ମନ୍ଦିର ପରିସରରେ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ନଥିବାରୁ ଶ୍ରଦ୍ଧାଳୁ ମାନେ ମନ୍ଦିର ବେଢାରେ ଖରା, ବର୍ଷାରେ ବସି ପ୍ରସାଦ ସେବନ କରୁଛନ୍ତି।ମନ୍ଦିର ପରିଚାଳନା ପାଇଁ ନିୟୋଜିତ ହୋଇଥିବା ମ୍ୟାନେଜର ୨ବର୍ଷ ତଳୁ ଇସ୍ତଫା ଦେଇଥିବାରୁ ମନ୍ଦିର ପରିଚାଳନା ତଥା ନୀଳମାଧବଙ୍କ ବିଭିନ୍ନ ଯାତ୍ରା ଆଦି ପାଳନରେ ଅବ୍ୟବସ୍ଥା ଦେଖାଦେଉଛି।ଏଣୁ ଶୃଙ୍ଖଳିତ ପରିଚାଳନା ପାଇଁ ଜଣେ ଓଏଏସଙ୍କୁ ନିଯୁକ୍ତି ସହ ଆବଶ୍ୟକ କର୍ମଚାରୀ ନିୟୋଜନ ଦାବୀ କରିଛନ୍ତି। ଏଥିସହ ମନ୍ଦିରର ପରିଚାଳନା ପାଇଁ ସ୍ୱତନ୍ତ୍ର କର୍ପସ ଫଣ୍ଡ ଗଠନ ଏବଂ ଆଲୋକ ବ୍ୟବସ୍ଥା ସହ ମନ୍ଦିର ପରିସର ପରିବେଶ ସ୍ୱଚ୍ଛତା ଉପରେ ଧ୍ୟାନ ଦେବା ପ୍ରମୁଖ ଦାବୀ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂଜକ ସମାଜ ସଭାପତି ନିହାର ରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ପ୍ରମୁଖ ମନ୍ତ୍ରୀଙ୍କୁ ଭେଟିଛନ୍ତି।

## ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲିପାଟଣା ,(ସବ୍ୟୁ): ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ନାବାର୍ଡ ସହାୟତା ଏଂ ନିଗମ ଓ ମଧୁକେଶ୍ୱରେ କୃଷକ ଉତ୍ପାଦକ କମ୍ପାନୀ ଲି, ର ମିଳିତ ସହଯୋଗରେ ବାଲିପାଟଣା ବ୍ଲକ ସ୍ଥିତ ଆତ୍ମା ସଭାଗୃହରେ ମହିଳା କୃଷି ଉଦ୍ୟୋଗମାନଙ୍କୁ କୃଷି ସମ୍ବନ୍ଧିୟ ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ନିଗମ ଅନୁଷ୍ଠାନର ମହିଳା ସଂଯୋଜିକା କାଦମ୍ବିନୀ ପାତ୍ର ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିକାଶ ପରିଚାଳକ ଉଡକ୍କ ଶ୍ରୀମତୀ ତୃପ୍ତି ତାପସୀ, ମୁଖ୍ୟ ବକ୍ତା ଭାବେ ବ୍ଲକ କୃଷି ଅଧିକାରୀ ପୁର୍ଣ୍ଣ ଚନ୍ଦ୍ର ବାରିକ, ଏଂ ସମ୍ମାନୀତ ଅତିଥି ଭାବେ ବି ଟି ଏମ ବାଲିପାଟଣା ସଂଜିବୀ କୁମାର ସାହୁ, ଏଂ ଭାପୁର ସରପଞ୍ଚ ଲିଲିପ୍ରଭା ସାହୁ, ପ୍ରମୁଖ ଯୋଗ ଦେଇ କୃଷି ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ଆଠ ଜଣ ସଫଳ କୃଷି ଉଦ୍ୟୋଗୀ ପଟଚିତ୍ର ଶିଳ୍ପୀ ପଙ୍କଜିନୀ ମହାପାତ୍ର, କତାଶିଳ୍ପୀ ସୁକାନ୍ତି ବେହେରା, କ୍ଷୁଦ୍ର ଉଦ୍ୟୋଗୀ ନଳିନୀ ବେହେରା, ଓ ସୁଲୋଚନା ମହାନ୍ତି, ନ୍ୟାୟିକା ଉପଦେଷ୍ଟା ଶ୍ରୀମତୀ ଜୋତ୍ରିମୟୀ ଦାସ, ହସ୍ତତନ୍ତ୍ର ଶିଳ୍ପୀ ମମତା ରାଉତ, ଡ୍ରୋନ ଦିଦୀ କୁମୁଦିନୀ ସ୍ୱାଇଁ, ଏବଂ ରଙ୍ଗୀନ ମହିଳା ମାଛଚାଷୀ ଶ୍ରୀମତୀ ଝୁନୁରାଣୀ ପରିଡା ପ୍ରମୁଖଙ୍କୁ ସେମାନଙ୍କର କୃତୀ ପାଇଁ ମାନପତ୍ର, ଉତ୍ତରୀୟ, ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମଧୁକେଶ୍ୱର କୃଷକ ଉତ୍ପାଦକ କମ୍ପାନୀ ଲିଃର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ନାଥ,, ଅନୁଷ୍ଠାନର ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ଭୋଇ, ବସନ୍ତ ପାତ୍ର, କନକ ଜେନା, ଏବଂ ନିଗମ ଅନୁଷ୍ଠାନର ବିଚିତ୍ରା ନନ୍ଦ ସ୍ୱାଇଁ, ଅନିଲ କୁମାର ତରାସିଆ, ହରେକୃଷ୍ଣ ସାହୁ ପ୍ରମୁଖ ପରିଚାଳନରେ ସହଯୋଗ କରିଥିବାବେଳେ ନିଗମର ମହିଳା କର୍ମକର୍ତ୍ତା ମଧୁସ୍ମିତା ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ଦିବସରେ ମହିଳା ପ୍ରତିଭାଙ୍କୁ ସମ୍ମାନ



କୁହୁଡ଼ି, (ସବ୍ୟୁ): ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଟାଙ୍ଗୀ ଅଞ୍ଚଳର ବଳରାମ ଦେବ ମନ୍ଦିର ପରିସରରେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ରମେଶ କୁମାର ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ମହିଳା ଦିବସ । ଏଥିରେ ସମ୍ପାଦକ ବିଜୟ କୁମାର ରାଉତଙ୍କ ଆବାହକତ୍ୱରେ ଏକ ଆଲୋଚନା ଚକ୍ର ଓ ମହିଳା ପ୍ରତିଭା ସମ୍ମାନ ସମାରୋହ କରାଯାଇଥିଲା । ସମାଜରେ ମହିଳା ଅବଳା ଦୁର୍ବଳା କି ? ଶୀର୍ଷକ ଆଲୋଚନାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ମହେଶ୍ୱର ପ୍ରଧାନ, ଉମେଶ ପ୍ରସାଦ ଧଳ, ସାରଗଂଧର ପାଲଟା ସିଂ,ସାମ୍ବାଦିକ ରଘୁନାଥ ସାହୁ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ନାୟକ,ତାରା ପ୍ରସାଦ ପଟନାୟକ, ଶିକ୍ଷକ ନେତା ସନ୍ତୋଷ କୁମାର ବେହେରା, ଆଇନଜିବୀ ବିଶ୍ୱଜିତ ରାଉତରାୟ, ନକୁଳ ନାୟକ, ସାଂସଦ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ପ୍ରାକ୍ତନ ଛାତ୍ର ନେତା ବିଚ୍ଛେଦ ଜୟ ସିଂ, ପୂର୍ବତନ ସେନାନୀ ଅଧିକାରୀ ସୁବୁଧି ,ଶିକ୍ଷୟତ୍ରୀ କୁମୁଦିନି ସାହୁ ପ୍ରମୁଖ ଭାଗ ନେଇଥିଲେ । ମହିଳାଙ୍କର ସର୍ବାଙ୍ଗୀନ ଉନ୍ନତି ହିଁ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ହେବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳା ଯଥା ଆଦର୍ଶ ଶିକ୍ଷୟତ୍ରୀ ଜୋସ୍ନାମଣୀ ମଙ୍ଗରାଜ, ଷ୍ଟେଟ ବିଗ୍ରେଡ ସ୍କୁଲର ପ୍ରତିଷ୍ଠାତା ବିଜୟନୀ ଦାଶ, ଜନ ପ୍ରତିନିଧି ପ୍ରଣତିବାଳା ସାହୁ, ଅଙ୍ଗନୱାଡି କର୍ମୀ ପ୍ରଭାସିନୀ ଛୋଟରାୟ, ସାମ୍ବାଦିକା ମଞ୍ଜୁଲତା ଇନ୍ଦ୍ରଜିତ, ରୀନା ସାହୁ, ଆଇନଜୀବୀ ରମାମଣୀ ଦେଇ, ସମାଜସେବୀ ପ୍ରଭାତି ଲେଙ୍କା , ସଫେଇ କର୍ମଚାରୀ ଅନି ନାଏକଙ୍କୁ ଆୟୋଜିତ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାଯ୍ୟକ୍ରମକୁ ରାମଚନ୍ଦ୍ର ସାହୁ, ଦୁର୍ଗା ଚରଣ ପାତ୍ର, ଶରତ ଚନ୍ଦ୍ର ପଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଉପସଭାପତି ସୁରେନ୍ଦ୍ର କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଦେଉଳିମଠରେ ଗୋପାଳଙ୍କ ଲଉଡ଼ି ଖେଳ ପ୍ରତିଯୋଗିତା

କାକଟପୁର ,(ସବ୍ୟୁ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳାଙ୍କ ଚୈତ୍ର ମାସର ପ୍ରଥମ ପାଳି ମଙ୍ଗଳବାର ତଥା ନେତ ବନ୍ଧା ଉତ୍ସବ ଦିନ ମନ୍ଦିର ବେଢାରେ ଗୋପାଳମାନେ ଓଗାଳ ପରିବେଷଣ କରିବା ସାଙ୍ଗକୁ ଫଗୁ ଖେଳିଥାନ୍ତି ।ଏହି ପରମ୍ପରା ଏବେବି ଗୋପାଳମାନ ଙ୍କର ରହିଆସିଅଛି ୯ ଗୋପାଳ ମାନେ ବୀର ବେଶ ହୋଇ ଦେଉଳି ମଠ ଠାରେ ବାଡ଼ି ଲଉ ଖେଳ ପ୍ରଦର୍ଶନ କରିଥିଲେ । ଏହି ଲଉ ଖେଳରେ ୧ ଶହରୁ ଉର୍ଦ୍ଧ ଗୋଠର ଗୋପାଳମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥଲା । ଏଥିପାଇଁ ବିଚାରକ ମଣ୍ଡଳୀଙ୍କ ( ଦ୍ୱାରା ) ଯୋଗ୍ୟ ବିବେଚିତ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ କାକଟପୁର କାକଟପୁର ବ୍ଲକ ମା ମଙ୍ଗଳା ଯାଦବ ସଂଘ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ହାତରେ କେନ୍ଦୁବାଡ଼ି , ଅଣ୍ଟାରେ ଘଣ୍ଟି ଘାଗୁଡ଼ି ସହ କେତେକ ପ୍ରତିଯୋଗୀ ଅଣ୍ଟାରେ ବଂଶୀ ବାନ୍ଧି , ବିଭିନ୍ନ ଗୋଠର ଗୋପାଳମାନେ ଦଳଗତ ହୋଇ ଦେଉଳି ମଠ ପଡିଆରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ଲଉଡ଼ି ଖେଳ ଦେଖିବାକୁ ଓ ଓଗାଳ ଶୁଣିବାକୁ ଦେଉଳି ମଠରେ ସାଧୁ ସନ୍ୟାସୀଙ୍କ ସହିତ ଲୋକଙ୍କ ଭିଡ଼ ଜମିଥିଲା । ଏହି କାର୍ଯ୍ୟକ୍ରମରେ କାକଟପୁର ବ୍ଲକ ଯାଦବ ସଙ୍ଘର ସଭାପତି ପୁରୁଷୋତ୍ତମ ମଠିଆ , ସଂପାଦକ ନୃସିଂହ ପ୍ରସାଦ ପୋଲେଇ , ଅମରେଶର ବେହେରା , ପ୍ରଶାନ୍ତ ବେହେରା , ଉପସଭାପତି ଦୈତାରୀ ବେହେରା , ମନୋଜ ଦାସ , ଚିତ୍ତ ରଞ୍ଜନ ବେହେରା , ବେଣୁଧର ଦାସ , ସୁବାସ ଦାସ , ଶିବ ପ୍ରସାଦ ଦାସ , ଭରତ ବେହେରାଙ୍କ ସମେତ ପୁରୀ ଜିଲ୍ଲା ଯାଦବସଙ୍ଘର ସଭାପତି ଗୋପାଳ ଚନ୍ଦ୍ର ବେହେରା , ଯାଦବ ଯୁବ ନେତୃତ୍ୱ ମନୋରଞ୍ଜନ ଦାସଙ୍କ ସହିତ ବିଭିନ୍ନ ଗୋଠର ମୁରବୀ ଏବଂ ସଂଘର ସମସ୍ତ କର୍ମକର୍ତ୍ତା , ସଭ୍ୟ, ଓ ଯାଦବଭାଇ ମାନେ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ରଣପୁର, (ସବ୍ୟୁ): ରଣପୁର ବିଜ୍ଞାପିତ ଅଞ୍ଚଳ ତରଫରୁ ଶନିବାର ଦିନ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ସ୍ଥାନୀୟ ମା ମଣିନାଗ କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି ।ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ. ସମାଜ ଗଠନ ରେ ନାରୀ ର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଏବଂ ନାରୀ ଶକ୍ତି ହିଁ ଦେଶ କୁ ସମୃଦ୍ଧ ଓ ପ୍ରଗତିଶାଳୀ କରିବାରେ ପ୍ରମୁଖ ପ୍ରଧାନ ଅସ୍ତ୍ର ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଲକ୍ଷ୍ମୀପ୍ରିୟା ତରାଇ.ସାଂସଦ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ରଣପୁର କଲେଜ ଅଧ୍ୟାପିକା ଡ଼ଃ ପଟ୍ଟନାୟକ. ରଣପୁର ସିଡିପିଓ.ଏବଂ ରଣପୁର ଏନ. ଏସି ର ସମସ୍ତ ମହିଳା କାଉସିଲର ଯୋଗ ଦେଇ ସମାଜ ଓ ଦେଶ ଗଠନ ରେ ମହିଳା ମାନଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ.ଏହି ମହିଳା ଦିବସ ଅବସରରେ ଶ୍ରେଷ୍ଠ ଆଶା ଦିଦି ଭାବେ ସାହୁ ଶ୍ରେଷ୍ଠ ମହିଳା ଅଙ୍ଗନବାଡି କର୍ମୀ ତିଳୋତମା ପଢ଼ିଆରୀ ମହିଳା ହକି ଖେଳାଳି ପ୍ରିତୀମୟୀ ରାଉତ ରୋଜାଲିନି ନାୟକ ଗାୟତ୍ରୀ ବେହେରା ଅନ୍ତର୍ଜାତୀୟ ବ୍ୟାଡ଼ବିଣ୍ଟନ ଖେଳାଳି ରେବତୀ ମଲ୍ଲିକ ପ୍ରମୁଖଙ୍କୁ ବାଚସ୍ପତି ସମ୍ବର୍ଦ୍ଧିତ କରିଥିଲେ ଏବଂ ସଚ୍ଛ ସାଥି ସଚ୍ଛ କର୍ମୀ. ଜଳ ସାଥି. ଆହାର କେନ୍ଦ୍ର ରେ ନିୟୋଜିତ ମହିଳା କର୍ମୀ. ଗୋଷ୍ଠୀ ଶୌଚାଳୟ ଓ ସାଧାରଣ ଶୌଚାଳୟ ର ନିୟୋଜିତ କମ୍ୟୁନିଟି ପାଟନର ବିଜ୍ଞାପିତ ଅଞ୍ଚଳ ପରିଷଦ ର ଶେଷ୍ଠ ମହିଳା କର୍ମଚାରୀ ଦୁଇ ଜଣଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ କଳାକାର ଓ ସିନେ ଅଭିନେତ୍ରୀ ସୁମନ ପଟ୍ଟନାୟକଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ଶେଷରେ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିବାହି ଅଧିକାରୀ ବିଶ୍ୱମ୍ବର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଏଥି ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ନିୟୋଜିତ ସମସ୍ତ ସଫେଇ କର୍ମଚାରୀ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା ।

## ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ଏନଏସି ପକ୍ଷରୁ ଶୁକ୍ରବାର ଦିନ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଦିବସ ରେ ଏନଏସି ପକ୍ଷରୁ ପରିମଳ ରେ ନିୟୋଜିତ ମହିଳା ମାନଙ୍କ ଉଦେଶ୍ୟ ରେ ଏକ କର୍ମଶାଳା ଅନୁଷ୍ଠିତ ହେବା ସହ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ଏନ ଏ ସି ପକ୍ଷରୁ ଆୟୋଜିତ ସଭାରେ ଅତିଥି ଭାବେ ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ ଯୋଗ ଦେଇ ଏହି ସଭାକୁ ଉଦଘାଟନ କରିଥିଲେ । ଏହି ସଭାରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି,ଉପଧକ୍ଷ କିଶୋର ଚନ୍ଦ୍ର ଦାସ, କାଉନସିଲର ସୁକଦେ ମିଶ୍ର, ମନୋଜ ସାହୁ କମ୍ୟୁନିଟି ହେଲଥ ଅଫିସର ଲିଜା ହୋତା, ଆଇନିଜୀବୀ ଆଲୋକ ସେନାପତି ପ୍ରମୁଖ ଉପସ୍ଥିତ ରହି ଆନ୍ତର୍ଜାତୀୟ ମହିଳା ଦିବସ ସମ୍ପର୍କ ରେ ବର୍ଣନା କରିବା ସହ ଦଶପଲ୍ଲା ଏନ ଏ ସି ରେ ପରିମଳ ବିଭାଗ ର ବିଭିନ୍ନ କ୍ଷେତ୍ରରେ କାମକରୁଥିବା ମହିଳା ମାନଙ୍କ ସମ୍ପର୍କ ରେ ବକ୍ତବ୍ୟ ରଖିବା ସହ ବର୍ତମାନ ମହିଳା ମାନେ ଘର ଭିତରେ ଏବଂ ଘର ବାହାରେ ରହି ବିଭିନ୍ନ କାର୍ଯ୍ୟକାରୀ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ବିଶେଷ ଭାବେ ଆଇନିଜୀବୀ ଆଲୋକ ସେନାପତି ଚଳିତ ବର୍ଷ ଆନ୍ତର୍ଜାତୀୟ ମହିଳା ଦିବସ ର ଥିମ ଗିଭ ଟୁ ଗେନ ବା ଦାନ କରନ୍ତୁ ଲାଭ ପାଆନ୍ତୁ ବିଷୟ ରେ ବର୍ଣନା କରିବା ସହ ମହିଳା ଙ୍କ ପ୍ରତି ଉଦାରତା ଓ ସହଯୋଗିତା ର ମାନବିକତା କୁ ପ୍ରସ୍ଥାହିତ କରିବା ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ । ଶେଷରେ ଏନ ଏ ସି ମଧ୍ୟରେ ପରିମଳର ବିଭିନ୍ନ କ୍ଷେତ୍ରରେ ରେ କାର୍ଯ୍ୟ କରୁଥିବା ମହିଳା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ବହୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନେ ଉପସ୍ଥିତ ଥିଲେ ।

# ମହିଳା ଦିବସରେ ମାନବାଧିକାର ମଞ୍ଚର ଆଲୋଚନାଚକ୍ର




ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତିୟ ମହିଳା ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନ ମାନବାଧିକାର ମଞ୍ଚ ଭୁବନେଶ୍ୱର ଆନୁକୂଲ୍ୟରେ କଣ୍ଟାବାଡ଼ ପଞ୍ଚାୟତ ଆହ୍ୱୁତା ଶିଶୁସଦନ ପରିସରରେ ଆଲୋଚନାଚକ୍ର ଓ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟ ପତ୍ରିକ ତୀରତରଙ୍ଗ ସମ୍ପାଦିକା ଶ୍ରୀମତୀ ବନ୍ଦନା ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ତଥା ଭାଷାବିତ ଓ ସ୍ତମ୍ଭକାର ଡ. ଭାଗବତ ଶୁକ୍ଳ ମୁଖ୍ୟ ଆଲୋଚକ ,ଶ୍ରୀମତୀ ଲକ୍ଷ୍ମୀ ଚାନ୍ଦ ସହ ସମ୍ପାଦିକା, କବୟିତ୍ରୀ ତଥା ସମାଜସେବୀ ଶ୍ରୀମତୀ ସୁଷମା ମିଶ୍ର , ଲେଖିକା ତଥା ସମାଜସେବୀ ଶ୍ରୀମତି ନିରୂପମା ରଥ ପ୍ରମୁଖ ସମ୍ମାନୀତ ଆଲୋଚକ ଭାବେ ଯୋଗାଦେଇଥିଲେ ।ମାନବାଧିକାର ମଞ୍ଚର ସଭାପତି ବିଶିଷ୍ଟ ଆଇନଜୀବୀ ନଟବର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଡ. ସାଗରିକା ମିଶ୍ରଙ୍କ ସଭାପତିତ୍ୱରେ ଏବଂ ସାହିତ୍ୟିକ ,ପ୍ରବଚକ ଓ ସମାଜସେବୀ ବିଜୟ ମିଶ୍ରଙ୍କ ଉପସ୍ଥିତିରେ ଏକ ମାନବୀୟ ମୂଲ୍ୟବୋଧ ଭିତିକ କବିତା ପାଠ ସଂଯୋଜନା ହୋଇଥିଲା । ଏହି ଅବସରରେ ମାନବିକତାର କଥାର ମହିଳା ବିଶେଷାଙ୍କ ଉନ୍ମୋଚିତ ହେବା ସହ ପାଖ ପଞ୍ଚୟତର ୩ ଜଣ ମହିଳା ସରପଞ୍ଚ ତଥା କଣ୍ଟାବାଡ଼ ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ ସାହୁ, ମେଣ୍ଢାଶାଳ ସରପଞ୍ଚ ଶ୍ରୀମତୀ କୌଶଲ୍ୟା ବଳିୟାରସିଂହ , ଅନ୍ଧାରୁଆ ସରପଞ୍ଚ ଶ୍ରୀମତୀ ସ୍ୱର୍ଣ୍ଣଲତା ବଳିୟାରସିଂ ଓ ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ନିରୂପମା ସାହୁଙ୍କୁ ନାରୀଶକ୍ତି ଭାବେ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆହ୍ୱୁତା ଶିଶୁ ସଦନର ଅନ୍ତେଃବାସୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ମାନବାଧିକାର ମଞ୍ଚର ଉପସଭାପତି ପ୍ର.ଜ୍ଞାନରଞ୍ଜନ ମହାନ୍ତି ମଞ୍ଚ ସମ୍ପକରେ ସୂଚନା ପ୍ରଦାନ କରିଥିଲେ । ମଞ୍ଚର ଉପଦେଷ୍ଟା ଡ.ଡାଡ଼ିବନ୍ଧୁ ସାହୁ ଆହ୍ୱୁତା ଶିଶୁ ସଦନ ସମ୍ପର୍କରେ ସମକ୍ୟ ସୂଚନର ଦେଇଥିବା ବେଳେ ସମାଜସେବୀ ଭାବଗ୍ରାହୀ ସାହୁ ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଫେସର ହରିକୃଷ୍ଣ ଦାସ, ଜୟନ୍ତ କୁମାର ଦାସ, ବଂଶୀଧର ଭୋଇ ସମେତ ବହୁ ବୁଦ୍ଧିଜୀବୀ,ସାହିତ୍ୟିକ ଓ ସମାଜସେବୀ ମାନେ ଏହି ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଶେଷରେ ମଞ୍ଚର ଯୁଗ୍ମ ସମ୍ପାଦିକ । ସମାଜସେବୀ ସୁପ୍ରିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କଣାସ,(ସବ୍ୟୁ)::ପୁରୀ ଜିଲ୍ଲା କଣାସ ବ୍ଲକ ସାନପୁଟ ପଞ୍ଚାୟତ ଛୋଟିଯୋଡ଼ି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସସ୍ମିତା ପଟ୍ଟନାୟକ ଓ ବରଦା ବାଦଲପୁର ଉଚ୍ଚ ବିଦ୍ୟାଳୟର ହିନ୍ଦି ଶିକ୍ଷକ ଶ୍ୟାମ ସୁନ୍ଦର ଜେନାଙ୍କୁ ଗ୍ରାମବାସୀ, ଅଭିଭାବକ , ବିଦ୍ୟାଳୟ କମିଟି ଓ କ୍ଲଷ୍ଟର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିକ୍ଷୟତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କୁ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା,ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ,ଗୋବର୍ଦ୍ଧନ ବେହେରା,ପ୍ରଫୁଲ୍ଲ କୁମାର ବେହେରା,ମନ୍ଦାରବସ୍ଥ ସାଧନକେନ୍ଦ୍ର ସଂଯୋଜିକା ମମତା ସାହୁ ,ଜିତେନ୍ଦ୍ର କୁମାର ପ୍ରଧାନ,ରଶ୍ମି ରଞ୍ଜନ ବେହେରା , ବିଜୟ କୁମାର ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# କନ୍ଦରପୁର ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ



ଆଠଗଡ , (ସବ୍ୟୁ): ଶନିବାର କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ରାଉତ ଙ୍କ ପୌରହିତରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠଗଡର ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଆଠଗଡ଼ ବନଖଣ୍ଡ ଏସିଏଫ ନୀଳମାଧ ସାହୁ,, ଆଠଗଡ ସାମ୍ବାଦିକ ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତି, ଶିଳ୍ପପତି ସଂଜୀବ ପତ୍ରି, ବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ତଥା ଆଠଗଡ ସାମ୍ବାଦିକ ସଂଘର ସଂପାଦକ ବିଭୂତି ଭୂଷଣ ଖଟୁଆ, ପ୍ରାକ୍ତନ ସମ୍ପାଦକ ଦେବୀପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସଂପାଦକ ସୁଶାନ୍ତ ସାହୁ ସଂପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିବେକାନନ୍ଦ ପ୍ରଧାନ ମଂଚ ପରିଚାଳନା କରିଥିଲେ। ଚଳିତ ବର୍ଷ କ୍ରୀଡା , ନୃତ୍ୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ସଂମ୍ମାନ ପ୍ରଦାନ କରିଥିଲେ ଅତିଥିମାନେ, କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହିତ ପୁନଃ ପୁରସ୍କାର ବିତରଣ କରାଯାଇଥିଲା ।ଏହି କର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନନ୍ଦକିଶୋର ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ କୁମାର ପରିଡା, ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନଙ୍କ ମଧ୍ୟରେ ପ୍ରକାଶ କୁମାର ପ୍ରଧାନ, ସ୍ମରଣିକା ଦାସ, ଅହଲ୍ୟା ବେହେରା, କବିତା ବେହେରା, ଅର୍ପିତା ବେହେରା, ସୋନାଲି ସେଠି, ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ରାଣା, ପୂର୍ଣ୍ଣିମା ସେଠି, ପ୍ରମୁଖ ସହଯୋଗ କରିଥିଲେ।

# ମରହଟ୍ଟା ଅତ୍ୟାଚାର ଓ ରାମଶଙ୍କର ରାୟଙ୍କ 'ବିବାସିନୀ'



ଭାସ୍କର ପରିଚ୍ଛା

ରାମଶଙ୍କର ରାୟଙ୍କ ବିବାସିନୀ (୧୮୯୧) ଓଡ଼ିଆ ସାହିତ୍ୟର ପ୍ରାରମ୍ଭିକ ଉପନ୍ୟାସ ପରମ୍ପରାରେ ଏକ ମାର୍ଗଦର୍ଶକ କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉମେଶ ଚନ୍ଦ୍ର ସରକାରଙ୍କ ପଦ୍ମମାଳୀ (୧୮୮୮) ପରେ ଏହାକୁ ସାଧାରଣତଃ ଓଡ଼ିଆ ସାହିତ୍ୟର ଦ୍ୱିତୀୟ ପୂର୍ଣ୍ଣାଙ୍ଗ ଉପନ୍ୟାସ ଭାବେ ଗଣ୍ୟ କରାଯାଏ । ବର୍ଣ୍ଣନାତ୍ମକ, ସୂଚନାମୂଳକ ଏବଂ କାବ୍ୟମୟ ଭାଷାଶୈଳୀରେ ରଚିତ ଏହି ଉପନ୍ୟାସଟି ଏକ ଜଟିଳ କାହାଣୀରେ ଗଢ଼ା, ଯେଉଁଥିରେ ଐତିହାସିକ ରୋମାନ୍ସ ଓ ସାମାଜିକ-ରାଜନୈତିକ ଆଖ୍ୟାନର ଏକ ସୁନ୍ଦର ସମନ୍ୱୟ ପଢିବାକୁ ମିଳେ ।




ବିବାସିନୀ ଉପନ୍ୟାସର କାହାଣୀ ଓଡ଼ିଶାରେ ମରହଟ୍ଟା ଶାସନକାଳକୁ ପୃଷ୍ଠଭୂମି କରି ଗଢ଼ାଯାଇଛି । ୧୭୫୧ରୁ ୧୮୦୩ ପର୍ଯ୍ୟନ୍ତ ଚାଲିଥିବା ଏହି ଶାସନକାଳ ଓଡ଼ିଶାର ଇତିହାସର ଏକ ତୁମୁଳ ଅଧ୍ୟାୟ । ବିଶେଷକରି ୧୭୬୯ରୁ ୧୭୭୧ ମଧ୍ୟରେ ମରହଟ୍ଟା ପ୍ରଶାସକ ଶମ୍ଭୁଜୀ ଗଣେଶ ରାଓଙ୍କ ଅତ୍ୟାଚାରୀ ଶାସନ ଓ ସେଥିରେ ପୀଡ଼ିତ

## ପୁନରାବଲୋକନ-୩

ଲୋକ ଏବଂ ଓଡ଼ିଶାର ଦୁର୍ଦ୍ଦଶାକୁ ଏହି ଉପନ୍ୟାସ ଉଜାଗର କରେ । ଏହି ଦୁର୍ଦ୍ଦଶାର ପ୍ରତିକ୍ରିୟା ରୂପେ ଭୂୟାଁ ଡାକୁମାନଙ୍କ ଦ୍ୱାରା ମରହଟ୍ଟା ଶାସକ ଓ ସେମାନଙ୍କ ସହଯୋଗୀମାନଙ୍କ ଉପରେ ଘଟିଥିବା ଆକ୍ରମଣ ଘଟଣାଗୁଡ଼ିକୁ ଉପନ୍ୟାସରେ ଚିତ୍ରିତ କରାଯାଇଛି । ଏହି ପ୍ରତିରୋଧକୁ କୁଜଙ୍ଗ-ପାରାଦୀପର ରାଜାଙ୍କ ସମର୍ଥନ ମିଳିଥିବାରୁ ଉପନ୍ୟାସର ପ୍ଲଟ ସାଧାରଣ ଡକାୟତିର ସୀମା ଡେଇଁ ଏକ ସାମାଜିକ-ରାଜନୈତିକ ପ୍ରତିବାଦର ରୂପ ନେଇଛି ।

ପ୍ରଥମ ଦୃଷ୍ଟିରେ ଉପନ୍ୟାସଟି ଏକ ଦୁଃଖାନ୍ତ ପ୍ରେମକାହାଣୀକୁ କେନ୍ଦ୍ର କରି ଗଢ଼ା ହୋଇଥିବା ମନେ ହେଲେ ମଧ୍ୟ, ବାସ୍ତବରେ ଏହାର ଗଠନ ଅଧିକ ଜଟିଳ ଓ ବହୁସ୍ତରୀୟ । ରାମଶଙ୍କର ରାୟ ବିଭିନ୍ନ ଘଟଣା, ପାତ୍ର ଓ ପରିସ୍ଥିତିକୁ ସୂକ୍ଷ୍ମ ଭାବରେ ଗୁନ୍ଥି ଏକ ଆକର୍ଷଣୀୟ ଆଖ୍ୟାନ ରଚନା କରିଛନ୍ତି, ଯେଉଁଥିରେ ଅନ୍ୟାୟ ଓ ଯନ୍ତ୍ରଣା, ଅପରାଧ ଓ ପ୍ରତିଶୋଧ, ପାପ ଓ ପରିତାପର ନାଟ୍ୟାତ୍ମକ ପରିଣତି ଦେଖାଯାଏ । ଉପନ୍ୟାସଟିରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମିର ପାତ୍ରମାନଙ୍କ ପ୍ରାବଲ୍ୟ ଆଖିରେ ପଡେ, ଯେଉଁମାନେ ଓଡ଼ିଶାର ସମାଜ, ସଂସ୍କୃତି, ଅର୍ଥନୀତି ଓ ଧାର୍ମିକ ଜୀବନର ବିଭିନ୍ନ ପାର୍ଶ୍ୱକୁ ସ୍ୱତଃ ପ୍ରକାଶ କରନ୍ତି ।




ଉପନ୍ୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ମରହଟ୍ଟା ଶାସନକାଳରେ ଓଡ଼ିଶାର କୃଷିକ୍ଷେତ୍ରର ସଙ୍କଟର ବାସ୍ତବିକ ଚିତ୍ରଣ । ଅତ୍ୟଧିକ କରଭାର, ଜମିଦାରମାନଙ୍କ ଶୋଷଣ ଓ ଦୁର୍ଭିକ୍ଷର ଭୟାବହ ପରିସ୍ଥିତି ଚାଷୀମାନଙ୍କୁ କିପରି ଦୁର୍ଦ୍ଦଶାଗ୍ରସ୍ତ କରି ଦେଇଥିଲା, ତାହାକୁ ଲେଖକ ରାମଶଙ୍କର ରାୟ ଖୁବ୍ ଜୀବନ୍ତ ଭାବରେ ଚିତ୍ରଣ କରିଛନ୍ତି । ସାଧାରଣ ଲୋକଙ୍କ ଦୁଃଖ-ଦୁର୍ଦ୍ଦଶା, ବିଶେଷତଃ କୃଷକମାନଙ୍କ ଅସହାୟ ଅବସ୍ଥାକୁ ଗଭୀର ସାମାଜିକ ସହାନୁଭୂତି ସହ ଉପସ୍ଥାପିତ କରିଛନ୍ତି ରାମଶଙ୍କର ରାୟ ବିବାସିନୀ ଉପନ୍ୟାସରେ ।

ଏଥି ସହ ଉପନ୍ୟାସଟି ଏକ ରୋମାଞ୍ଚକ କାହାଣୀକୁ ମଧ୍ୟ ଆଗେଇ ନେଇଛି-ଗୋଟିଏ ଡାକୁ ଦଳର କାହାଣୀ, ଯେଉଁମାନେ ଧନୀମାନଙ୍କୁ ରୋବିନହୁଡ ଢାଞ୍ଚାରେ ଲୁଟି ଗରିବମାନଙ୍କୁ ସାହାଯ୍ୟ କରିବାର ଆଦର୍ଶକୁ ନିଜର ଧର୍ମ ବୋଲି ମାନନ୍ତି । ସେମାନେ ନିଜକୁ ଦୈବୀ ନ୍ୟାୟର ପ୍ରତିନିଧି ଭାବେ ଘୋଷଣା କରି ସାମାଜିକ ଅସମାନତା ବିରୋଧରେ ଏକ ପ୍ରତୀକାତ୍ମକ ପ୍ରତିବାଦ ଉଠାଇଛନ୍ତି । ଏହି ପାତ୍ରମାନଙ୍କ ମାଧମରେ ରାମଶଙ୍କର ରାୟ ନ୍ୟାୟ, ନୀତି ଓ ବିଦ୍ରୋହର ଜଟିଳ ପ୍ରଶ୍ନଗୁଡ଼ିକୁ ଆଲୋଚନା କରିଛନ୍ତି ।

ଅନ୍ୟପଟେ, ଉପନ୍ୟାସଟି ସମାଜର କଠୋର ନୀତିନିୟମ ଉପରେ ଏକ ସୂକ୍ଷ୍ମ ବ୍ୟଙ୍ଗ ମଧ୍ୟ ପ୍ରସ୍ତୁତ କରିଛି । ବିଶେଷତଃ ହିନ୍ଦୁ ବିଧବାମାନଙ୍କ ଉପରେ ଲଦି ଦିଆଯାଇଥିବା କଠିନ ଧାର୍ମିକ ନିୟମ ଓ ସଂଯମୀ ଜୀବନର ଆବଶ୍ୟକତାକୁ ଲେଖକ ମାନବୀୟ ସହାନୁଭୂତିର ସହିତ ପ୍ରଶ୍ନ କରିଛନ୍ତିଛ ଏହା ଲେଖକ ରାୟଙ୍କ ସାମାଜିକ ସଚେତନତା ଓ ମାନବିକ ଦୃଷ୍ଟିଭଙ୍ଗୀକୁ ପ୍ରକାଶ କରେଛ

ଉପନ୍ୟାସରେ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରସାର ଓ ତାହାର ସାମାଜିକ ପ୍ରଭାବ ମଧ୍ୟ ଉଲ୍ଲେଖ ହୋଇଛି । ଭଗବାନ ହରି( ବିଷ୍ଣୁ )ଙ୍କ ଭକ୍ତିକୁ କେନ୍ଦ୍ର କରି ଉଦ୍ଭବ ହୋଇଥିବା ଏହି ଧାର୍ମିକ ଆନ୍ଦୋଳନ କୁଳ-ଜାତିର ଭେଦଭାବକୁ ଅସ୍ୱୀକାର କରି ଏକ ସମାନତାମୂଳକ ଆଧାତ୍ମିକ ଚେତନାର ପ୍ରଚାର କରୁଥିବା ବିଷୟ ଦେଖାଯାଏ ଉପନ୍ୟାସରେ । ବୈଷ୍ଣବ ସନ୍ନ୍ୟାସୀ ହନୁମାନ ଦାସ ଓ ଗିରିଧାରୀ ଦାସଙ୍କ ଉପଦେଶ ଉପନ୍ୟାସରେ ଏକ ଆଧାତ୍ମିକ ଓ ରହସ୍ୟମୟ ଆଭା ଆଣିପାରିଛି ।

କିଛି ସମାଲୋଚକ ବିବାସିନୀରେ ଦେଖାଯାଇଥିବା ଶାସନ ବିରୋଧୀ ପ୍ରତିରୋଧର ଚିତ୍ରଣରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦମଠ'ର ପ୍ରଭାବର ଆଭାସ ଦେଖନ୍ତି ।

କିନ୍ତୁ ଏହି ସାଦୃଶ୍ୟ କେବଳ ସେତିକିରେ ହିଁ ଶେଷ ହୋଇଛି । ଆନନ୍ଦମଠ ହିନ୍ଦୁ ଜାତୀୟତାର ପୁନରୁତ୍ଥାନକୁ ପ୍ରମୁଖ ସ୍ୱର କରିଥିବା ବେଳେ, ବିବାସିନୀମାନବୀୟ ଯନ୍ତ୍ରଣା ଓ ସାମାଜିକ ନ୍ୟାୟର ପ୍ରଶ୍ନକୁ ଅଧିକ ଗୁରୁତ୍ୱ ଦେଇଛି ।

ରାମଶଙ୍କର ରାୟ (୧୮୫୭-୧୯୩୧) ଓଡ଼ିଆ ସାହିତ୍ୟ ଓ ନାଟ୍ୟ ଆନ୍ଦୋଳନର ଥିଲେ ଜଣେ ପ୍ରମୁଖ ପୁରୋଧା । ସୌଦାମିନୀ, ବିବାସିନୀ ଓ ଉନ୍ମାଦିନୀ-ଏହି ତିନିଟି ଉପନ୍ୟାସ ସହିତ ସେ ଚଉଦଟି ନାଟକ ରଚନା କରିଥିଲେ । ସେଥି ମଧ୍ୟରେ 'କାଞ୍ଚିକାବେରୀ, କଳିକାଳ, ବୁଧବାର, ବନବାଳା, ବଡଲୋକ, ବିଶ୍ୱଯଜ୍ଞ, ବିଷମୋଦକ, ଯୁଗଧର୍ମ, କାଞ୍ଚନମାଳୀ, ଲୀଳାବତୀ, ରାମବନବାସ, କଂସବଧ, ଚୈତନ୍ୟ ଲୀଳା ଓ ରାମାଭିଷେକ' ଆଦି ବିଶେଷ ଉଲ୍ଲେଖନୀୟ । ସେ କେବଳ ଜଣେ ଲେଖକ ବା ନାଟ୍ୟକାର ନଥିଲେ, ଓଡ଼ିଶାର ନାଟ୍ୟଚର୍ଚ୍ଚାକୁ ସଙ୍ଗଠିତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଇତିହାସର ଯେଉଁ ଅଂଶଗୁଡ଼ିକୁ ପେଶାଦାର ଇତିହାସକାରମାନେ ସାଧାରଣତଃ ଅବହେଳା କରିଛନ୍ତି, ସେଗୁଡ଼ିକୁ ସୃଜନଶୀଳ ଲେଖକମାନେ ତାଙ୍କ ଆଖ୍ୟାନରେ ଜୀବନ୍ତ କରିବା ଦେଖାଯାଏ ।

ବିବାସିନୀ କ୍ଷେତ୍ରରେ ମଧ୍ୟ ସେୟା ହିଁ ହୋଇଛି । ଏହି ଅର୍ଥରେ ବିବାସିନୀ କେବଳ ଏକ ସାହିତ୍ୟିକ କୃତି ନୁହେଁ ଏହା ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଜୀବନ, ରାଜନୈତିକ ଅଶାନ୍ତି ଓ ସଂସ୍କୃତିକ ପରିବର୍ତ୍ତନର ଏକ ସଜୀବ ଦର୍ପଣମଧ୍ୟଛ

ଓଡିଆ ଉପନ୍ୟାସର ଏହି ଗୁରୁତ୍ୱପୂର୍ଣ୍ଣ କୃତିଟିକୁ ସ୍ନେହପ୍ରଭା ଦାସ ଇଂରାଜୀରେ ଅନୁବାଦ କରିଛନ୍ତି । ରୂପାନ୍ତର ପକ୍ଷରୁ ଏହାର ଇଂରାଜୀ ଅନୁବାଦ ପ୍ରଥମେ କରାଯାଇଥିଲା । ପରେ ବ୍ଲାକ ଇଗଲବୁକ୍ସ ଦ୍ୱାରା 'ଦ ଏକଜାଇଲ୍ଡ' ଶୀର୍ଷକରେ ଏହା ପ୍ରକାଶିତ ହେବା ପରେ ଏକ ବ୍ୟାପକ ପାଠକମଣ୍ଡଳୀ ପାଇଁ ଉପନ୍ୟାସଟି ଉପଲବ୍ଧ ହୋଇପାରିଛି ।

**(ଶ୍ରୀ ପରିଚ୍ଛା ଇଂରାଜୀ ଓ ଓଡ଼ିଆରେ ସମାଲୋଚନା, ପୁସ୍ତକ ସମୀକ୍ଷା ଓ ପ୍ରବନ୍ଧ ଲେଖି ବେଶ୍ ସୁପରିଚିତ)**

**ଭୁବନେଶ୍ୱର,**
**ମୋ-୯୩୩୭୫୦୮୫୯୨**

# ଲକ୍ଷ୍ମୀ ପରି ବୋହୂ

ଗଳ୍ପ

ସୁନନ୍ଦା ମହାନ୍ତି

ସବୁଦିନ ସୁଆଦିଆ ପୋଡ଼ପିଠା ତିଆରି କରୁଥିବା ମାଆ କେତକୀ କିନ୍ତୁ ସେଦିନ ପଡିଗଲେ । ଆଉ ପୋଡ଼ ପିଠା ତିଆରି କରିପାରିଲେ ନାହିଁ । ସିଦ୍ଧାର୍ଥ ମାଆ କେତକୀଙ୍କୁ ନେଇ ହସ୍ପିଟାଲରେ ଏକ୍ସ -ରେ କରିବାକୁ ଧାଡ଼ିରେ ଠିଆ ହୋଇଥାଏ । ଏହି ସମୟରେ ଜଣେ ଟ୍ରଲିବାଲା ଜବରଦସ୍ତି ପଶି ଧାଡିର ପ୍ରଥମ ବ୍ୟକ୍ତି ହିସାବରେ ଠିଆ ହେବାକୁ ଚାହିଁ କେତକୀଙ୍କୁ ଠେଲାପେଲା କରୁଥିବା ଦେଖି ସିଦ୍ଧାର୍ଥ ତାଙ୍କ ସହ ଗଣ୍ଡଗୋଳ କରିବାକୁ ବାହାରିଲାରୁ ମାଆ କେତକୀ କହିଥିଲେ- 'କୁକୁର ମିଣିଷଙ୍କୁ କାମୁଡିବ ବୋଲି ମଣିଷ କଣ କୁକୁରଙ୍କୁ କାମୁଡିବ'!

ସେତେବେଳକୁ ସେହି ଟ୍ରଲିବାଲା କହୁଥାନ୍ତି ସେଦିନ ମଦ ଟୋପେ ପିଇ ଦେଇଥିଲି ବୋଲି ନଚେତ ମତେ ଦେଖିଲେ ଭୂତ ପ୍ରେତ ମଧ୍ୟ ଆଡେଇ ଯାଆନ୍ତି । ମଦ ମତେ ଟାଣି ନେଇ ପକେଇଦେଲାରୁ ଆଜି ଏମିତି ଅବସ୍ଥାରେ ଠିଆ ହୋଇ ରହିବାକୁ ପଡୁଛି । କେତକୀ ପଛକୁ ଘୁଞ୍ଚି ଯାଇ ଟ୍ରଲିବାଲାଙ୍କୁ ଆଗରେ ଯିବାକୁ ଛାଡିଦେଲେ । ସିଦ୍ଧାର୍ଥର ହୃଦବୋଧ ହେଲା ମାଆ ଆଜି ତାକୁ ପୁଣି ଥରେ ଶିକ୍ଷା ଦେଇଥିଲେ ଯେମିତି । ପ୍ରଥମରୁ ସାଙ୍ଗ ସାଥୀ ମେଳରେ ସମୟ ଓ ପଇସା ବାରବାଦ ନକରି ଉପଯୁକ୍ତ ଭାବେ ପାଠ ଶାଠ ପଢିଥିଲେ ଆଜି ମାଆ ଏପରି କଷ୍ଟ ପାଉନଥାନ୍ତେ । ମାଆ କିନ୍ତୁ ସେଦିନ ବୁଝିସାରିଥିଲେ କି ସିଦ୍ଧାର୍ଥ ଆଖିର ଅନୁତାପ ତାକୁ ଏଣିକି ଭଲ ତ ଭଲ ଖୁବ ଭଲ ବାଟକୁ ଆଣିପାରିବ ।

ମାଆ ଭଲ ହୋଇଗଲାପରେ ଖୋଜି ଖୋଜି ପୁଅ ସିଦ୍ଧାର୍ଥ ପାଇଁ ବୋହୂ ଆଣିଥିଲେ । ପୁଅ ପାଇଁ ବୋହୂ ଉପଯୁକ୍ତ ଥିଲା କି ନାହିଁ କେଜାଣି କିନ୍ତୁ ଶାଶୁ ମାଆ କେତକୀଙ୍କ ସଙ୍ଗେ ମିଶି ଖୁବ ସ୍ୱାଦିଷ୍ଟ ପୋଡପିଠା କଲାବେଳେ ଶାଶୁ କେତକୀ ବୋହୂକୁ କହୁଥିଲେ ମୋ ପୁଅର ଉପଯୁକ୍ତ ପଥପଦର୍ଶକ ହୋଇପାରିଲେ ତୁ ମୋର ସୁନାବୋହୂ ହୋଇପାରିବୁ ।

ମନଟା ପୁରା ଖୋଲା ଥିବା ସୁନାବୋହୂ କହୁଥିଲା ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ ମାଆ । ସେ ଦାୟିତ୍ୱ ମୋର । ଅଧା ବଦଳି ଥିବା ପୁଅ ସିଦ୍ଧାର୍ଥ ସତକୁ ସତ ପୁରା ବଦଳି ଗଲାବେଳେ ଶାଶୁ କେତକୀ କହୁଥିଲେ ପୋଡପିଠା ପାଇଁ କେତେ ଚାଉଳ ଚୁନାକୁ କେତେ ଚିନି, ନଡ଼ିଆ, ଗୁଜୁରାତି ଇତ୍ୟାଦି ଦରକାର ତାହା ମୋ ସୁନାବୋହୂକୁ ଠିକ୍ ଠିକ୍ ଜଣା । ପିତା ମାତା ସହ ସ୍ୱାମୀ ସିଦ୍ଧାର୍ଥ ଖୁସିରେ ସୁନାବୋହୂ ସହ ସଂସାର କରିବା ସେହି ମଧୁପୁର ଗାଁର ଏକ ବିରଳ ଉଦାହରଣ ଥିଲା ।

କଥାଟି ଥିଲା ମଧୁପୁର ଗାଁର । ପାଖାପାଖି ଦୁଇ ଶହ ପରିବାର । ସେମାନଙ୍କ ଭିତରେ ବେଣୁ ଓ କେତକୀଙ୍କ କଥା ନିଆରା । ଭାରି ଶାନ୍ତ ସୁଧାର ମଣିଷ ଦୁଇ ଜଣ । ମାଣେ ସରିକି ବିଲ । ଘରବାଡ଼ି,ଘେରା ଜମିକୁ ଲଗାଇ ଦେଢ଼ ଏକରରୁ ଅଧିକ ହେବ ନାହିଁ । ମୂଲ ମଜୁରୀ କରି ବେଣୁ ଚଳିଯାଏ । ଗୋଟିଏ ବୋଲି ପୁଅ । ବାହାଘରର ଢେର୍ ବର୍ଷ ପରେ ସେଇ ପୁଅ ବକଟକ ପାଇଁ କେତକୀ କମ୍ ଦିଅଁ ଦେବତା ପୂଜା କରି ନାହିଁ । ଗାଁ ମହାଦେବଙ୍କୁ କେତେ ନେହୁରା ହୋଇଛି । ଯାହା ହେଉ, କେତକୀକୁ ଚାଳିଶ ବର୍ଷ ହେଲା ବେଳକୁ ପୁଅ ସିଦ୍ଧୁ ଜନ୍ମ ହେଲା । ସେତେବେଳକୁ ବେଣୁର ପଇଁଚାଳିଶ ବର୍ଷ । ପୁଅକୁ ନେଇ ସୁଖଦୁଃଖର ସଂସାର ଭିତରେ କେତେ ଆଶାର ବୈତରଣୀ ।

ଜମି ବାଡ଼ି ନଥିଲା ବୋଲି ବେଣୁ କେବେ ମନଦୁଃଖ କରି ନାହିଁ । ପୁଅ ପାଠ ପଢ଼ି ମଣିଷ ହେବ, ସେଇ ଚିନ୍ତାରେ ତାଙ୍କ ଦୁହିଁଙ୍କର ଦିନ ରାତି କଟେ । ସିଦ୍ଧୁ ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ବାପମାଆଙ୍କର ଗୋଡ଼ ତଳେ ଲାଗୁ ନଥାଏ । କୌଣସି ପ୍ରକାରେ ପୁଅ କଲେଜରେ ପାଠ ପଢିବ, ବହୁତ ବହୁତ ପଢି ରୋଜଗାର କରିବ, ଚାଳଘର ଭାଙ୍ଗି ପକ୍କା ଘର ହେବ, ଏହିଭଳି ସ୍ୱପ୍ନ ବିଭୋର ହୋଇ ବେଣୁର ମନ ଭାରାକ୍ରାନ୍ତ ହୋଇ ପଡୁଥାଏ । ସିଦ୍ଧାର୍ଥ ଓରଫ୍ ସିଦ୍ଧୁ କଲେଜରେ ମନ ଦେଇ ପଢିଲା ନାହିଁ । ସେ କେବଳ ଖର୍ଚ୍ଚ କେମିତି ହେବ, ସେତିକି ବ୍ୟତୀତ ଆଉ କିଛି ଶିଖିଲା ନାହିଁ । ପରୀକ୍ଷାରେ ପ୍ରଥମ ଥରରେ କୃତକାର୍ଯ୍ୟ ହୋଇ ନପାରିବାରୁ ଦ୍ୱିତୀୟ ଥର ପରୀକ୍ଷା ଦେଲା । ସେଥିରେ ବି ସେ ବିଫଳ ହେଲା ।

କିଛି ଦିନ ପାଇଁ ଜଣେ ସାଙ୍ଗ ସାଙ୍ଗରେ ବେଙ୍ଗାଲୁରୁ ଯାଇଥିଲା । ସେଠିକାର କାମରେ ଦିନେ ଗଲେ ତିନି ଦିନ ଯାଏ ନାହିଁ । ଯାହା ରୋଜଗାର କରେ ନିଅଣ୍ଟ ହୁଏ । ଘରକୁ ପଳାଇ ଆସିଲା । ଯାହା କରଜ କରିଥିଲା,ବେଣୁ ଧାର କରଜ କରି ଶୁଝିଲା । ଗାଁର କେତେଜଣ ପିଲା ପାଖ ସହରରେ ଥିବା ପ୍ରାଇଭେଟ୍ ଆଇ.ଟି.ଆଇ.ରେ ପଢି ଚାକିରି କଲେଣି । କ'ଣ ମନକୁ ଆସିଲା କେଜାଣି,ସିଦ୍ଧୁ ଆଇ.ଟି.ଆଇ.ରେ ନାଁ ଲେଖାଇବା ପାଇଁ ଜିଦ୍ ଧରିଲା । ଜମିରୁ କିଛି ବିକି ବେଣୁ ତାକୁ ଆଇ.ଟି.ଆଇ. ପଢିବା ପାଇଁ ଦେଲେ ।

କିଛି ଦିନ ପଢି ସିଦ୍ଧୁ ଆଉ ଗଲା ନାହିଁ । କେବଳ ସାଙ୍ଗ ମେଳରେ ବୁଲି ବୁଲି ଖର୍ଚ୍ଚ କଲା । ଦିନକୁ ଦିନ ବେଣୁର ଆର୍ଥିକ ଅବସ୍ଥା ଖରାପ ହୋଇ ଯାଉଥିଲା । ଗୋଟିଏ ବୋଲି ପୁଅ ତ । କହିଲେ ପୁଣି ରାଗିଯାଇ କେଉଁ ସହରକୁ ଯାଇ ପୁଣି କିଛି ଦେଣ କରଜ କରିଦେବ । ବେଣୁଙ୍କର ନିଜସ୍ୱ ସମ୍ବଳ କିଛି ନାହିଁ । ଆଗରୁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିଲା । ଏବର୍ଷ କେତକୀକୁ ଭତ୍ତା ମିଳିଛି । ଜମିରେ ଚାଷ କରିବା ପାଇଁ ସମ୍ବଳ ନାହିଁ କି ସାମର୍ଥ୍ୟ ନାହିଁ ।

ସିଦ୍ଧୁର ଜନ୍ମଦିନ ପାଖେଇ ଆସିଲା । ସକାଳୁ ସକାଳୁ ଉଠି ପଡି ସେ କହିଲା, ବାପା ! ଆଜି ତୁମେ ସହରକୁ ଯାଇ ମୋ ଜନ୍ମଦିନ ପାଇଁ ଗୋଟେ ବାର୍ଥ ଡେ କେକ୍ ଆଣିବ । ଆଉ କିଛି ପିଜା, ବର୍ଗର ଆଣିବ । ମୋର ଦଶ ଜଣ ସାଙ୍ଗଙ୍କୁ ମୁଁ ନିମନ୍ତ୍ରଣ କରିଛି । ସେମାନଙ୍କ ଜନ୍ମଦିନରେ ମୁଁ ସବୁବର୍ଷ ଯାଉଛି, ସେମାନେ ଯେମିତି କେକ୍ ଖାଇବେ,ସେ ବ୍ୟବସ୍ଥା କର । ଏହା କହି ସିଦ୍ଧୁ ବାହାରିଗଲା ।

ବାପ ମାଆ ଦୁହିଁଙ୍କ ମୁଣ୍ଡରେ ଚିନ୍ତା ପଶିଲା । ପାଖରେ ଅଳ୍ପ କେତୋଟି ଟଙ୍କା, ସେଥିରେ ଏତେ ଆୟୋଜନ କରି ହେବନାହିଁ । କେତକୀଙ୍କ ମନକୁ ଆସିଲା, ଯଦି ସେ ଭଲ ପୋଡ ପିଠା ପ୍ରସ୍ତୁତ କରି ପାରନ୍ତି, ତେବେ କିଛି ସମାଧାନ ହୋଇ ପାରନ୍ତା । ବେଣୁଙ୍କ ବାଡ଼ିରେ ଅଳ୍ପ କେତୋଟି ନଡିଆ ଗଛ ।

ପାକଳ ନଡ଼ିଆ ସହିତ ଛାଞ୍ଚ ପଡ଼ିଥିବା ପଇଡ କିଛି ଘରେ ଥିଲା । କେତକୀ ଚୁନା କୁଟିଲେ । ଗୁଡ଼ ଦେଇ ନଡିଆ ପାଗ କଲେ । ପଇଡ଼ରୁ ଛାଞ୍ଚ ବାହାର କରିବାକୁ ବେଣୁଙ୍କୁ କହିଲେ । ଏତିକି ପରେ ବେଣୁଙ୍କୁ କହିଲେ,ପାଖ ତେଜରାତି ଦୋକାନରୁ କାଜୁ, କିସମିସ କିଛି ଆଣିଲେ ପୋଡ଼ ପିଠା ଟିକିଏ ଭଲ ହୁଅନ୍ତା । ବେଣୁ ସଙ୍ଗେ ସଙ୍ଗେ ବାହାରିଲେ । ବହୁତ କଷ୍ଟରେ ସଞ୍ଚୟ କରି ରଖିଥିବା ଟଙ୍କା କେତୋଟି ବଢ଼େଇ ଦେଇ କେତକୀ କହିଲେ,ଯାଉଛ ତ, ଚାରି ପାଞ୍ଚଟି ଭଲ ପାଉଁରୁଟି ଦେଖି ଆଣନ୍ତ !

କେତକୀଙ୍କ କଥା ଅନୁସାରେ ବେଣୁ କାଜୁ, କିସମିସ, ପାଉଁରୁଟି ଓ କିଛି ଗୁଡ଼ ଆଣି ଘରେ ପହଞ୍ଚିଲେ । କେତକୀ ଚୁନା, ଗୁଡ଼, ନଡ଼ିଆ, କାଜୁ,କିସମିସ ଭାଗ ମାପରେ ମିଶାଇ ଦୋସିଆ ପୋଡ଼ ପିଠା ତିଆରି କଲେ । ପାଉଁରୁଟକୁ ମଝିରେ କାଟି ତାକୁ ଭଲଭାବେ ସେକିଲେ । ଆଗରୁ ଘରେ ଥିବା ଲହୁଣୀ କିଛି ପୋଡ଼ ପିଠା ଉପରେ ଦେଇ ତା ଉପରେ ପାଗଦିଆ ନଡିଆ ସମାନ କରି ରଖିଲେ ।

ସନ୍ଧ୍ୟା ପୂର୍ବରୁ ସେହି ଗାଁରେ ଇଲେକ୍ଟ୍ରିକ କାମ କରୁଥିବା ଜଣେ ପିଲାକୁ ଡକାଇ ଘର ସବୁ ବିଭିନ୍ନ ରଙ୍ଗର ଆଲୋକରେ ଆଲୋକିତ କଲେ । ସନ୍ଧ୍ୟା ହେଲା । ସିଦ୍ଧୁ ତା'ର ସାଙ୍ଗମାନଙ୍କୁ ଧରି ଘରେ ପହଞ୍ଚି ଆଲୋକମାଳା ଦେଖି ଭାରି ଖୁସି ହେଲା । ସାଙ୍ଗମାନେ ବସିଲେ । ଘର ଭିତରକୁ ପଶି ଯାଇ ମା'ଙ୍କୁ କେକ୍ ଆଣିବାକୁ କହିଲା ।

କେତକୀ ଗୋଟିଏ ବଡ଼ କଂସା ଗହିରିଆ ଥାଳିରେ ପୋଡ଼ ପିଠା ନେଇ ପିଲାମାନଙ୍କ ଆଗରେ ପଡିଥିବା ଏକ ଟେବୁଲରେ ରଖିଲେ । ଏକ ଧାରୁଆ ଛୁରୀ ଥାଳି ପାଖରେ ଥିଲା । ସିଦ୍ଧୁ ସେହି ପିଠାକୁ ଛୁରୀରେ କାଟିଲା ବେଳେ ସମସ୍ତେ 'ହେପି ବାର୍ଥ ଡେ ଟୁ ୟୁ'ବୋଲି କହି ତାଳି ମାରିଲେ । ସିଦ୍ଧୁର ମା ସମସ୍ତଙ୍କୁ ସେହି କଟା ହୋଇଥିବା ପିଠା ସହିତ ସେକା ଯାଇଥିବା ପାଉଁରୁଟିରେ ଲହୁଣୀ ଲଗାଇ ପରଷିଲେ । ସବୁ ସାଙ୍ଗମାନେ ଖୁସି ହୋଇ ସିଦ୍ଧୁକୁ ପ୍ରଶଂସା କରି କହିଲେ, ଆମେ ଏତେ ସୁଆଦିଆ କେକ୍ କେବେ ଖାଇ ନଥିଲୁ । ସମସ୍ତେ ନିଜ ନିଜ ଘରକୁ ଗଲା ପରେ ସିଦ୍ଧୁ ଓରଫ ସିଦ୍ଧାର୍ଥର ମନରେ ଏକ ଭାବାନ୍ତର ସୃଷ୍ଟି ହେଲା । ସେ ଭାବିଲା, ଯଦି ମୁଁ ସବୁଦିନ ଏହିଭଳି ସୁଆଦିଆ ଖାଦ୍ୟ କିଛି ସନ୍ଧ୍ୟାବେଳେ ପାଖ ସହରରେ ବିକ୍ରି କରନ୍ତି, ତେବେ ଆମ ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇଯାଆନ୍ତା ।

ସତକୁ ସତ ସେ ସେହି ଭାବନାକୁ କାର୍ଯ୍ୟରେ ଲଗାଇଲା । ପାଖ ସହରରେ ମା,ପୁଅ କିଛି ଦିନ ରହି ପୋଡ଼ ପିଠା ଓ ଲହୁଣୀ ପାଉଁରୁଟି ବିକି ବେଶ୍ ଦି ପଇସା ରୋଜଗାର କରିବା ସହିତ ସୁନାମ ଅର୍ଜନ କଲେ । ସେମାନଙ୍କ ପରିବାରର ସ୍ୱଚ୍ଛଳ ସ୍ଥିତି ସହିତ ସିଦ୍ଧୁକୁ ରୋଜଗାର ପନ୍ଥା ମିଳିଗଲା । ସେ କିଛି ଦିନ ପରେ ଗୋଟିଏ ବଡ଼ ଦୋକାନ କରି ଓଡ଼ିଆ ଖାଦ୍ୟ ବିକ୍ରି କରି ବେଶ ଲାଭବାନ ହେଲା । ତା'ର ଅନ୍ୟ ସାଙ୍ଗମାନେ ସିଦ୍ଧୁକୁ ଆଦର୍ଶ ଭାବରେ ଗ୍ରହଣ କରି ଆତ୍ମନିର୍ଭରଶୀଳ ହେଉ ହେଉ କେତକୀ ପଡିଯିବା ପରେ ସୁନାବୋହୂ ମିଳିଯାଇଥିଲା ପରିବାରକୁ । ଗୁରୁବାର ଓ ଓଷା ପର୍ବ ପର୍ବାଣୀମାନଙ୍କରେ ବୋହୂ ସୀତା ପକେଇଥିବା ଲକ୍ଷ୍ମୀ ପାଦ ଓ ଝୋଟି ଦେଖିବାକୁ ଗାଁର ଝିଅ ବୋହୂ ରୁଣ୍ଡ ହୋଇ ପ୍ରସଂଶା କରୁଥାନ୍ତି ବୋହୂ ସୀତାଙ୍କୁ ।

**ସାକ୍ଷୀଗୋପାଳ**
**ପୁରୀ,ମୋ-୯୦୪୦୯୭୭୩୨୭**

**ବାପ ମାଆ ଦୁହିଁଙ୍କ ମୁଣ୍ଡରେ ଚିନ୍ତା ପଶିଲା । ପାଖରେ ଅଳ୍ପ କେତୋଟି ଟଙ୍କା, ସେଥିରେ ଏତେ ଆୟୋଜନ କରି ହେବନାହିଁ । କେତକୀଙ୍କ ମନକୁ ଆସିଲା, ଯଦି ସେ ଭଲ ପୋଡ ପିଠା ପ୍ରସ୍ତୁତ କରି ପାରନ୍ତି, ତେବେ କିଛି ସମାଧାନ ହୋଇ ପାରନ୍ତା । ବେଣୁଙ୍କ ବାଡ଼ିରେ ଅଳ୍ପ କେତୋଟି ନଡିଆ ଗଛ । ପାକଳ ନଡ଼ିଆ ସହିତ ଛାଞ୍ଚ ପଡ଼ିଥିବା ପଇଡ କିଛି ଘରେ ଥିଲା । କେତକୀ ଚୁନା କୁଟିଲେ । ଗୁଡ଼ ଦେଇ ନଡିଆ ପାଗ କଲେ । ପଇଡ଼ରୁ ଛାଞ୍ଚ ବାହାର କରିବାକୁ ବେଣୁଙ୍କୁ କହିଲେ । ଏତିକି ପରେ ବେଣୁଙ୍କୁ କହିଲେ,ପାଖ ତେଜରାତି ଦୋକାନରୁ କାଜୁ, କିସମିସ କିଛି ଆଣିଲେ ପୋଡ଼ ପିଠା ଟିକିଏ ଭଲ ହୁଅନ୍ତା ।**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।*
*(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

କବିତା

## ବସନ୍ତ ଆସିଛି

ଇଂ. ରଶ୍ମିରଞ୍ଜନ ରାୟ



ବସନ୍ତ ଆସିଛି ଆଜି ଜଗନ୍ନାଥ
ତୋ ମନ୍ଦିର ଚୂଡ଼ାରୁ ଉତରି
ତା ଦେହର ଛନ୍ଦ୍ରେ ଛନ୍ଦ୍ରେ ପର୍ଣ୍ଣ ସବୁଜିମା
ନେଇ
ତୁ ଯେପରି ଆସିଥିଲୁ ଶୀତ ଶେଷେ
ସୋରିଷ କିଆରୀ ବଣେ ପଥ କାଢ଼ି କାଢ଼ି ।
ପ୍ରତିଟି ଫୁଲରେ ତାର ତୋ
ଆଖିର ଢଳ ଢଳ କରୁଣ ଚାହାଣୀ
ପ୍ରମତ୍ତ ଭ୍ରମର ବସି ଉଖାରୁଛି ତୋ ସୃଷ୍ଟି
ନିଦାନ
ପ୍ରସୂନର ପରାଗ ପେଟୀରୁ
ତୋ ପ୍ରେମରେ ମତୁଆଳା ରକ୍ଷିଟିଏ ପରି ।
ତୋ ଦେହର ଚନ୍ଦନ ଅଗୁରୁବାସ ମହମହ
ଚହଟଇ ଆମ୍ବ ବଉଳରେ
ଆଉ ପେନ୍ଥା ପେନ୍ଥା ବକୁଳିତ ଫୁଲର ମହକେ
ଭରି ଭରି ପବନର ରନ୍ଧ୍ରେ ରନ୍ଧ୍ରେ
ବାସନାର ପୂର୍ଣ୍ଣ ସ୍ୱାଧୀନତା ।
ତୋ ଆତ୍ମାମଳୟ ସହ
କୋଳାକୋଳି ପୁଷ୍ପ ବଗିଚାରେ
ଗୋଗୋଷ୍ଠ ଫେରନ୍ତା କୃଷ୍ଣେ ଯେହ୍ନେ ଡାକେ
ବୋକ ପରେ ବୋକ ଯଶୋଦା ପାଗେଳୀ ।
ନିଥର ପ୍ରକୃତି ଅଙ୍ଗେ ଖୋଳିଅଛୁ
କୋଣାର୍କର ଶିଳାଶିଳ୍ପ ବାଜେଣୀ ମେଖଳା
ସୃଜନୀର ବାସନା ମହକ ତୋଳେ
ଜଡ଼ ଦେହେ କୋଇଲିର ପଞ୍ଚ କୁହୁତାନ
ଏଇ ତୋର ବସନ୍ତର ନିହାଣ ମୁନରେ ।
ଜଗନ୍ନାଥ ମାଗୁଣୀ ମୋହର
ବସନ୍ତର ଏଇ ଛନ୍ଦ ଏଇ ଗନ୍ଧ ଏଇସବୁ
ଅନାହତ ଆବେଗର ବାସନା ମହକ
ନିରାବିଳ ପ୍ରୀତି ଆଉ ନିରୁଦ୍ଦେଶ୍ୟ
କୋଳାକୋଳି ଭାବ
ଭରିଦେଏ ପ୍ରତିଟି ପ୍ରବହମାନ
ଶିରା ପ୍ରଶିରାରେ ଉଷୁମ ରକତ କରି
ହୋଲି ରଙ୍ଗ ପିଚକାରୀ ହସର ଜୁଆରେ ?

**ନୀଳାଦ୍ରି ବିହାର, ସେକ୍ଟର - ୧/୭,**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**



## ବିଭୋର ବସନ୍ତ

ଆଦ୍ୟାଶା ମହାପାତ୍ର

ଶୀତ ଗଲାପରେ ଆସିଲା ବସନ୍ତ
ବହେ ଧୀରେ ସ୍ନିଗ୍ଧ ମାରୁତ
ଦିଶେ ଶୋଭାବନ ମାଟି ଠୁ ଆକାଶ
ସତେ କେ କରିଲା କୁହୁକ ।
ଚୂତ ଡାଳେ ବସି ପିକ କୁହୁ ସ୍ୱରେ
ଗାଇଲା ସ୍ୱାଗତ ଗୀତିକା
ଋତୁରାଜ ପାଇଁ ତୋରଣ ତିଆରେ
ସବୁଜିମାମୟ ବୀଥିକା ।
ବିବିଧ ବର୍ଣ୍ଣର ପୁଷ୍ପ ଦେହେ ସତେ
ଲାଗିଲା ବସନ୍ତ ପରଶ
ହଳଦୀ ବସନ୍ତ ଘୁରେ ତୋଟାମାଳେ
ମନ ତା'ର ଏବେ ହରଷ ।
ଆମ୍ବ ବଉଳରେ ଭରିଲା ପ୍ରଶାଖା
ବିତରେ ତା ବାସ ମଳୟ
ଫୁଲରୁ ଫୁଲକୁ ଉଡି ସେ ଭ୍ରମର
ପ୍ରୀତିରାଗେ ଜିତେ ହୃଦୟ ।
ବନ ଉପବନ ବସନ୍ତ ସାନ୍ନିଧ୍ୟେ
ଆହା କି ସୁନ୍ଦର ଦିଶିଲା
ସଞ୍ଜ ନଉଁ ନଉଁ ନଭ ମଣ୍ଡଳରେ
ତାରା ମିଟି ମିଟି ହସିଲା ।
ରୂପର ରୋଷଣୀ ଜାଳେ କୃଷ୍ଣଚୂଡ଼ା
ପଳାଶ ଓଠରେ ଲାଲିମା
ଜୁଇ ଯାଇ ହେନା ବାସ ଚହଟଇ
ଆକାଶେ ବିକଚେ ନୀଳିମା ।
ଦୋଳ ବିମାନରେ ରାଧା କୃଷ୍ଣ ବେନି
ସ୍ନେହ ସଂପ୍ରୀତିର ମେଳଣ
ସତେ ମର୍ତ୍ତ୍ୟେ ବହେ ପ୍ରୀତି ମନ୍ଦାକିନୀ
ଖୁସିରେ ଉଛୁଳେ ପରାଣ ।

**ନୂଆପଡା, କଟକ**
**ମୋ-୯୪୩୮୨୭୫୫୪୨**

## କାହିଁ ସେ ବନ୍ଧୁତା ଆଉ ?

ନିରଞ୍ଜନ ସାହୁ

ସମୟ ବିତିଛି ଦିନ ଯାଇଅଛି
ଆଉ ମିଳିବନି ତାହା
ସମୟାନୁସାରେ ସବୁ ବଦଳିଛି
ସାମାନ୍ୟ ରହିଛି ଯାହା ।
ପିଲାବେଳେ ଯେତେ ସାଙ୍ଗସାଥୀ ଥିଲେ
କେତେକ ଗଲେଣି ହଜି
ଯେଉଁମାନେ କିଛି ରହି ଯାଇଛନ୍ତି
ଶୁଣନ୍ତିନି ନାମ ଭଜି
କାଁ ଭାଁ ସାଙ୍ଗ ଆପଦେ ବିପଦେ
କହିଥାନ୍ତି ପଦେ ଆହା ।
କପିଳା ପଚାରେ ନାହିଁ କାଶିଆକୁ
କେମିତି ରହିଛୁ ଆଜି
କାଶିଆ ଦୁଃଖରେ କପିଳା କାହିଁକି
ଅଯଥା ପଡିବ ଭାଜି
କପିଳା ଆଜି ତ ମାନ୍ୟଗଣ ବ୍ୟକ୍ତି
ଖଟିଛି ପିଟିକି ବାହା ।
ଗରିବ ସାଙ୍ଗକୁ ଧନୀ ସାଙ୍ଗଟିଏ
ଦେଖିଦେଲେ ମୋଡ଼େ ମୁହଁ
କଥା ପ୍ରସଙ୍ଗରେ ଧନୀ ସାଙ୍ଗ କହେ,
ତୁ ଜମା ଭିଡ଼କୁ ନୁହଁ
ଲୋକ ଦେଖାଣିଆ ଛକ ବଜାରରେ
ପିଇବାକୁ ଯାଚେ ଚାହା ।
ସାଙ୍ଗ ସାଙ୍ଗଠାରୁ ସମ୍ମାନ ଖୋଜଇ
ଦେଖାଇ ତା ବଡ଼ପଣ
ବିଚରା ନିରୀହ ଗରିବ ସାଙ୍ଗଟି
ଭାବେ ଜନ୍ମ ଅକାରଣ
ସାଙ୍ଗ ସାଙ୍ଗଠାରୁ ଦୂରେଇ ଯାଆନ୍ତି
ହୋଇବେ କଅଣ ସାହା ।

**ନିହଲ ପ୍ରସାଦ,**
**ଗଁଦିଆ ପାଟଣା**
**ଢେଙ୍କାନାଳ**
**ମୋ-୯୯୩୮୭୪୧୫୮୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଖର୍ଗ ଦ୍ୱୀପ...

ଆମେ ଆକ୍ରମଣ କରିବୁ । ଏହି ଦ୍ୱୀପକୁ ଇରାନର ସବୁଠୁ ରତ୍ନ ବୋଲି କୁହାଯାଏ । ଯାହା ଦ୍ୱାରା ଇରାନର ଅର୍ଥନୀତି ଉପରେ ପ୍ରଭାବ ପଡିବ । ପ୍ରାୟ ୯୦ ପ୍ରତିଶତ ଇରାନିକ ତୈଳ ଏହି ରାସ୍ତା ଦେଇ ଅତିକ୍ରମ କରିଥାଏ । ଫେବୃଆରୀ ୨୮ ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧାରେ ୧୪୪୪ ଜଙ୍କର ମୃତ୍ୟୁ ହୋଇଥିବା ବେଳେ ୧୮ ୫୫୧ ଆହତ ହୋଇଛନ୍ତି । ଇରାନ ପକ୍ଷରୁ ଗଲ୍ଫ ରାଷ୍ଟ୍ରଗୁଡିକରେ ଥିବା ଆମେରିକାର ସମ୍ପତ୍ତି, ସେନା ଘାଟି ଓ ବାଣିଜ୍ୟିକ ଘାଟି ଉପରେ ଆକ୍ରମଣ ଚାଲିଛି । କତାର ସେନା ସଫଳତାର ସହ ଇରାନର ମିସାଇଲ ଗୁଡିକୁ ଧ୍ୱଂସ କରିଛି । ମୋବାଇଲ ଫୋନଗୁଡିକରେ ମିସାଇଲ ଓ ଡ୍ରୋନ ଆସୁଥିବାର ସୂଚନା ଦିଆଯାଉଛି ଓ ଅସ୍ଥାୟୀ ଭାବେ ଏହି ଅଞ୍ଚଳକୁ ଖାଲି କରାଯାଉଛି । ଓମାନରେ ଡ୍ରୋନ ଆକ୍ରମଣ ଯୋଗୁଁ ଦୁଇଜଣଙ୍କର ଜୀବନ ଯାଇଛି । ଇରାନର ଡ୍ରୋନ ଆକ୍ରମଣ ଏବେ ଆଞ୍ଚଳିକ ଦେଶଗୁଡିକ ପାଇଁ ବିପଦ ସୃଷ୍ଟି କରିଛି । ଏହାକୁ ଲକ୍ଷ୍ୟରେ ରଖି ମଧ୍ୟପ୍ରାଚ୍ୟରେ ଆମେରିକା ୧୦ ହଜାର ଡ୍ରୋନ ପ୍ରତିରୋଧ ବ୍ୟବସ୍ଥା ମୁତୟନ କରିଛି । ଟ୍ରମ୍ପ ଇରାନକୁ ଧମକ ଦେଇଛନ୍ତି ଯେ, ହରମୁଜ ପ୍ରଣାଳୀ ଦେଇ ମୁକ୍ତ ଓ ନିରାପଦ ଭାବେ ଜାହାଜ ଗୁଡିକୁ ଅତିକ୍ରମ କରାଇବାର ସୁଯୋଗ ଦିଆଯାଉ, ନଚେତ ଆକ୍ରମଣକୁ ଜୋରଦାର କରାଯିବ । ଇସ୍ରାଏଲ ସେନାପକ୍ଷରୁ କୁହାଯାଇଛି ଯେ, ଇରାନରେ ୭ ୬୦୦ ଆକ୍ରମଣ କରାଯାଇଛି । ଇସ୍ରାଏଲରେ ମଧ୍ୟ ଇରାନ ଆକ୍ରମଣ କରିଛି । ଦୁଇଟି ସ୍ଥାନରେ ଆକ୍ରମଣ ଯୋଗୁଁ ସମଗ୍ର ଅଞ୍ଚଳ ଧୂଆଁରେ ଭର୍ତ୍ତି ହୋଇଯାଇଛି । ଆମେରିକା - ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ଯୋଗୁଁ ବିଶ୍ୱରେ ଶକ୍ତିଶଙ୍କଟ ଦେଖାଦେଇଛି । ଅଶୋଧିତ ତୈଳ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି ।ଏହାଛଡା ବୃହତ୍ତ ଭାରତୀୟ ଏୟାର ଲାଇନ୍ସଗୁଡିକ ପ୍ରଭାବିତ ହୋଇଛି । ଏୟାର ଇଣ୍ଡିଆ ଓ ଇଣ୍ଡିଗୋର ଟିକେଟ୍ ମୂଲ୍ୟ ବୃଦ୍ଧି ପାଇଛି । ଆମେରିକାର ଶକ୍ତିଶାଳୀ ସେନା ଉପସ୍ଥିତି ସତ୍ତ୍ୱେ କୂଟନୈତିକ କଥାବାର୍ତ୍ତା ପାଇଁ ପ୍ରସ୍ତାବ ମଧ୍ୟ ଦିଆଯାଉଛି ।

## ସୋନମ...

ଏହା ପୂର୍ବରୁ କେନ୍ଦ୍ର ସରକାର ଏନଏସଏକୁ ଉଠାଇଦେଇଛନ୍ତି । କୋର୍ଟରେ ଶୁଣାଣି ସମରେ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ମୁକ୍ତ କରିବାକୁ ଆବେଦନ ହୋଇଥିଲା । ସୋନମଙ୍କୁ ବିଶେଷଜ୍ଞ ଡାକ୍ତର ଦ୍ୱାରା ପରୀକ୍ଷା କରାଯାଇଥିଲା । ଏହାର ରିପୋର୍ଟ ମଧ୍ୟ କୋର୍ଟରେ ଦାଖଲ ପାଇଁ କୋର୍ଟ ପ୍ରଶ୍ନ ପଚାରିଥିଲେ । ଫେବୃଆରୀ ୪ରେ କୋର୍ଟ ସୁପ୍ରିମକୋର୍ଟଙ୍କ ଅଟକକୁ ସମୀକ୍ଷା କରିଥିଲେ ଓ ତାଙ୍କ ସ୍ୱାସ୍ଥ୍ୟ ଭଲ ନାହିଁ ବୋଲି ଜଣାପଡିଥିଲା । ଜଷ୍ଟିସ୍ ଭାରେଲ କହିଛନ୍ତି ଯେ, ଅଫିସର ମାନେ ଏ ଦିଗରେ ଚିନ୍ତା କରିବା ଉଚିତ । ଲଦାଖକୁ ରାଜ୍ୟ ମାନ୍ୟତା ମିଳୁ ବୋଲି ସେ ଆନ୍ଦୋଳନ କରିଛନ୍ତି । ସୋନମ ମୁକ୍ତ ହେଲା ପରେ ଲଦାଖରେ ଚାଲିଥିବା ଅସ୍ଥିରତା ଶେଷ ହେବ ବୋଲି ସରକାରଙ୍କ ପକ୍ଷରୁ କୁହଯାଇଛି ।

## ୨ ଶିଶୁ...

ଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ କେଉଁ କାରଣରୁ ସେ ନିଜ ଜନ୍ମକଲା ଝିଅଙ୍କୁ ହତ୍ୟାକରି ଆତ୍ମହତ୍ୟା କଲେ ସେ ନେଇ ପୋଲିସ ଅଧିକ ତଦନ୍ତ କରୁଛି।

## ରାଜ୍ୟର...

ଶିଶୁମାନଙ୍କର ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଏବଂ ସମାଜ କିପରି ସହଯୋଗ କରିପାରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଏବଂ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ସାଇବର ନିରାପତ୍ତା, ସଚେତନତା ବୃଦ୍ଧି ପାଇଁ ରାଜ୍ୟରେ ୨୦ଟି ନୂଆ ସାଇବର ଥାନା ପ୍ରତିଷ୍ଠା କରାଯାଇଛି । ବୈଷୟିକ ସହାୟତା ପାଇଁ ସାଇବର ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଉଛି । ସେହିପରି ରାଜ୍ୟର ୭୧ଟି ଥାନାରେ ଶିଶୁ ଅନୁକୂଳ ସ୍ଥାନର ଉନ୍ନତିକରଣ କରାଯାଇଛି । ଆଗାମୀ ଦିନରେ ସମଗ୍ର ଓଡ଼ିଶା ପୋଲିସକୁ ଶିଶୁ ଅନୁକୂଳ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ । ଡିଜିଟାଲ କ୍ଷେତ୍ରରେ ଶିଶୁମାନଙ୍କୁ ସୁରକ୍ଷା ଦେବାପାଇଁ ପୋଲିସ ଏବଂ ନାଗରିକ ସମାଜର ମିଳିତ ଦାୟିତ୍ୱ ଉପରେ ସେ ଆଲୋକପାତ କରିଥିଲେ ।

କ୍ରାଇମବ୍ରାଞ୍ଚ ଡିଜିପି ବିନୟ ତୋସ ମିଶ୍ର ତାଙ୍କ ଅଭିଭାଷଣରେ ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୧ରେ ୮୪୫ ମିଲିୟନରେ ପହଞ୍ଚିଛି । ସାଇବର ୱିଙ୍ଗର ଚିଲ୍ଡ୍ରେନ ଆଣ୍ଡ ୱିମେନ୍ ଅନ୍‌ଲାଇନ୍ ଆବ୍ୟୁଜ୍ ମନିଟରିଂ ୟୁନିଟ୍ ପକ୍ଷରୁ ଅନ୍‌ଲାଇନରୁ କ୍ଷତିକାରକ ତଥା ଅଶ୍ଳୀଳ ବିଷୟବସ୍ତୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ୍ ସାଇନି ଇଣ୍ଟରନେଟ୍‌ର ସୁରକ୍ଷିତ ବ୍ୟବହାର ପାଇଁ ଶିଶୁ, ଅଭିଭାବକ ଓ ଶିକ୍ଷକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସେ ଗୁରୁତ୍ୱାରୋପ କରିଥିଲେ । ଶିଶୁମାନଙ୍କର ସ୍ୱର ଏବଂ ଡିଜିଟାଲ ଶିକ୍ଷା ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ କୁମାର ଦାସ କହିଥିଲେ ଯେ ଶିଶୁମାନେ ଡିଜିଟାଲ ଦୁନିଆର କେବଳ ନିଷ୍କ୍ରିୟ ବ୍ୟବହାରକାରୀ ନୁହନ୍ତି । ସେମାନେ ହେଉଛନ୍ତି ଶିକ୍ଷାର୍ଥୀ ଓ ସ୍ରଷ୍ଟା । ତେଣୁ ଡିଜିଟାଲ ସୁରକ୍ଷା ଆଲୋଚନାର କେନ୍ଦ୍ରରେ ସେମାନଙ୍କ ସ୍ୱର ରହିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ସେଲିବ୍ରିଟ୍ ଓ ଇନ୍‌ଫ୍ଲୁଏନ୍ସରମାନଙ୍କ ସହ ଆଲୋଚନା କରାଯାଇଥିଲା । ଯେଉଁଠାରେ ସୋସିଆଲ ମିଡିଆ ଟ୍ରେଣ୍ଡ କିପରି କିଶୋର-କିଶୋରୀଙ୍କ ଆଚରଣକୁ ପ୍ରଭାବିତ କରୁଛି, ସେ ବିଷୟରେ ସେ ଆଲୋଚନା କରିଥିଲେ ।

ଆଲୋଚନାଚକ୍ରରେ ଶିଶୁମାନଙ୍କ ଡିଜିଟାଲ ସୁରକ୍ଷା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା । ଓଡ଼ିଶା ପୋଲିସ ତରଫରୁ ରକ୍ଷା ସାଥୀ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଏବଂ ଶିଶୁ କଲ୍ୟାଣ ପୋଲିସ ଅଧିକାରୀମାନଙ୍କ ପାଇଁ ଉନ୍ନତି ପଶିକ୍ଷଣ ଆରମ୍ଭ କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଠ୍ୟକ୍ରମରେ ଡିଜିଟାଲ ନିରାପତ୍ତା ଶିକ୍ଷା ଏବଂ ଡିଜିଟାଲ ହାଇଜିନ୍ ଓ ସାଇକୋ- ସୋସିଆଲ୍ ଫାଷ୍ଟଏଡ୍ ଅନ୍ତର୍ଭୁକ୍ତ କରାଯିବ । ପୋଲିସ ଏବଂ ଗଣଶିକ୍ଷା ବିଭାଗ ମିଳିତ ଭାବେ ଅଭିଭାବକ-ଶିକ୍ଷକ ବୈଠକରେ ଶିଶୁ କଲ୍ୟାଣ ପୋଲିସ ଅଧିକାରୀମାନଙ୍କ ଅଂଶ ଗ୍ରହଣ ନିଷ୍ପତ୍ତି କରିବେ । ଏଥିପାଇଁ ୟୁନିସେଫ୍ ଓଡ଼ିଶା ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ଆଲୋଚନା ହୋଇଥିଲା ।

## ଦଳିଦେଲା...

ନେଡିନାୟୁ ଗ୍ରାମର କଳାନିଧି ପ୍ରଧାନଙ୍କ ପୁଅ ଦୁରି ପ୍ରଧାନ(୨୭) । ଘଟଣାସ୍ଥଳରେ ଶବ ପଡ଼ିଥିଲେ ମଧ୍ୟ ପୋଲିସ କିମ୍ବା ବନ ବିଭାଗ ଅଧିକାରୀ ପହଁଞ୍ଚି ନାହାଁନ୍ତି । ଗତକାଲିଠାରୁ ଅଞ୍ଚଳରେ ହାତୀ ମଣିଷ ଆକ୍ରମଣ କରୁଥିଲେ ମଧ୍ୟ ବନ ବିଭାଗ ତରଫରୁ କୌଣସି ପ୍ରକାର ଡାକବାଜି ମାଧ୍ୟମରେ ସଚେତନତା କରାଯାଇନାହିଁ, ଯାହାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଜଙ୍ଗଲରେ ହାତୀ ଉପସ୍ଥିତି ବିଷୟ ଲୋକେ ଅବଗତ ନ ଥିବା ଫଳରେ ଲୋକେ ଜଙ୍ଗଲକୁ ଯାଉଛନ୍ତି ଓ ମୃତ୍ୟୁବରଣ କରୁଛନ୍ତି । ପ୍ରଶାସନ ଏହି ହାତୀ ଘଉଡ଼ାଇବା ନେଇ ଦୃଢ଼ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସବୁ ଦଳରେ...

ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏହା ଏକ ଅପରାଧ ବୋଲି ନବୀନ କହିଛନ୍ତି । ଅପରାହ୍ଣରେ ନବୀନ ନିବାସରେ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୩ ବିଧାୟକ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା ।

ସେହିଭଳି ବିଜେପିର ବିଧାୟକ ଦଳ ବୈଠକ ଦଳିୟ କାର୍ଯ୍ୟାଳୟରେ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ, ବିଧାୟକମାନେ ଉପସ୍ଥିତ ଥିଲେ । ରାଜ୍ୟସଭା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମହାରାଷ୍ଟ୍ର ରାଜସ୍ୱ ମନ୍ତ୍ରୀ ଚନ୍ଦ୍ରଶେଖର ବାୟନ କୁଲେ ଉପସ୍ଥିତ ଥିଲେ । ପ୍ରଥମେ ବିଧାୟକ, ସାଂସଦଙ୍କ ସହ ପଦାଧିକାରୀ ଓ ଜିଲ୍ଲା ସଭାପତିଙ୍କ ଉପସ୍ଥିତିରେ ଏସ୍‌ଆଇଆର ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାପରେ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇ ରାଜ୍ୟସଭା ନିର୍ବାଚନ ପରିପ୍ରେକ୍ଷୀରେ ଆଲୋଚନା କରାଯାଇଥିଲା । ଏହାପରେ ବିଧାୟକମାନେ ପାରାଦୀପ ଯାଇଛନ୍ତି । ସେଠାରେ ଏକ ହୋଟେଲରେ ରହିବେ ।

## ଅସନ୍ତୋଷ...

ସେହିଭଳି କଂଗ୍ରେସର ବିଧାୟକ ଦାଶରଥି ଗମାଙ୍ଗଙ୍କ ପତା ଦଳ ପାଉନି । ତାଙ୍କୁ ଫୋନ କଲେ ବି ସେ ଉଠାଉନାହାଁନ୍ତି । କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ଦାଶରଥି ଆମ ଫୋନ ଧରୁନାହାଁନ୍ତି । ଏପରିକି ପିସିସି ସଭାପତି ଫୋନ କଲେ ବି ଉଠାଉନାହାଁନ୍ତି । ତାଙ୍କ ସହ ଯୋଗାଯୋଗ କରିବା ପାଇଁ ଉଦ୍ୟମ କରାଯାଉଛି । ମାତ୍ର ଆମର ଭରସା ଅଛି ସେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବେ । ଯେଉଁମାନେ କ୍ରସ ଭୋଟିଂ କରିବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଜେପି ଯେଉଁ ଯୋଜନା କରୁଛି ସେଥିରେ ସଫଳ ହେବ ନାହିଁ ବୋଲି ଶ୍ରୀ କାଡାମ କହିଛନ୍ତି । ସେହିଭଳି ବିଜେଡିର ୩ ବିଧାୟକ ଆସୁନଥିବା ନେଇ ଚିନ୍ତା ବଢିଛି । ଦଳୀୟ ବୈଠକ ଓ ମକ୍ ପୋଲର ଟ୍ରେନିଂରେ ବି ଏହି ବିଧାୟକଙ୍କୁ ଦେଖିବାକୁ ମିଳୁନାହିଁ । ଏହି ବିଧାୟକ ହେଉଛନ୍ତି ନବ ମଲ୍ଲିକ, ଚକ୍ରମଣି କହଁର ଓ ସୋଭିକ ବିଶ୍ୱାଳ । ୩ ବିଧାୟକଙ୍କ ଅନୁପସ୍ଥିତି ନେଇ ବିଜେଡି ଚିନ୍ତାରେ ପଡିଛି ।

# ଦଳିତ ମହିଳା ସରପଞ୍ଚଙ୍କ ସ୍ୱାମୀଙ୍କୁ ଠେଲାପେଲା ସହ ଗାଳିଗୁଲଜ: ମହିଳା ଏସଆଇଙ୍କୁ ଧମକ

ଗୋପ,(ସବ୍ୟ): ଶନିବାର ବିଳମ୍ବିତ ରାତ୍ରରେ ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ପଞ୍ଚାୟତ ଦଳିତ ମହିଳା ସରପଞ୍ଚଙ୍କ ସ୍ୱାମୀ ବସନ୍ତ କୁମାର ଦାସ(୫୫) ଙ୍କୁ ରାସ୍ତା ମଝିରେ ଠେଲା ପେଲା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରାଯାଇଛି । ମାତ୍ର ଏପରି ଏକ ଗୁରୁିତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଥାନା ଦାୟିତ୍ୱରେ ଥିବା ମହିଳା ଏସଆଇ ଦେବସ୍ମିତା ସିଂ ଅଭିଯୋଗ ଅନୁଯାୟୀ ଏରବଙ୍ଗ ଗ୍ରାମର ସନ୍ତୋଷ ପ୍ରଧାନ (୪୫)ଙ୍କୁ ଥାନାକୁ ଡାକିବାରେ ସଂପୃକ୍ତ ଅଭିଯୁକ୍ତ ଜଣଙ୍କ ମହିଳା ଏସଆଇ ଙ୍କୁ ମଧ୍ୟ ବ୍ୟବହାର ଖରାପ କରିଥିବା ଜଣାପଡ଼ିଛି । ପ୍ରକାଶ ଯେ ଶୁକ୍ରବାର ରାତ୍ର ୧୦ ଟା ଏରବଙ୍ଗ ସରପଞ୍ଚ ରଶ୍ମିରେଖା ଦାସଙ୍କ ସ୍ୱାମୀ ବସନ୍ତ କୁମାର ଦାସ ପଞ୍ଚାୟତର ଜଣେ ବ୍ୟକ୍ତି ଙ୍କୁ ବାଇକ ଯୋଗେ ଛାଡ଼ିବାକୁ ଯାଇଥିଲେ । ଏରବଙ୍ଗ ପଞ୍ଚାୟତ ଅଫିସ ନିକଟରେ ସେହି ପଞ୍ଚାୟତ ର ସନ୍ତୋଷ କୁମାର ପ୍ରଧାନ ଙ୍କ ସହିତ ଆଉ କେତେକ ଯୁବକ ସେଠାରେ ଠିଆ ହୋଇଥିଲେ । କୌଣସି କାରଣ ନ ଥାଇ ସରପଞ୍ଚଙ୍କ ସ୍ୱାମୀ ଙ୍କ ମୋଟର ସାଇକେଲ କୁ ଅଟକାଇ ଚାବି ଛଡାଇ ନେଇଯିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ସରପଞ୍ଚଙ୍କ ସ୍ୱାମୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଜଣଙ୍କ ଜାତିଆଣ ଆକ୍ଷେପ କରିବା ସହିତ ଠେଲାପେଲା କରିଥିଲା । ପରେ ବସନ୍ତ କୁମାର ଗୋପ ଥାନା ରେ ଏକ ଅଭିଯୋଗ ପତ୍ର ଦେଇଥିଲେ । ଥାନା ଦାୟିତ୍ୱରେ ଥିବା ମହିଳା ଏସଆଇ ଦେବସ୍ମିତା ସିଂ ଅଭିଯୋଗ ପାଇବା ପରେ ସନ୍ତୋଷ କୁମାର ପ୍ରଧାନ ଙ୍କୁ ଟେଲିଫୋନ କରି ଅଭିଯୋଗ ସଂପର୍କରେ ପଚାରିବାରୁ ହଠାତ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ସନ୍ତୋଷ ମହିଳା ଏସଆଇ ଙ୍କୁ ମଧ୍ୟ ବିଭିନ୍ନ ପ୍ରକାରର ଧମକ ଦେଇଥିଲେ । ଘଟଣାର ୩୬ ଘଣ୍ଟା ପରେ ବି ପୋଲିସ କାହିଁକି ମୋକଦ୍ଦମା ରୁଜୁ କରିନାହିଁ ତାହା ଏବେ ପୋଲିସ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଠାରେ ସୂଚନାଯୋଗ୍ୟ ଯେ ଯଦି ଜଣେ ମହିଳା ଏସଆଇ ଙ୍କୁ ରାତି ଅଧରେ ଧମକ ଦିଆ ଯାଉଛି ପୋଲିସ କାହା ଚାପରେ ଚୁପ ବସିଛି ତାହା ଥାନା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଏପରି ଅଭିଯୋଗକୁ ନେଇ ମହିଳା ଏସଆଇ ଦେବସ୍ମିତା ସିଂ ଙ୍କୁ ପଚାରିବା ରେ ମୋ ନିକଟରେ ଅଭିଯୋଗ ହେବାରୁ ମୁଁ ସପୃକ୍ତ ବ୍ୟକ୍ତି ଘଟଣା ସଂପର୍କରେ ପଚାରିଥିଲି । ମାତ୍ର ସପୃକ୍ତ ବ୍ୟକ୍ତି ମତେ ବିଭିନ୍ନ ପ୍ରକାରର ଧମକ ଦେଇଥିଲେ । ମୋକଦ୍ଦମା କାହିଁକି କରାଯାଇ ନାହିଁ ବୋଲି ପଚାରିବାରେ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ନାହାନ୍ତି । ଆସିଲେ ମୋକଦ୍ଦମା ରୁଜୁ କରାଯିବା ସହ ଅଭିଯୁକ୍ତ କୁ ଗିରଫ କରାଯିବ ବୋଲି କହିଛନ୍ତି ।

## ରାଜପଥର "ଅଭୟ କବଚ"

# ବିପଦରେ ଦେବଦୂତ ସାଜୁଛନ୍ତି ହାଇୱେ ପାଟ୍ରୋଲିଂ ଟିମ

ନିରାକାରପୁର,(ସବ୍ୟ): ରାତିର ଅନ୍ଧକାର, ପ୍ରବଳ ବର୍ଷା, ଆଉ ଶୂନ୍ୟଶୂନ୍ୟ ରାଜପଥ । ଏମିତି ସମୟରେ ଯଦି କାହାର ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୁଏ କିମ୍ବା ମଝି ରାସ୍ତାରେ ଅଚଳ ହୋଇଯାଏ, ତେବେ ମନରେ ଭୟ ଆସିବା ସ୍ୱାଭାବିକ । କିନ୍ତୁ ଖୋର୍ଦ୍ଧା ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଏହି ଭୟ ଏବେ ଭରସାରେ ପରିଣତ ହୋଇଛି । ଏହି ଭରସାର ନାମ ହେଉଛି ହାଇୱେ ପେଟ୍ରୋଲିଂ ପୋଷ୍ଟ ୧/୨/୩ ।ଜଙ୍କିଆ,ଖୋର୍ଦ୍ଧା ସଦର, ଏବଂ ବାଲୁଗାଁ ଥାନା ଅଧୀନରେ କାର୍ଯ୍ୟ କରୁଥିବା ଏହି ତିନୋଟି ପେଟ୍ରୋଲିଂୟୁନିଟ କେବଳ ପୋଲିସ ଗାଡ଼ି ନୁହଁନ୍ତି, ବରଂ ଯାତ୍ରୀଙ୍କ ପାଇଁ ଏକ "ଚଳନ୍ତି ସାହାଯ୍ୟ କେନ୍ଦ୍ର' । ଖରା, ବର୍ଷା କିମ୍ବା କାକର କୌଣସି ପ୍ରତିକୂଳ ପରିସ୍ଥିତି ଏମାନଙ୍କୁ ନିଜ କର୍ତ୍ତବ୍ୟରୁ ରୋକିପାରିନାହିଁ । ନିକଟରେ ଘଟିଥିବା ଏକ ଲୋମହର୍ଷଣକାରୀ ଘଟଣା ଏହି ଟିମ୍ର ନିଷ୍ଠାକୁ ପ୍ରମାଣିତ କରୁଛି । ଗଭୀର ରାତିରେ ଏକ ପରିବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ବେଳେ, ଏଚ ପି ପି - ୩ର ତତ୍ପରତା ସେମାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲା । ପୁଲିସ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ଆହତମାନଙ୍କୁ ଗାଡ଼ି ଭିତରୁ ବାହାର କରି ଡାକ୍ତରଖାନା ପଠାଇବା ସହ ସେମାନଙ୍କ ମନରେ ସାହସ ବାନ୍ଧିଥିଲେ । ଏଚ ପି ପି - ୨(ଖୋର୍ଦ୍ଧା ସଦର): ଜିଲ୍ଲାର ପ୍ରବେଶ ପଥରେ ଯାତ୍ରୀଙ୍କୁ ସୁରକ୍ଷା ଯୋଗାଇ ଦେଉଛନ୍ତି ।ଏଚ ପି ପି - ୨ (ଜଙ୍କିଆ): ଗୁରୁତ୍ୱପୂର୍ଣ୍ଣ ମୋଡ଼ ଓ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସଜାଗ ରହୁଛନ୍ତି। ଏଚ ପି ପି - ୩ (ବାଲୁଗାଁ): ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ଓ ଯାତ୍ରୀଙ୍କ ପାଇଁ ବଡ଼ ଆଶାବାଡ଼ି ସାଜିଛନ୍ତି ।କେବଳ ଦୁର୍ଘଟଣା ନୁହେଁ, ଅପରାଧ ରୋକିବା ଏବଂ ରାତି ଅଧରେ ଗାଡ଼ି ଖରାପ ହୋଇ ଅଟକି ଯାଇଥିବା ଚାଳକଙ୍କୁ ଯାନ୍ତ୍ରିକ ସହାୟତା ଯୋଗାଇବାରେ ମଧ୍ୟ ଏହି ଟିମ ଆଗଧାଡ଼ିରେ ରହୁଛନ୍ତି । ସେଥିପାଇଁ ତ ଆଜି ଲୋକେ କହୁଛନ୍ତି ହାଇଓ୍ୱେରେ ଯଦି କେହି ସତ୍ୟ ସାଥୀ ଅଛନ୍ତି, ସେ ହେଲେ ଖୋର୍ଦ୍ଧାର ହାଇଓ୍ୱେ ପେଟ୍ରୋଲିଂ ପୋଷ୍ଟ ।ଖୋର୍ଦ୍ଧା ପୋଲିସର ଏହି ନିରନ୍ତର ସେବା ଆଜି ରାଜପଥର ଯାତ୍ରାକୁ ଅଧିକ ସୁରକ୍ଷିତ, ନିର୍ଭୟ ଏବଂ ଶୃଙ୍ଖଳିତ କରିପାରିଛି ।

# ପ୍ରସିଦ୍ଧ ଶୁକଳ ମେଳଣ ଆରମ୍ଭ

ସାକ୍ଷୀଗୋପାଳ ,(ସବ୍ୟ) :ସତ୍ୟବାଦୀ ଅନ୍ତର୍ଗତ ଶୁକଳ ପଞ୍ଚାୟତରେ ୨୨୬ତମ ପାରମ୍ପରିକ ଶୁକଳ ଦୋଳ ମେଳଣ ଆରମ୍ଭ ହୋଇଅଛି । ଗ୍ରାମର ଇଷ୍ଟଦେବ ତଥା ତଥା ମେଳଣର ଥାନପତି ତୃତୀୟାଦେବ ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ୍ୟ ପରିକ୍ରମା କରାଯାଇ ପଟୁଆରରେ ମେଳଣ ପଡ଼ିଆ ମଣ୍ଡପରେ ବିଜେ କରାଯାଇଥିଲା । ନାଗା, ପରି ଆଦି ପାରମ୍ପରିକ ନୃତ୍ୟ ସାଙ୍ଗକୁ ଘଣ୍ଟ, ମର୍ଦ୍ଦଳ ତୂରୀ ସହ ହରିବୋଲ, ହୁଳହୁଳୀରେ ଗାଁ ପରିବେଶ କମ୍ପି ଉଠିଥିଲା । ଏହି ଅବସରରେ ଦିନ ତମାମ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅବିର ବୋଳାବୋଳି ନିଆରା ପରିବେଶ ସୃଷ୍ଟି କରିଥିଲା । ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ବିଭୂ କୃପା ଲାଭ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଭୋଗ ଦୋକାନ ଠାରୁ ଆରମ୍ଭ କରି ଚଟପଟି ଖାଦ୍ୟ ସମେତ ମନୋହରୀ, ଘରକରଣା ଓ ବିଭିନ୍ନ ପ୍ରକାର ଖେଳନା, ପନିପରିବା ବିକ୍ରି ଜୋର ଧରିଥିଲା । ଏହି ମେଳଣକୁ ମନଭରି ଉପଭୋଗ କରିବା ପାଇଁ ଘରେ ଘରେ ବନ୍ଧୁ ବାନ୍ଧବଙ୍କ ସମାଗମ ହୋଇଅଛି । ପଡୋଶୀ ମାର୍କଣ୍ଡପଡା ହରଶିବ ଶ୍ରୀ ନୀଳକେ=ଶର ଦେବଙ୍କ ସମେତ ପୁରୀ ଜିଲ୍ଲାର ସତ୍ୟବାଦୀ, ପୁରୀ ସଦର, ଡେଲାଙ୍ଗ ଓ କଣାସ ପ୍ରମୁଖ ୪ଟି ବ୍ଲକର ଶତାଧିକ ଦେବାବେବୀ ବିମାନରେ ଆସି ଉକ୍ତ ମେଳଣ ପଡ଼ିଆରେ ଆସିନ ହୋଇଛନ୍ତି । ମେଳଣଟି ୧୦ ଦୋଳ ହୋଇଥିବାରୁ ଦୋଳ ପୂର୍ଣ୍ଣିମା ପରେ ନବମୀ, ଦଶମୀ, ଏକାଦଶୀ ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ । ଇତିହାସକୁ ଅବଲୋକନ କଲେ ଜଣାଯାଏ ଏହି ମେଳନର ମୁଖ୍ୟ ପୃଷ୍ଠପୋଷକ ଥିଲେ ତତ୍କାଳୀନ ଏମାର ମଠ ମହନ୍ତ ଗଦାଧର ରାମାନୁଜ । ଏଠାରେ ଏମାର ମଠର ଖମାର ଓ ମଠ ରହିଥିଲା ।

# ବାଇକ ଚୋରି : ଅଭିଯୁକ୍ତ ଗିରଫ

ଫୁଲନଖରା ,(ସବ୍ୟ): :କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ନିକଟସ୍ଥ ଏଚ ସି ଜୀ ପଣ୍ଡା କ୍ୟାନସର ହସ୍ପିଟାଲ ପାର୍କିଂ ସ୍ଥାନରେ ଘଟିଥିବା ବାଇକ ଚୋରି ଘଟଣାରେ ପୋଲିସ ତତ୍କାଳ କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ତେଲେଙ୍ଗାପେଣ୍ଠ ନଛିପୁର ଅଞ୍ଚଳର ବାସିନ୍ଦା ଲୋକନାଥ ସାହୁ (୨୫) ।, କଟକ ଜିଲ୍ଲା ଗୁରୁଡିଝାଟିଆ ଥାନା ଅଞ୍ଚଳ ବାଲିଆଠଗଡ଼ ଗାଁର କେଶବ ଦଳାଇ (୨୯) ଉକ୍ତ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି । ଗତ ୧୧ ମାର୍ଚ୍ଚ ଦିନ ସେ ଦୈନିକ ଭଳି ତାଙ୍କ ହିରୋ ହୋଣ୍ଡା ବାଇକକୁ ହସ୍ପିଟାଲ ପାର୍କିଂ ସ୍ଥାନରେ ରଖିଥିଲେ । ପରେ ଅପରାହ୍ନ ପ୍ରାୟ ୩ଟାରେ ସେ ପାର୍କିଂ ସ୍ଥାନକୁ ଯାଇ ବାଇକଟି ନ ଥିବା ଦେଖି ଥିଲେ । ଚାରିପାଖରେ ଖୋଜାଖୋଜି କରିବା ସତ୍ତ୍ୱେ ବାଇକ ମିଳିନଥିବାରୁ ସେ ହସ୍ପିଟାଲ ପ୍ରଶାସନଙ୍କ ସହଯୋଗରେ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ।ଫୁଟେଜରେ ଜଣେ ଅଜଣା ବ୍ୟକ୍ତି ପାର୍କିଂ ସ୍ଥାନରୁ ବାଇକ ନେଇ ଯାଉଥିବା ଦୃଶ୍ୟ ଧରାପଡ଼ିଥିଲା । ଏନେଇ କେଶବ ଦଳାଇ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।ତଦନ୍ତ କ୍ରମରେ ଲୋକନାଥ ସାହୁଙ୍କ ଜଡିତତା ପ୍ରମାଣିତ ହେବା ପରେ ତାଙ୍କୁ ଗିରଫ କରାଯାଇ କଟକ ଅଦାଲତକୁ ପ୍ରେରଣ କରାଯାଇଛି । ଏ ସମ୍ବନ୍ଧରେ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ।

**WANTED**

Applications are invited from eligible candidates for the following post in K.M.Degree College, Tukla, Dist.: Nuapada
• **LECTURER IN EDUCATION,** Quali.: MA in Education with minimum 55%, • **DEMONSTRATOR IN EDUCATION,** Quali.: BA with Education Honours.
Application should reach by post to the undersigned within **15 days** from the publication of this advertisement. The post are on self financing mode.

**Principal -cum- Secretary**
**K.M.Degree College,Tukla Dist- Nuapada**

## ବାଲୁଗାଁ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ବାଲୁଗାଁ , (ସବ୍ୟ): ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଗୁରୁବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଛି । ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ସୁବାସ ଶ୍ରୀଚନ୍ଦନ, କୈଳାଶ ଚନ୍ଦ୍ର ମହାରଣା, ବିଦ୍ୟାଧର ଜୁଝାରସିଂହ, ଅଧ୍ୟାପିକା ମୋନାଲିସା ମାନସିଂହ ଯୋଗ ଦେଇ, ମନସ୍ୱିନୀ ପଟ୍ଟନାୟକ ଯୋଗ ଦେଇ ଓଡ଼ିଆ ଭାଷାର ଗୁରୁତ୍ୱ ଓ ମହତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ବକ୍ତା ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ଓଡ଼ିଆ ଭାଷାର ପ୍ରମାଣିକ ତଥ୍ୟ ଉପରେ ବିଷଦ ଆଲୋଚନା କରିଥିଲେ । ଅଧ୍ୟାପକ ଧୋବୀ ଚରଣ ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

34001/184/2526 E-mail ID:pwd_sng@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH**
**"e"-Procurement Notice**
**BID IDENTIFICATION NO - SE-R&B-SNG-33 OF 2025-26**
**Letter No. 1191 / Date. 10.03.2026**

| | | | |
|---|---|---|---|
| 1. | The Superintending Engineer, Su&dargarh (R&B) Division on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for execution of Building works (including EI & PH ) as detailed in DTCN. | | |
| 2. | Nature of Work | : | Building works (including EI & PH ) |
| 3. | No. of works. | : | 02 (Two) Nos |
| 4. | Tender Cost | : | Rs.10,000/- |
| 5. | Class of Contractor | : | B |
| 6. | Availability of bid document in the website | : | From 10:00 A.M. Date-: 18.03.2026 to 05:00 P.M Date-30.03.2026 |
| 7. | Date of opening of Bid | : | 11:00A.M. On Dt.31.03.2026 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum / corrigendum / cancellation of tender can also be seen in the said website only. | | |

**Sd/- Superintending Engineer**
**Sundargarh (R&B) Division**
OIPR : 34001/34043/1/25-26/0001

**OFFICE OF THE NOTIFIED AREA COUNCIL ATHMALLIK**

13001/643/2526 **NO. 1225 DT. 13.03.26**

**e-Procurement**

**Bid identification No. Alkn-04/2025-26**

Bid documents consisting of work, estimated cost, cost of tender paper ,EMD time of completion . Class of contractors and the set of term and conditions of contract and details of other necessary documents can be seen in Govt.website i.e. **www.tendersorissa.gov.in**

| | | |
|---|---|---|
| Name of the works | : | Civil works |
| No. of works | : | 24 nos. |
| Estimated cost | : | Rs.2,01,290/- to 16,87,448/- |
| Date & Time of availability of Bid Documents in the portal | : | From 10.00A.M of dt.13.03.2026 to 23.03.2026 Up to 5.00P.M |
| Last Date of receive of Bid through Online | : | On or before 23.01.2026 up to 5.00P.M |
| Submission of original Document (DD/ EMD/ Affidavit) | : | On 24.03.2026 upto 5.00PM |
| Date of opening of bid on | : | At 11.00A.M on.25.03.2026 |

**Sd/- Executive Officer**
**N.A.C Athamallik**
OIPR : 13001/13161/1/25-26/0001

6001/39/2526

**OFFICE OF THE DISTRICT FISHERIES OFFICER, BOLANGIR**
**Phone No & Fax No : 06652234204, E-mail : dfo.bolangir24@gmail.com**
**Notice No. 2399 / Date. 11/3/2026**

**NOTICE TO REPORT FOR DUTY**

NOTICE IS HEREBY GIVEN to SRI RANJIT KUMAR PANDA, S/O-LATE SATYANANDA PANDA. Permanent Resident of HEMGIRI. District:-SUNDARGARH, who is currently engaged as Junior Engineer (Civil) on a Contractual basis under the Office of District Fisheries Officer, Balangir.

It has been Observed that you have absconded from Government duty on your sweet will since dt.01.02.2018 without any prior permission or sanctioned leave from the- Competent authority. Despite previous reminders, you have failed to resume your duties, which is a serious Violation of your Contractual Terms and Conditions; also Odisha Government Servants Conduct Rules.

**DIRECTION :** You are hereby instructed to join your duty immediately) at the Office of the District Fisheries Officer. Balangir. within 7 (seven) days from the date of publication of this notice.

**WARNING :** Failure to report for duty within the stipulated timeframe will result in the initiation of strict disciplinary action against you. including termination of your contractual engagement and further legal proceedings as per the directives of the Directorate of Fisheries. Odisha, Cuttack (letter No. 1085 dated 15.01.2026).

**By Order of the Directorate of Fisheries, Odisha, Cuttack**

**Sd/- District Fisheries Officer, Balangir.**
**District Fisheries Officer**
**Bolangir**
OIPR : 6001/6103/1/25-26/0002

**MUNICIPAL OFFICE : JEYPORE**
**Phone 06854- 231098 Fax 06854-230104 ulbjeypore@gmail.com**
**Letter No. 1268 /JM Date. 11/03/2026**

13001/653/2526 **Quotation Call Advertisement**

Sealed quotations as per the prescribed format in the quotation call notice are hereby invited from reputed agencies/Firms/Contractors/ As per QCN

**Name of the works :**

1. Supply & installation of Theatre Foldable Chair and Synthetic Leather Sofa for Auditorium, Jeypore Municipality, vide Letter No. 1249 / date. 11/03/2026.
2. Supply, Installation & Commissioning of Sound System and Stage Light Arrangement for Auditorium at Jeypore Municipality, vide Letter No. 1253 / date. 11/03/2026
3. Providing and laying of BWF approved Wooden Flooring for Indoor Stadium, Jeypore Municipality, vide Letter No. 1257 / date. 11/03/2026

| No. of works | 03 |
|---|---|
| Details of the work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e., www.jeyporemunicipality.in |
| Quotation Paper Sale Start Date | 13.03.2026 11.00 hours onwards |
| Quotauon Paper Sale End Date | 20.03.2026 up to 17.00 hours |
| Submission Deadline | 25.03.2026 up to 14.00 hours |
| Opening of Quotation | 25.03.2026 at 16.00 hours |
| Paper Cost (INR) | As per QCN |
| Security Deposit (INR) | As per QCN |

**Sd/- Executive Officer**
**Jeypore Municipality**
OIPR : 13001/13079/1/25-26/0028

# ଗୋଳବାଇର ଦଶଦୋଳ ଯାତ୍ରା ଆରମ୍ଭ

ନିରାକାରପୁର,(ସବ୍ୟ): ଦୋଳଯାତ୍ରା ଉତ୍କଳର ଏକ ସ୍ୱତନ୍ତ୍ର ପରମ୍ପରା । ଏହି ମହାନ ସାଂସ୍କୃତିକ ପରମ୍ପରା ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ଗୋଳବାଇର ଦଶଦୋଳ ଯାତ୍ରା ଅନ୍ୟତମ । ଚୈତ୍ରମାସ କୃଷ୍ଣପକ୍ଷ ଦଶମୀ ତିଥି ମଧ୍ୟରାତ୍ରୀର ନୀତି ନିର୍ଘଣ୍ଟ ନିର୍ଦ୍ଧାରିତ ଏକ ଅମୃତ ବେଳାରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ନିଜ ମନ୍ଦିର ଆସ୍ଥାନକୁ ତ୍ୟାଗ କରି ଉତ୍କ=ିତ ନୟନରେ ଚାହିଁ ରହିଥିବା ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସହିତ ମହାପଟୁଆରରେ ସୁସଜ୍ଜିତ ଦୋଳ ବିମାନରେ ଆସି ସାମିଲ ହୋଇଥିଲେ । ବିଶ୍ୱ କଲ୍ୟାଣମୟୀ ମା' ଭଗବତୀଙ୍କ ଆଗମନୀରେ ହରିବୋଲ, ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଛି । ଶୁଭଶଙ୍ଖ,ଘଣ୍ଟ-ଘଣ୍ଟା,ଭେରୀ-ତୁରୀ,ଟମକ-କାହାଳୀ,ଢୋଲ-ମହୁରୀ ଏବଂ ଖୋଳ-ତାଳର ସୁମଧୁର ମୂର୍ଚ୍ଛନା ରେ ଚତୃଦିଗ ପ୍ରକମ୍ପିତ ହୋଇଥିଲା । ଚଇତି ଘୋଡ଼ା ନୃତ୍ୟ,ନାଗା ନୃତ୍ୟ,ପରୀ ନୃତ୍ୟ,ବାଘ ନୃତ୍ୟ,ପାଇକ ଆଖଡା ନୃତ୍ୟ,କେ„ଇ ନୃତ୍ୟ,ବିଭିନ୍ନ ଦେବଦେବୀଙ୍କ ପ୍ରତିମାଧାରୀ କଳ ନୃତ୍ୟ, କଳ ଘୋଡ଼ା ନୃତ୍ୟ ସାଙ୍ଗକୁ ଆଧୁନିକ ଯାନ୍ତ୍ରିକ ବାଦ୍ୟ ରସରେ ଆଚ୍ଛାଦିତ ଅଲୋକମାଳାର ଅପୂର୍ବ ଦୃଶ୍ୟରାଜି ସତେ ଯେମିତି ଶୋଭାଯାତ୍ରାର ରୂପକୁ ସ୍ୱର୍ଗୀୟ ଭୂଷଣରେ ବିମଣ୍ଡିତ କରିଥିଲା । । ପୂର୍ବ ନିର୍ଦ୍ଧାରିତ ଅଖାପାଖି ପ୍ରାୟ ୨୦ ଟି ମୌଜାରୁ ୫୦ରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ ଯଥା - ବାଲିଗାଡ଼ିଆ , ଜଙ୍କିଆ ,ନିରାକାରପୁର , କାଶୀପୁର , ତଇଲା , ଭଗବତୀପଡା , ସାନ୍ତରାପୁର , ମାନପୁର , ହାଡପଦା , କୃଷ୍ଣପୁର , ମୋଟା , ଗୋଡିପଡା ପ୍ରଭୃତି ଗୋଳବାଇ ଗ୍ରାମପଞ୍ଚାୟତ ସମେତ ଆରାଧ ଦେବଦେବୀମାନେ ଦୋଳବିମାନରେ ଆସି ସାମିଲ ହୋଇ ଏହି ମହାପଟୁଆର ରେ ଆସିଥିଲେ । ସମବେତ ଶ୍ରଦ୍ଧାଳୁଙ୍କ ଭିଡରେ ଏହିପରି ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ମହା ଆଡମ୍ବର ସହକାରେ ଦୀର୍ଘ ୪ ଦିନ ଧରି ଯାତ୍ରା ଚାଲିବ ।

## ମାଇନ୍ସ ଆଣ୍ଡ ମିନେରାଲ୍ସ କନ୍‌କ୍ଲେଭ୍

# ନୀତିଗତ ସଂସ୍କାର ଏବଂ ସ୍ଥାୟୀ ଖଣି ହେଉଛି ଖଣିଜ ସୁରକ୍ଷାର ଚାବିକାଠି

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ (ଆସୋଚାମ୍) ପକ୍ଷରୁ ସ୍ୱସ୍ତି ପ୍ରିମିୟମ୍ ଠାରେ ଇଣ୍ଡିଆ ମାଇନ୍ସ ଆଣ୍ଡ ମିନେରାଲ୍ସ କନକ୍ଲେଭ୍ ୨୦୨୬ ଆୟୋଜନ କରାଯାଇଛି । ନୀତି ସଂସ୍କାର, ସ୍ଥାୟୀତ୍ୱ ଏବଂ ରଣନୈତିକ ସୁରକ୍ଷା ମାଧ୍ୟମରେ ରୂପାନ୍ତରକୁ ଆକାର ଦେବା' ବିଷୟବସ୍ତୁ ଉପରେ ଆଧାରିତ ଏହି କନକ୍ଲେଭରେ ଭାରତର ଖଣି ଏବଂ ଖଣିଜ କ୍ଷେତ୍ରର ଭବିଷ୍ୟତ ଉପରେ ବିଚାର ବିମର୍ଶ କରିବା ପାଇଁ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, ନିୟାମକ ଏବଂ ପ୍ରଯୁକ୍ତିବିଦ୍ୟା ଉଦ୍ଭାବକମାନେ ଏକତ୍ରୀତ ହୋଇଛନ୍ତି। ଏହି କନକ୍ଲେଭରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭାରତୀୟ ଖଣି ବ୍ୟୁରୋର ଆଂଚଳିକ ଖଣି ନିୟନ୍ତ୍ରକ ଅରୁଣ କୁମାର କହିଛନ୍ତି, ଯେ ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଆକାଂକ୍ଷା ଖଣିଜ ପଦାର୍ଥର ଚାହିଦାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ, ବିଶେଷକରି ସ୍ୱଚ୍ଛ ଶକ୍ତି ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ। ସେ ଉଲ୍ଲେଖ କରିଛନ୍ତି ଯେ ସରକାର ଖଣି କ୍ଷେତ୍ରରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଅନେକ ସଂସ୍କାର ଗ୍ରହଣ କରିଛନ୍ତି, ଯାହା ନିୟମାବଳୀରୁ ସୁବିଧାକରଣକୁ ସ୍ପଷ୍ଟ ପରିବର୍ତ୍ତନକୁ ଚିହ୍ନିତ କରୁଛି। ଆସୋଚାମ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ସହ-ଅଧ୍ୟକ୍ଷ ଏବଂ ଏସଏନଏମ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସେହିଭଳି ଆସୋଚାମ ଓଡ଼ିଶା ରାଜ୍ୟ ଖଣି ଏବଂ ଖଣିଜ ପଦାର୍ଥ ବିକାଶ ପରିଷଦର ସଦସ୍ୟ ଏବଂ ଜେଏସଡବ୍ଲୁ ଷ୍ଟିଲର ବ୍ୟବସାୟ ମୁଖ୍ୟ (ଓଡ଼ିଶା ବ୍ୟବସାୟ) ପ୍ରସନ୍ନ କୁମାର ପଣ୍ଡା ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି। ଶିଳ୍ପ ଆହ୍ୱାନ ବିଷୟରେ ଆଲୋଚନା କରି ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର (ଜେଏସପି)ର ଖଣିଜ ନିଲାମ, ରଣନୀତି, ମିଶ୍ରଣ ଏବଂ ଅଧିଗ୍ରହଣ ମୁଖ୍ୟ ମନୀଷ ସିଙ୍ଗଲା ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀ ସମୟରେ, ଆସୋଚାମ ପକ୍ଷରୁ ଖଣି ଏବଂ ଖଣିଜ କ୍ଷେତ୍ର ଉପରେ ଏକ ଜ୍ଞାନ ରିପୋର୍ଟ ମଧ୍ୟ ପ୍ରକାଶ କରାଯାଇଛି।




## ବାଲି ଡିପୋରେ ଚଢ଼ାଉ
## ପୋକଲିନ ସହ ୪ ଟ୍ରାକ୍ଟର ଜବତ

ବାଲେଶ୍ୱର,(ସବ୍ୟୁ): ବାଲିଆପାଳ ତହସିଲ ଅନ୍ତର୍ଗତ ଗୁହାଳପାଳ ଅଧୀନସ୍ଥ ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଥିବା ବେଆଇନ ବାଲି ଡିପୋ ଉପରେ ବାଲେଶ୍ୱରର ଏକ ସ୍ପେଶାଲ୍ ଟିମ୍ ଚଢ଼ାଉ କରିଛି । ସେଠାରୁ ଗୋଟିଏ ପୋକଲିନ ଓ ୪ ଟ୍ରାକ୍ଟର ଜବତ କରିଛି । ସୂଚନା ମୁତାବକ ଦୀର୍ଘ ଦିନ ଧରି ବାଲିଆପାଳ ତହସିଲ ଅଞ୍ଚଳ ସୁବର୍ଣ୍ଣରେଖା ନଦୀ ଅବବାହିକାରୁ ପ୍ରତିଦିନ ରାତିରେ ଶହ ଶହ ଟ୍ରିପ୍ ବାଲି ଚୋରି ନେଇ ଅଭିଯୋଗ ହୋଇ ଆସୁଥିଲା । ଏହି ଅଭିଯୋଗ କ୍ରମେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ପ୍ରତ୍ୟକ୍ଷ ତ%୦ବଧାନରେ ଗୁରୁବାର ଏକ ଟିମ ଗଠନ କରାଯାଇ ଚଢ଼ଉ କରଯାଇଥିଲା । ତେବେ ମୁଖ୍ୟ କାର୍ପଟଦାର ଖସି ପଳାଇଥିବାର ସୂଚନା ମିଳିଛି ।

# କିଟ୍ ଓ କିସ୍ ପରିଦର୍ଶନରେ ଏନ୍‌ଏଚ୍‌ଆର୍‌ସି ମହାସଚିବ ଭରତ ଲାଲ

ଭୁବନେଶ୍ୱର, (ସବ୍ୟୁ): ଜୀବନକୁ ପରିବର୍ତ୍ତନ କରିବା ଓ ଏକ ନ୍ୟାୟପୂର୍ଣ୍ଣ ତଥା ଅନ୍ତର୍ଭୁକ୍ତ ସମାଜ ଗଠନ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ଜାତୀୟ ମାନବାଧିକାର ଆୟୋଗ ମହାସଚିବ ଭରତ ଲାଲ କହିଛନ୍ତି। ଶନିବାର କିଟ୍ ଓ କିସ୍ ଗସ୍ତ ଅବସରରେ ଶ୍ରୀ ଲାଲ ଏହା ପ୍ରକାଶ କରିଛନ୍ତି। କିସ୍ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଶ୍ରୀ ଲାଲ କହିଲେ, ନିଜ ଜୀବନ ଏବଂ କ୍ୟାରିୟର ଗଠନରେ ଶିକ୍ଷା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। କେବଳ ଶିକ୍ଷା ପାଇଁ ମୁଁ ଆଜି ଏହି ସ୍ଥିତିରେ ପହଞ୍ଚିପାରିଛି । ଶିକ୍ଷା ବିନା ଜଣେ ଜୀବନରେ ବିଶେଷ ଅଧିକ କିଛି ହାସଲ କରିପାରିବ ନାହିଁ ବୋଲି ସେ କହିଥିଲେ। କିଟ୍ ଓ କିସ୍ ପରିଦର୍ଶନ କରି ସେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରି କହିଲେ ମୁଁ କିଟ୍ ଓ କିସ୍ ବିଷୟରେ ଜାଣିବାକୁ ଏଠାକୁ ଆସିଥିଲି। ଶୃଙ୍ଖଳା, ଆଚରଣ, ସଂସ୍କୃତି ଓ ଚିନ୍ତାଧାରାକୁ ଶିକ୍ଷା ଆକୃଷ୍ଟ କରେ। ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ଶିକ୍ଷା ପାଇଁ ଉପଯୁକ୍ତ ସମୟ ଥାଏ, ସେହି ସମୟରେ ଶିକ୍ଷା ଗ୍ରହଣ କରିବା ଉଚିତ। ନିଜେ ଶିକ୍ଷା ଗ୍ରହଣ କରିବା ସହ ଅନ୍ୟକୁ ଶିକ୍ଷା ଲାଭରେ ସହଯୋଗ କରିବା ଉଚିତ। କିସରେ ଶ୍ରୀ ଲାଲ୍ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ପରେ ଶ୍ରୀ ଲାଲ କିଟ୍ ବିଶ୍ୱବିଦ୍ୟାଳୟରେ କିଟ୍ ନଲେଜ ଟ୍ରି ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ସେ ବ୍ୟକ୍ତିର ସଂସ୍କୃତି, ଆଚରଣ ଓ ଚିନ୍ତାକରିବା ଶକ୍ତିକୁ ଶିକ୍ଷା କିଭଳି ନୂତନ ରୂପ ଦେଇଥାଏ ତା ଉପରେ ଆଲୋକପାତ କରିଥିଲେ। ଭାରତରେ ମାନବାଧିକାରର ସୁରକ୍ଷା ପାଇଁ ଅନୁଷ୍ଠାନିକ ବ୍ୟବସ୍ଥାର ଗୁରୁତ୍ୱ ବିଷୟରେ ଶ୍ରୀ ଲାଲ କହିଲେ, ଭାରତୀୟ ସମ୍ବିଧାନର ଧାରା ୩୨ ନ୍ୟାୟ ପାଇବାକୁ ଗ୍ୟାରେଣ୍ଟି ଦେଇଥାଏ । ଫଳରେ ନାଗରିକମାନେ ସେମାନଙ୍କ ଅଧିକାର ଉଲ୍ଲଂଘନ ହେଲେ ଏହାର ପ୍ରତିକାର ପାଇଁ ସକ୍ଷମ ହେବେ । ଯେ କୌଣସି ବ୍ୟକ୍ତି ମାନବାଧିକାର ଆୟୋଗଙ୍କ ନିକଟକୁ ଯାଇପାରିବେ। କେବଳ ୨୦୨୩-୨୪ରେ ଆୟୋଗ ଏନ୍‌ଏଚ୍‌ଆର୍‌ସି ୩ ଶହରୁ ଅଧିକ ଅଭିଯୋଗ ଗ୍ରହଣ କରିଥିଲେ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପାଇଁ ଦ୍ୱିତୀୟ ପ୍ରସ୍ତୁତି ସମୀକ୍ଷା ବୈଠକ

ପୁରୀ, (ସବ୍ୟୁ): ଜିଲ୍ଲା ପ୍ରଶାସନ ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ ଠାରେ ରଥଯାତ୍ରା ଉପଲକ୍ଷେ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଥିଲା । ଜିଲ୍ଲାପାଳ ସଂପୃକ୍ତ ବିଭାଗ ତଥା, ୱାଟକୋ, ଓପିଟିସିଏଲ୍ ପୌରସଂସ୍ଥା ଅଧିକାରୀମାନଙ୍କୁ ଏକ ମାସ ଭିତରେ ମାଷ୍ଟର ପ୍ଲାନ୍ କରି ସଂପୂର୍ଣ୍ଣ ଟେଣ୍ଡର କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଟେଣ୍ଡର କାର୍ଯ୍ୟ ୩୧ ମେ ୨୦୨୬ ସୁଦ୍ଧା ଶେଷ କରି ରିପୋର୍ଟ ଦେବାକୁ ବୋଲି କହିଛନ୍ତି ଜିଲ୍ଲାପାଳ। ମନ୍ଦିର ପ୍ରଶାସନକୁ ପବ୍ଲିକ୍ ସିଷ୍ଟମ୍ ଆରେଞ୍ଜମେଣ୍ଟ, ଭଲ ଭାବରେ ଯେମିତି ହେବ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ସହିତ ସହଯୋଗ ଓ ସମ ସମନ୍ୱୟ ରକ୍ଷା କରି କାର୍ଯ୍ୟ ସଂପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟତ ଗାଡି ପାର୍କି ବ୍ୟବସ୍ଥା, ଅସ୍ଥାୟୀ ଭାବେ ପାଇଖାନା ବ୍ୟବସ୍ଥା, ଭକ୍ତ ମାନଙ୍କ ରହଣୀ ସୁବିଧା ଓ ଯାତାୟତ ଉପରେ ଧାନ ଦେବା, ଓ ଖାଦ୍ୟପେୟ ବ୍ୟବସ୍ଥା ଉପରେ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ପୌରସଂସ୍ଥା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ), ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ) ନୀଳମାଧବ ଭୋଇ, ମୁଖ୍ୟ ଚିକିତ୍ସକ ଅଧିକାରୀ ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସପି. ସୌମ୍ୟରଞ୍ଜନ ମଲ୍ଲିକ, ପୌର ଅଧିକାରୀ ଅଭିମନ୍ୟୁ ବେହେରା, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତିଙ୍କ ସମେତ ଜିଲ୍ଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ୍ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଇତିହାସ ଜଗତ ପାଇଁ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ଅବଦାନ ସ୍ମରଣୀୟ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଖାରବେଳ ନଗର ସ୍ଥିତ ଭାରତୀୟ ବିଦ୍ୟା ଭବନ ଠାରେ ବିଶିଷ୍ଟ ଐତିହାସିକ ପଦ୍ମଶ୍ରୀ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ସ୍ମୃତିରେ ଏକ ସାରସ୍ୱତ ସ୍ମୃତି ସଭା ଆୟୋଜିତ ହୋଇଯାଇଛି। ଗତ ମାର୍ଚ୍ଚ ୧୦,୨୦୨୬ରେ ଐତିହାସିକ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ମହାପ୍ରୟାଣ ହୋଇଛି। ଆଜିର ସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବିଶିଷ୍ଟ କଥାକାର ଗୌରହରି ଦାସ, ବିଶିଷ୍ଟ ଐତିହାସିକ ପ୍ରଫେସର ଅମୀୟ କୁମାର ମହାନ୍ତି, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ବିଶିଷ୍ଟ ଐତିହାସିକ ଡ଼. କୈଳାସ ଚନ୍ଦ୍ର ଦାଶ, ବିଶିଷ୍ଟ ଅନୁବାଦକ ଡ଼. ସଂଗ୍ରାମ ଜେନା ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। "ହର୍‌ମାନ କୁଲ୍‌କେ ଜଣେ ସୁପ୍ରତିଷ୍ଠିତ ଜର୍ମାନ ଐତିହାସିକ ଏବଂ ଭାରତବିଜ୍ଞାନୀ ଭାବେ ସୁପରିଚିତ ଥିଲେ। ସେ କୀଲ୍ ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗରେ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସୀୟ ଇତିହାସର ପ୍ରଫେସର ଥିଲେ। ୨୦୧୧ ମସିହାରେ ଜର୍ମାନୀର ରାଷ୍ଟ୍ରପତି ହର୍‌ମାନ କୁଲ୍‌କେଙ୍କୁ ଫେଡ଼େରାଲ ରିପବ୍ଲିକ୍ ଅଫ ଜର୍ମାନୀର ମେରିଟ୍ ଅର୍ଡର ପ୍ରଦାନ କରିଥିଲେ। ହର୍‌ମାନ କୁଲ୍‌କେଙ୍କ ରଚିତ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଶାର ଆଞ୍ଚଳିକ ପରମ୍ପରା, ଜଗନ୍ନାଥ ସଂସ୍କୃତି ଏବଂ ଗଜପତି, ଦେବରାଜ ସଂସ୍କୃତି, ଭାରତର ଇତିହାସ ଆଦି ଉଲ୍ଲେଖନୀୟ କୃତି ସମସ୍ତଙ୍କ ପାଇଁ ପ୍ରେରଣା ଦାୟୀ। ଇତିହାସ ଜଗତ ପାଇଁ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ଅବଦାନ ସଦାସର୍ବଦା ସ୍ମରଣୀୟ ହୋଇ ରହିବ", ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଆଜିର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ।

## ରନ୍ଧନ ଗ୍ୟାସ ଯୋଗାଣରେ ବିଳମ୍ବକୁ ନେଇ

# କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ପୁରୀ, (ସବ୍ୟୁ): ପୁରୀରେ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଏବଂ ଖାଉଟିର ଆବଶ୍ୟକତା ଅନୁଯାୟୀ ଯୋଗାଣ ନହେବା ଓ ବିଳମ୍ବିତ ଯୋଗାଣ ବିରୁଦ୍ଧରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ରହି କଚେରୀ ଛକରୁ ଏକ ପଦଯାତ୍ରାରେ ବାହାରି ସମୁଦ୍ର କୂଳ ଥାନା, ଆଚାର୍ଯ୍ୟ ହରିହର ଛକ ଦେଇ ଜିଲ୍ଲାପାଳ, ପୁରୀଙ୍କ କାର୍ଯ୍ୟାଳୟ ଠାରେ ଗ୍ୟାସ ସିଲିଣ୍ଡର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଘରୋଇ ଗ୍ୟାସ ଓ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ପ୍ରତି ଅହେତୁକ ଦରବୃଦ୍ଧି କାରଣରୁ ସିଧାସଳଖ ଗରିବ ନିମ୍ନ ମଧ୍ୟବିତ୍ତ ପରିବାରରେ ପ୍ରଭାବ ପକାଇଛି ଏବଂ ହୋଟେଲ, ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ମାଲିକ ତଥା କର୍ମଚାରୀଙ୍କ ପେଟକୁ ସରକାର ଦାନା ଦେବା ବଦଳରେ ଭାତହାଣ୍ଡି ଛଡ଼ାଇ ନେଇଛନ୍ତି । ଏଣୁ ସରକାର ଗ୍ୟାସ୍ ସିଲିଣ୍ଡର ସରଳ ଉପଲବ୍ଧ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ । କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶରତ ରଥ,ଉତ୍ତମ ଆଚାର୍ଯ୍ୟ, ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ବିଶ୍ୱଭୂଷଣ ଦାସ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ,ପ୍ରମୋଦ କୁମାର ପ୍ରଧାନ, ପୁଷ୍କର ମହାପାତ୍ର ପ୍ରମୁଖ ଶତାଧିକ ନେତା ଓ କର୍ମୀ ଅଂଶ ଗ୍ରହଣ କରିଥିଲେ।



# ଅଗ୍ନି ବିପନ୍ନ ପରିବାରଙ୍କୁ ବସନ୍ତପୁର ଶିରଡିସାଇ ଚାରିଟେବୁଲ ଟ୍ରଷ୍ଟର ସହାୟତା

ଭୁବନେଶ୍ୱର (ସବ୍ୟୁ): ପାଟକୁରା ନିର୍ବାଚନମଣ୍ଡଳୀ ଗରଦପୁର ବ୍ଲକ୍ ଅଧିନ ତେଣ୍ଡାକୁଡା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ଗତ ସୋମବାର ବିଳମ୍ବିତ ରାତିରେ ହୋଇଥିବା ଭୟାବହ ଅଗ୍ନିକାଣ୍ଡରେ ସାତ ବଖରା ଘର ସହ ଘରେ ଥିବା ଧାନ ଚାଉଳ, ଖାଦ୍ୟ ଶସ୍ୟ, ଆସବାବ ପତ୍ର , ସମସ୍ତ ଗୃହସାମଗ୍ରି ଜଳି ପୋଡ଼ି ଭସ୍ମିଭୂତ ହୋଇଛି । ଏଭଳି ଦୁଃଖଦ ସମୟରେ ବହୁ ବ୍ୟକ୍ତିବିଶେଷ ତଥା ବିଭିନ୍ନ ସଂଗଠନ ତରଫରୁ ବିପନ୍ନ ପରିବାରଙ୍କ ପ୍ରତି ସହାୟତାର ହାତ ବଢ଼ିଚାଲିଛି । ଏହିଭଳି ଦୁଃଖଦ ସମୟରେ ଗ୍ରାମରେ ଥିବା ଶ୍ରୀ ଶ୍ରୀ ଶିରଡିସାଇ ଚାରିଟେବୁଲ ଟ୍ରଷ୍ଟ ର ମ୍ୟାନେଜିଂ ଟ୍ରଷ୍ଟି ଡ଼କ୍ଟର ରୁଦ୍ର ମହାନ୍ତିଙ୍କ ସହାୟତାରେ ଟ୍ରଷ୍ଟ ତରଫରୁ ବିପନ୍ନ ପରିବାରଙ୍କୁ ଜରିପାଲ, ଶାଢ଼ି , ଧୋତି , ପୋଷାକ .କମ୍ବଳ , ବାସନ କୁସନ ସମେତ ଅନେକ ଅତ୍ୟାବଶ୍ୟକ ସାମଗ୍ରି ବଣ୍ଟନ କରାଯାଇଛି । ଟ୍ରଷ୍ଟର ସଦସ୍ୟ ରବିନ୍ଦ୍ର କୁମାର ମହାପାତ୍ର, ସ୍ୱରୂପ ମହାନ୍ତି, ଦେବୀ ପ୍ରସାଦ ମହାନ୍ତି , କମଳ ମହାନ୍ତି , ସଂଯୁକ୍ତା ବିଶ୍ୱାଳ ଓ ସଂଜୟ ରାଉତ ପ୍ରମୁଖ ଏସବୁ ସାମଗ୍ରୀ ବଣ୍ଟନ କରିଥିଲେ । ପୂର୍ବରୁ ବିପନ୍ନ ପରିବାରଙ୍କୁ ରନ୍ଧାଖାଦ୍ୟ ମଧ୍ୟ ଦିଆଯାଇଥିଲା । ଶ୍ରୀ ଶ୍ରୀ ଶିରଡିସାଇ ଚାରିଟେବୁଲ ଟ୍ରଷ୍ଟ, ବସନ୍ତପୁର ର ଏଭଳି ସେବା କାର୍ଯ୍ୟକୁ ସାଧାରଣରେ ପ୍ରଶଂଶା କରାଯାଇଛି ।



# ପ୍ରେରଣା ସମ୍ମାନରେ ସମ୍ମାନିତ ହେଲେ ଯଶୋଦା ମା' ନିବେଦିତା ଲେଙ୍କା



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସ୍ଥିତ କ୍ରିଷ୍ଟଲ୍ କ୍ରାଉନ ହୋଟେଲରେ ଆୟୋଜିତ ପ୍ରେରଣା ସମ୍ମାନରେ ସମ୍ମାନିତ ହୋଇଛନ୍ତି ଯଶୋଦା ମା ଫାଉଣ୍ଡେସନ ପ୍ରତିଷ୍ଠାତ୍ରୀ ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନିବେଦିତା ଲେଙ୍କା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଅଭିନେତ୍ରୀ ଋତୁପର୍ଣ୍ଣା ସେନଗୁପ୍ତା, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ପରମିତା ପଣ୍ଡା ଓ ଆୟୋଜକ ତଥା ଓଟିଭି ପରିଚାଳନା ମୁଖ୍ୟ ଶ୍ରୀମତୀ ଜାଗୀ ମଙ୍ଗତ୍ ପଣ୍ଡା ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସାତ ଜଣ ମହିଳାଙ୍କୁ ପ୍ରେରଣା ସମ୍ମାନ - ୨୦୨୬ରେ ସମ୍ମାନୀତ କରିଥିଲେ। ଏହି ପୁରସ୍କାର ମତେ ଆହୁରି ସମାଜିକ କାର୍ଯ୍ୟକ୍ରମ କରିବା ପାଇଁ ପ୍ରେରଣା ଓ ଉତ୍ସାହ ଯୋଗାଇବ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଲେଙ୍କା କହିଛନ୍ତି ।

# ବେବୀଲତା ଶତପଥୀଙ୍କ କବିତା ସଙ୍କଳନ "ଚିଠି" ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ପଦ୍ମାଲୋକ ଫାଉଣ୍ଡେସନ ଆନୁକୂଲ୍ୟରେ ବିଶିଷ୍ଟ କବୟିତ୍ରୀ ଶ୍ରୀମତୀ ବେବୀଲତା ଶତପଥୀଙ୍କ ପ୍ରଥମ କବିତା ସଙ୍କଳନ ଚିଠିର ଉନ୍ମୋଚନ ସମାରୋହ ଗୁରୁବାର ସନ୍ଧ୍ୟାରେ ଏକ ଅନୁଷ୍ଠିତ ହୋଇଯାଇଛି । ଏହି ସାରସ୍ୱତ ଉତ୍ସବରେ ରାଜ୍ୟର ଅନେକ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସଂସ୍କୃତି ପ୍ରେମୀ ଯୋଗଦେଇଥିଲେ । ସମାରୋହରେ ମଞ୍ଚାସିନ ଅତିଥିମାନଙ୍କ ମଧ୍ୟରେ ପଦ୍ମାଲୋକ ଫାଉଣ୍ଡେସନର ଅଧ୍ୟକ୍ଷ ଦାଶରଥୀ ଶତପଥୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ କବିତା ପୁସ୍ତକଟିର ଉନ୍ମୋଚନ କରିଥିଲେ: ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ର: କେନ୍ଦ୍ର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି । ଦେବପ୍ରସାଦ ଦାଶ: ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଡ. ପ୍ରଭାସ ଆଚାର୍ଯ୍ୟ, ପ୍ରଫେସର ଡା. ସରୋଜିନୀ ଷଡ଼ଙ୍ଗୀ , ବିଜୟ ମଲ, ରକ୍ଷକ ନାୟକ ପ୍ରମୁକ ଯୋଗ ଦେଇଥିଲେ। ସଭାର ମୁଖ୍ୟ ଆକର୍ଷଣ ଓ ସାରସ୍ୱତ ଚର୍ଚ୍ଚା ମଧ୍ୟରେ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ଅତିଥି ଓ ବକ୍ତାମାନଙ୍କର ସାରଗର୍ଭକ ବକ୍ତବ୍ୟ । ଜଣେ ଲେଖକ ବା ଲେଖିକା କିପରି ବିଭିନ୍ନ ପ୍ରତିକୂଳ ପରିବେଶ ଓ ପରିସ୍ଥିତିକୁ ସାମ୍ନା କରି, ନିଜର ଅନୁଭୂତିକୁ ଭାଷାର ରୂପ ଦେଇ କବିତା ମାଧ୍ୟମରେ ସମାଜରେ ପରିପ୍ରକାଶ କରନ୍ତି, ତାହା ବକ୍ତାମାନଙ୍କ ସାରାଂଶରେ ଅତି ଚମତ୍କାର ଭାବେ ପ୍ରତିଫଳିତ ହୋଇଥିଲା । ଜଣେ ସାରସ୍ୱତ ସାଧକର ସୃଜନଶୀଳ ଯାତ୍ରା ଓ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ସମ୍ପର୍କରେ ଏହି ଆଲୋଚନା ଉପସ୍ଥିତ ଦର୍ଶକ ଓ ଶ୍ରୋତାମାନଙ୍କୁ ବେଶ୍ ଆକର୍ଷିତ କରିଥିଲା । ଅତିଥିମାନେ "ଚିଠି" ପୁସ୍ତକର କବିତାଗୁଡ଼ିକରେ ଥିବା ମାନବୀୟ ସମ୍ବେଦନା ଓ ସାମ୍ପ୍ରତିକ ସମାଜର ପ୍ରତିଛବିକୁ ଉଚ୍ଚ ପ୍ରଶଂସା କରିଥିଲେ । ଶୁଭେନ୍ଦୁ କୁମାର ଭୂୟାଁ ସମଗ୍ର କାର୍ଯ୍ୟକ୍ରମର ସୁଚାରୁ ରୂପେ ସଂଯୋଜନା କରିଥିଲେ । ପରିଶେଷରେ, ଏକ ସୁନ୍ଦର ଓ ଆନନ୍ଦମୟ ପରିବେଶରେ ବହୁ ସଂଖ୍ୟକ ସାହିତ୍ୟ ପ୍ରେମୀଙ୍କ ଗହଣରେ ଏହି ଉନ୍ମୋଚନ ସମାରୋହ ସଫଳତାର ସହ ସମାପନ ହୋଇଥିଲା । ଫାଉଣ୍ଡେସନ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରାଯାଇଥିଲା ।




# ଜାତୀୟ ଏଚ୍‌ଆର୍ ଏକ୍ସିଲେନ୍ସ ପୁରସ୍କାର"ରେ ସମ୍ମାନିତ ହେଲା ଜିନ୍ଦଲ ଷ୍ଟେନଲେସ୍

ଭୁବନେଶ୍ୱର, (ସବ୍ୟୁ): ଦେଶର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୧୬ତମ ଜାତୀୟ ଏଚଆର ଏକ୍ସଲେନ୍ସ ଆୱାର୍ଡରେ ସମ୍ମାନିତ ହୋଇଛି। ଏହି ସମ୍ମାନ କମ୍ପାନୀ ତରଫରୁ ନିଆଯାଉଥିବା ଲୋକ କୈନ୍ଦ୍ରିକ ପଦକ୍ଷେପ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ଯାହା ମାନବ ସମ୍ବଳ ସହ ଏକୀକୃତ ହୋଇଛି ଏବଂ ଏକ ଦୀର୍ଘସ୍ଥାୟୀ ବିକାଶକୁ ସମର୍ଥନ କରୁଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ତରଫରୁ ମୁମ୍ବାଇଠାରେ ମାର୍ଚ୍ଚ ୧୧ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ପୁରସ୍କାରକୁ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ମାନବ ସମ୍ବଳ ପରିଚାଳନା ଅଧିକାରୀ ସୁଶୀଲ ବାଭେଜା, ଭାଇସ୍ ପ୍ରେସିଡେଂଟ, ଏଚଆର; ରାଜୀବ ରଞ୍ଜନ, ଲର୍ଣ୍ଣିଂ ଏବଂ ଡେଭଲପମେଂଟ ମୁଖ୍ୟ ଆନନ୍ଦ ପଚୌରୀ; ଆସୋସିଏଟ ମ୍ୟାନେଜର ଏବଂ ଜିନ୍ଦଲ ଷ୍ଟେନଲେସର ଏଚଆରବିପିର ଆସୋସିଏଟ ମ୍ୟାନେଜର ସୁଶ୍ରୀ ବେଦିକା ଆର୍ଯ୍ୟ ଗ୍ରହଣ କରିଥିଲେ । ଏହି ପୁରସ୍କାର ଶ୍ରୀ ସଞ୍ଜୟ ବେହେଲ, ଚେୟାରମ୍ୟାନ, ସିଆଇଆଇ, ଜାତୀୟ କମିଟି ଲିଡରସିପ୍ ଏବଂ ଏଚଆର ଏବଂ ଚିଫ୍ ଅପରେଟିଂ ଅଫିସର,ଯୁଗ୍ମ ପ୍ରେସିଡେଂଟ ଅଦାନୀ ସିମେଂଟ ପ୍ରଦାନ କରିଥିଲେ । ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ୍ ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସ୍ ରେ ଆମର ଲୋକମାନେ ହିଁ ଉତ୍କର୍ଷତାକୁ ସୃଷ୍ଟି କରନ୍ତି ଏବଂ ଏହାକୁ ଅତୁଟ ରଖନ୍ତି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ତରଫରୁ ମିଳିଥିବା ଏହି ସ୍ୱୀକୃତି ଆମର ଲୋକକୈନ୍ଦ୍ରିକ ପ୍ରଥାକୁ ସୁଦୃଢ କରିବା ଓ ଏମିତି ଗୋଟିଏ କାର୍ଯ୍ୟସ୍ଥଳ ଗଢ଼ିବା ପ୍ରତି ଆମର ଅବିରତ ପ୍ରୟାସକୁ ଖୋରାକ ଯୋଗାଏ । ଯେଉଁଠାରେ ପ୍ରତ୍ୟେକେ ବିକାଶ କରିପାରିବେ ଓ ନୂତନତ୍ୱ ଆଣିପାରିବେ। ଏହା ଆମକୁ ଆଗାମୀ ଦିନରେ ଏହି ପ୍ରୟାସଗୁଡ଼ିକୁ ଆହୁରି ଆଗେଇ ନେବାକୁ ପ୍ରେରଣା ଦେଉଛି, ଯାହା ଆମର ଲୋକମାନଙ୍କୁ ସଂଗଠନ ସହ ସଫଳତା ଲାଭ କରିବାରେ ସକ୍ଷମ କରିବାରେ ବିଶେଷ ଭାବରେ ସହାୟକ ହେବ। ସୁଶୀଲ ବାଭେଜା, ଜିନ୍ଦଲ ଷ୍ଟେନଲେସ୍ ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ପୁରସ୍କାର ଗ୍ରହଣ କରିବା ଅବସରରେ କହିଛନ୍ତି, "ସିଆଇଆଇ ଏଚଆର ଏକ୍ସଲେନ୍ସ ଫ୍ରେମୱର୍କ ସଂଗଠନକୁ ତାର ଲୋକ କୈନ୍ଦ୍ରିକ ପ୍ରଥାକୁ ନିରନ୍ତର ଭାବେ ସୁଦୃଢ କରିବା ପାଇଁ ଏକ ମାନଦଣ୍ଡ ପ୍ରଦାନ କରେ। ମାନବ ସମ୍ବଳ ଉତ୍କର୍ଷତାରେ ଗୁରୁତ୍ୱପୂର୍ଣ୍ଣ ବର୍ଗରେ ଆମର ଅଗ୍ରଗତି ଦର୍ଶାଉଛି ।



## ଦୁଇ ବାଇକ ମୁହାଁମୁହିଁ ଧକ୍କା
## ଜଣେ ବାଇକ ଚାଳକର ଶୋଚନୀୟ ମୃତ୍ୟୁ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଅଁଳା-ହରିପୁର ରାସ୍ତାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଚାଳକଙ୍କର ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇ ଚିକତ୍ସାଧୀନ ଅଛନ୍ତି କ୍ଷ ସୂଚନା ଅନୁଯାଇ ରାସଗୋବିନ୍ଦପୁର ବ୍ଲକ ତୋଟାପଡା ଗ୍ରାମର ଯଦୁ ରାୟ OD01AY-4521 ନଂ ବିଶିଷ୍ଟ ବାଇକ ଯୋଗେ ହରିପୁର ପଟକୁ ଯାଉଥିବା ବେଳେ ସାମ୍ନା ପଟୁ ରଘୁପୁର ଗ୍ରାମର ଶିବ ମହାନ୍ତ OD01AQ-8342 ନଂ ବିଶିଷ୍ଟ ବାଇକ ଆସି ସାମ୍ନା ପଟୁ ଧକ୍କା ଦେଇଥିଲା । ଦେବେ ଦୁର୍ଘଟଣାରେ ଯଦୁ ରାସ୍ତା ଉପରକୁ ଛିଟିକି ପଡିଥିବାବେଳେ ମୁଣ୍ଡରେ ଶକ୍ତ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା ଓ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା, ଅନ୍ୟପଟେ ଶିବ ମଧ୍ୟ ଗୁରୁତର ଆହତ ହୋଇଥିଲେ । ତେବେ ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତର ଖାନା ନେଇଯାଇଥିଲେ । ସେଠାରେ ଶିବର ଅବସ୍ଥା ଗୁରୁତର ହେବାରୁ ବାରିପଦା ଡାକ୍ତରଖାନା ପଠାଇ ଦିଆଯାଇଥିଲା କ୍ଷ ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଂଚି ଉଭୟ ବାଇକକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

## ଶ୍ରୀକଳା ନିକେତନ ନୃତ୍ୟାନୁଷ୍ଠାନ ପକ୍ଷରୁ

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପୁରୀ,(ସବ୍ୟୁ): ପୁରୀର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ ଅନୁଷ୍ଠାନ ଶ୍ରୀକଳା ନିକେତନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥିବା ନୃତ୍ୟଶିଳ୍ପୀ ଓ ସେମାନଙ୍କ ମା'ମାନଙ୍କୁ ନେଇ ଏହି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଥିଲା । ସୋନି ଟିଭିରେ ପ୍ରସାରିତ ମାଷ୍ଟରସେଫ ପ୍ରତିଯୋଗିତାରେ ଦେଶରେ ରନର୍ସ ଅଫ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିବା ଅଞ୍ଜୁ ପ୍ରଧାନ ଯୋଗଦେଇଥିଲେ । ଜଣେ ମହିଳା ତା କର୍ମ ପଥରେ କିଭଳି ସଫଳତା ପାଇ ପାରିବ ତାକୁ ନେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକର୍ମରେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ମୁଖ୍ୟ ଅତିଥୀ ଭାବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଯୋଗଦେଇଥିଲେ । ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ ଶ୍ରୀକଳା ନିକେତନ ଅନୁଷ୍ଠାନର ସମ୍ପାଦିକା ଗୁରୁ ରୋଜାଲିନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏକ ଭବ୍ୟ ପରିବେଶ ଭିତରେ ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଶ୍ରୀକଳା ନିକେତନ ଅନୁଷ୍ଠାନ ପକ୍ଷରୁ ରାଜ୍ୟପାଇଁ ଗୌରବ ଆଣିଥିବା ମାଷ୍ଟରସେଫ ଅଞ୍ଜୁ ପ୍ରଧାନଙ୍କୁ ଗୁରୁ ରୋଜାଲିନ ମହାନ୍ତି ସମ୍ମାନୀତ କରିଥିଲେ ।



# ସିଲଚରରେ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ କଲେ ମୋଦୀ




**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଲଚରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ ଯେ ସଂସ୍କୃତି ଓ ପ୍ରାଣବନ୍ତ ପରମ୍ପରାରେ ସମୃଦ୍ଧ ବରାକ ଉପତ୍ୟକା ପରିଦର୍ଶନ ସଦା ତାଙ୍କ ପାଇଁ ଏକ ବିଶେଷ ଅଭିଜ୍ଞତା। ସେ ଉଲ୍ଲେଖ କରିଥିଲେ ଯେ ସିଲଚର ଏହି ଉପତ୍ୟକାର ପ୍ରବେଶଦ୍ୱାର ଭାବେ ପରିଚିତ, ଯେଉଁଠାରେ ଇତିହାସ ଓ ଭାଷା ମିଶି ଏକ ବିଶିଷ୍ଟ ଆଞ୍ଚଳିକ ପରିଚୟ ଗଢ଼ିଉଠିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଅଞ୍ଚଳର ଶକ୍ତି ଏହାର ବିବିଧତାରେ ନିହିତ, ଯେଉଁଠାରେ ବଙ୍ଗଳା, ଆସାମିଆ ଓ ଆଦିବାସୀ ପରମ୍ପରାର ସମନ୍ୱୟ ଏକତ୍ର ପ୍ରତିଫଳିତ ହୁଏ। "ବରାକ ଉପତ୍ୟକାର ବିବିଧତା ଏହାର ସର୍ବଶ୍ରେଷ୍ଠ ସମ୍ପଦ, ଯାହା ଏଠାର ଲୋକମାନଙ୍କ ମଧ୍ୟରେ ଭାଇଚାରାର ଭାବନାକୁ ଶକ୍ତିଶାଳୀ କରେ," ବୋଲି ସେ କହିଥିଲେ।

ଏହି ଅଞ୍ଚଳର ଉର୍ବର ସମତଳ ଭୂମି ଏବଂ ଚା ବଗିଚା ଦୀର୍ଘ ଦିନ ଧରି ଏହାର ସ୍ଥାନୀୟ ଅର୍ଥନୀତି ଓ ବାଣିଜ୍ୟ ପଥର ମେରୁଦଣ୍ଡ ହୋଇଆସିଛି। ଆଜି ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ ସମଗ୍ର ଉତ୍ତର-ପୂର୍ବ ପାଇଁ ବରାକ ଉପତ୍ୟକାକୁ ଏକ ଲଜିଷ୍ଟିକ୍ସ ହବ୍ ଭାବରେ ଆହୁରି ସଶକ୍ତ କରିବ। ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ, ରେଳ, ସଡ଼କ ଏବଂ ଶିକ୍ଷା କ୍ଷେତ୍ରରେ ଏହି ପଦକ୍ଷେପଗୁଡ଼ିକ ସ୍ଥାନୀୟ ଯୁବପିଢ଼ିଙ୍କ ନିମନ୍ତେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଅଞ୍ଚଳ ଏବେ କେବଳ ରାଜ୍ୟ ନୁହେଁ, ବରଂ ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବର ପଡ଼ୋଶୀ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବା ପାଇଁ ଅବସ୍ଥିତ। "ବରାକ ଉପତ୍ୟକା ଉତ୍ତର-ପୂର୍ବ ପାଇଁ ଏକ ପ୍ରମୁଖ ଲଜିଷ୍ଟିକ୍ସ ଏବଂ ବାଣିଜ୍ୟ କେନ୍ଦ୍ର ହେବାକୁ ଯାଉଛି," ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନର ସରକାର ଏହି ଅଞ୍ଚଳକୁ ଭାରତର ଆକ୍ଟ ଇଷ୍ଟ ପଲିସିର କେନ୍ଦ୍ରସ୍ଥଳ ଭାବରେ ଗଢି ତୋଳିବାକୁ ଯାଉଛନ୍ତି। ବର୍ତ୍ତମାନର ପ୍ରଶାସନ ଏହାର ଶିଳ୍ପ ଗୌରବକୁ ପୁନରୁଦ୍ଧାର କରିବା ପାଇଁ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଆଜି ୨୪,୦୦୦ କୋଟି ଟଙ୍କା ମୂଲ୍ୟର ଶିଲଂ–ସିଲଚର ହାଇସ୍ପିଡ୍ କରିଡରର ଭୂମିପୂଜନ ସମାରୋହ ହେବା ସହ ଏକ ଐତିହାସିକ ମାଇଲଖୁଣ୍ଟ ସୃଷ୍ଟି ହୋଇଛି। ସେ କହିଛନ୍ତି ଯେ, ଏହି ପ୍ରବେଶ ନିୟନ୍ତ୍ରିତ କରିଡର ଉତ୍ତର-ପୂର୍ବ ଅଞ୍ଚଳରେ ଏହି ପ୍ରକାରର ପ୍ରଥମ ଏବଂ ଲୋକଙ୍କ ପାଇଁ ଦଶନ୍ଧି ଧରି ରହିଥିବା ପ୍ରତୀକ୍ଷାର ଅନ୍ତ ଘଟାଇଛି। ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ, ଏହି କରିଡର ସିଲଚରକୁ ମିଜୋରାମ, ମଣିପୁର ଓ ତ୍ରିପୁରା ସହିତ ସଂଯୋଗ କରିବ ଏବଂ ଏଥି ସହିତ ଶେଷରେ ଦକ୍ଷିଣ-ପୂର୍ବ ଏସିଆର ବିଶାଳ ବଜାର ସହିତ ସଂଯୋଗ କରିବ। ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି ଯେ, ଏହି ସଂଯୋଗ ସ୍ଥାନୀୟ ଶିଳ୍ପ, କୃଷି ଓ ପର୍ଯ୍ୟଟନକୁ ଏକ ବିପୁଳ ପ୍ରୋତ୍ସାହନ ପ୍ରଦାନ କରିବ। "ବରାକ ଉପତ୍ୟକା ଏକ ଅତ୍ୟନ୍ତ ଉଜ୍ଜ୍ୱଳ ଭବିଷ୍ୟତ ସହିତ ସଂଯୋଗ ହେବାକୁ ଯାଉଛି,"ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ପଶ୍ଚିମବଙ୍ଗରେ ଦ୍ରୁତ ଗତିରେ ବଢୁଛି ରେଳ ଭିତ୍ତିଭୂମି : ପ୍ରଧାନମନ୍ତ୍ରୀ

**କୋଲକାତା:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୋଲକାତାରେ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ, "ଆଜି କୋଲକାତାର ଏହି ଭୂମିରୁ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତ ପାଇଁ ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଉଛି।"

ପ୍ରଧାନମନ୍ତ୍ରୀ କହିଥିଲେ, ଏହି କାର୍ଯ୍ୟକ୍ରମରେ ରାସ୍ତା, ରେଳ ଓ ବନ୍ଦର ଭିତ୍ତିଭୂମି ସହ ସମ୍ପୃକ୍ତ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରାଯାଇଛି। ସେ କହିଥିଲେ, ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତକୁ ନୂତନ ଗତି ଦେବା ସହ ବାଣିଜ୍ୟ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରି ଜୀବନକୁ ସହଜ କରିବ। ପ୍ରଧାନମନ୍ତ୍ରୀ ଖଡଗପୁର–ମୋରେଗ୍ରାମ ଏକ୍ସପ୍ରେସୱେ ସମାପ୍ତି ଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କହିଥିଲେ। ସେ ଏହାସହ ଦୁବରାଜପୁର ବାଇପାସ୍ ଏବଂ କଂସାବତୀ ନଦୀ ଓ ଶିଳାବତୀ ନଦୀ ଉପରେ ନିର୍ମିତ ପ୍ରମୁଖ ସେତୁଗୁଡ଼ିକ ସଂଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଉଲ୍ଲେଖ କରିଥିଲେ। ଶେଷରେ ସେ ପଶ୍ଚିମବଙ୍ଗ ଓ ପୂର୍ବ ଭାରତର ଲୋକମାନଙ୍କୁ ଏହି ପରିବର୍ତ୍ତନକାରୀ ପ୍ରକଳ୍ପ ପାଇଁ ଅଭିନନ୍ଦନ ଜଣାଇଥିଲେ।

ଭାରତୀୟ ରେଳବାଇକୁ ଆଧୁନିକୀକରଣ କରିବା ପାଇଁ ସାରା ଦେଶରେ ଏକ ଜୋରଦାର ଅଭିଯାନ ଚାଲିଛି ଏବଂ ପଶ୍ଚିମବଙ୍ଗ ଏହି ମିଶନରେ ଯେପରି ପଛରେ ନ ରହେ, ସେଥିପାଇଁ ସରକାରଙ୍କର ଦୃଢ଼ ସଂକଳ୍ପ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ପଶ୍ଚିମବଙ୍ଗରେ ରେଳବାଇ ଭିତ୍ତିଭୂମିକୁ ଦ୍ରୁତ ଗତିରେ ବିସ୍ତାର କରୁଛନ୍ତି। ଏହି ଅବସରରେ, କଲାଇକୁଣ୍ଡା - କାନିମହୁଲି ସେକ୍ସନରେ ସ୍ୱୟଂଚାଳିତ ବ୍ଲକ ସିଗନାଲିଂ ସିଷ୍ଟମକୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି। "ଏହି ପଦକ୍ଷେପଗୁଡ଼ିକ ବ୍ୟସ୍ତବହୁଳ ରେଳ ରୁଟର କ୍ଷମତା ବୃଦ୍ଧି କରିବ, ଯାତ୍ରାକୁ ସୁରକ୍ଷିତ କରିବ ଏବଂ ଯାତ୍ରୀମାନଙ୍କ ପାଇଁ ଗତି ଏବଂ ସୁବିଧା ମଧ୍ୟ ବୃଦ୍ଧି କରିବ"।

ପ୍ରଧାନମନ୍ତ୍ରୀ ଛଅଟି ଷ୍ଟେସନ, କାମାକ୍ଷାଗୁଡ଼ି , ଅନରା, ତାମଲୁକ, ହଲଦିଆ, ବାରଭୂମ ଏବଂ ସିଉରିକୁ ଅମୃତ ଭାରତ ଷ୍ଟେସନ ଭାବରେ ଉଦଘାଟନ କରିବା ସମ୍ପର୍କରେ ଘୋଷଣା କରିଥିଲେ। ବଙ୍ଗଳାର ମହାନ ସଂସ୍କୃତି ଏବେ ଏହି ଷ୍ଟେସନଗୁଡ଼ିକରେ ଆହୁରି ଉଜ୍ଜ୍ୱଳ ଭାବରେ ଝଲସୁଛି ଏବଂ ଆହୁରି ଅନେକ ଷ୍ଟେସନର ପୁନଃବିକଶିତ ହେଉଛି। ପୁରୁଲିଆ ଏବଂ ଆନନ୍ଦ ବିହାର ଟର୍ମିନାଲ ମଧ୍ୟରେ ଏକ ନୂତନ ଏକ୍ସପ୍ରେସ ଟ୍ରେନ ସେବାକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ।। "ଏହି ଟ୍ରେନ ସେବା କେବଳ ପଶ୍ଚିମବଙ୍ଗର ଲୋକଙ୍କୁ ନୁହେଁ ବରଂ ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ ଏବଂ ଦିଲ୍ଲୀର ଲୋକଙ୍କୁ ମଧ୍ୟ ଲାଭ ଦେବ "।

# ଦିଲ୍ଲୀ-ସାହରନପୁର-ଡେରାଡୁନ ଏକ୍ସପ୍ରେସୱେରେ ପରିବେଶ ଅନୁକୂଳ ବୈଶିଷ୍ଟ୍ୟ ଅନୁଧ୍ୟାନ କଲେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ

ଡେରାଡୁନ: ପିଆଇବି ଆନୁକୂଲ୍ୟରେ ଉତ୍ତରାଖଣ୍ଡ ଯାଇଥିବା ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଗସ୍ତର ଶେଷ ପର୍ଯ୍ୟାୟରେ ଦିଲ୍ଲୀ-ସାହରନପୁର-ଡେରାଡୁନ ଏକ୍ସପ୍ରେସ ୱେ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଆଧୁନିକ ରାଜପଥ ଭିତ୍ତିଭୂମି ବିକାଶ ସମୟରେ କିଭଳି ପରିବେଶଗତ ଦୀର୍ଘସ୍ଥାୟିତ୍ୱ ଏବଂ ବନ୍ୟାପ୍ରାଣୀ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ତାହା ଏହି ପ୍ରକଳ୍ପରେ ଦେଖିବାକୁ ମିଳିଛି। ଏହି ପରିଦର୍ଶନ ପରେ ବିକାଶ ଆବଶ୍ୟକତା ଏବଂ ପରିବେଶ ସଂରକ୍ଷଣ ମଧ୍ୟରେ ସନ୍ତୁଳନ ବଜାୟ ରଖାଯାଇ ବୃହତ ଯୋଗାଯୋଗ ପ୍ରକଳ୍ପ କିଭଳି ନିର୍ମାଣ କରାଯାଉଛି ତାହା ବୁଝିବାରେ ଏହି ପ୍ରତିନିଧି ଦଳ ସଫଳ ହୋଇଛି।

ପିଆଇୟୁ ବସନ୍ତ ବିହାରର ପ୍ରକଳ୍ପ ନିର୍ଦ୍ଦେଶକ ସୌରଭ ସିଂହ ପ୍ରତିନିଧିମଣ୍ଡଳୀକୁ ସ୍ୱାଗତ କରିଥିଲେ। ସେ ଏହି ଏକ୍ସପ୍ରେସୱେର ଅଗ୍ରଗତି ଏବଂ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସୂଚନା ଦେଇଥିଲେ। ସେ କହିଥିଲେ, ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଦିଲ୍ଲୀ ଓ ଡେରାଡୁନ ମଧ୍ୟରେ ଯାତ୍ରା ସମୟ ଯଥେଷ୍ଟ ହ୍ରାସ ପାଇବ। ଏହା ସମଗ୍ର ଅଞ୍ଚଳରେ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବ।

ରାଜାଜୀ ଜାତୀୟ ଉଦ୍ୟାନ ନିକଟବର୍ତ୍ତୀ ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ ଦେଇ ଯାଇଥିବା ରାଜପଥର ଅଂଶ ନିର୍ମାଣ ସମୟରେ ବିଶେଷ ଧ୍ୟାନ ଦିଆଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଏଥିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜଙ୍ଗଲ ପରିଦୃଶ୍ୟରେ ପ୍ରାଣୀଙ୍କ ପ୍ରାକୃତିକ ଗତିବିଧିକୁ ସଂରକ୍ଷଣ କରିବା ପାଇଁ ଅଭିନବ ଇଞ୍ଜିନିୟରିଂ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିଦର୍ଶନ ସମୟରେ, ରାଜାଜୀ ଜାତୀୟ ବନଖଣ୍ଡର ସହାୟକ ବନ ସଂରକ୍ଷକ ଅଜୟ ଲିଙ୍ଗୱାଲ, ଏନଏଚଏଆଇର ସାଇଟ୍ ଇଞ୍ଜିନିୟର ସୁମିତ ସିଂହଙ୍କ ସହିତ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଥିଲେ। ସେମାନେ ଏହି ପ୍ରକଳ୍ପର ବନ୍ୟପ୍ରାଣୀ ସଂରକ୍ଷଣ ପଦକ୍ଷେପ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏଥିରେ ସ୍ୱତନ୍ତ୍ର ବନ୍ୟପ୍ରାଣୀ ଅଣ୍ଡରପାସ୍, ଇକୋ-ବ୍ରିଜ୍ ଏବଂ ପ୍ରାକୃତିକ କରିଡର ନିର୍ମାଣ କରାଯାଇଛି। ଏହାଦ୍ୱାରା ପ୍ରାଣୀମାନଙ୍କର ବାସସ୍ଥଳୀ କ୍ଷତିଗ୍ରସ୍ତ ହେବ ନାହିଁ ଏବଂ ସେମାନେ ସୁରକ୍ଷିତ ଭାବରେ ରାଜପଥ ପାର କରିପାରିବେ।

ବିସ୍ତୃତ ପରିବେଶଗତ ଅଧ୍ୟୟନ ପରେ ଏପରି ବୈଶିଷ୍ଟ୍ୟଗୁଡ଼ିକ ଡିଜାଇନ୍ କରାଯାଇଛି ଏବଂ ଏଗୁଡ଼ିକ ବନାଞ୍ଚଳରେ ଭିତ୍ତିଭୂମି ବିକାଶର ଏକ ପ୍ରମୁଖ ଉପାଦାନ ହୋଇପାରିଛି ବୋଲି ପ୍ରତିନିଧିମଣ୍ଡଳୀକୁ ଅବଗତ କରାଯାଇଥିଲା। ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ପରିବେଶର ଦୀର୍ଘସ୍ଥାୟିତ୍ୱ ବଜାୟ ରଖିବା ସହିତ ବନ୍ୟପ୍ରାଣୀଙ୍କ ସହ ଜଡିତ ସଡ଼କ ଦୁର୍ଘଟଣାକୁ ରୋକିବାରେ ସହାୟକ ହେବ।

ପ୍ରକଳ୍ପର ଏଭଳି ସୁଚିନ୍ତିତ ଯୋଜନା ପ୍ରସ୍ତୁତିକୁ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ପ୍ରଶଂସା କରି କହିଥିଲେ, ଏହି ଏକ୍ସପ୍ରେସ୍ ୱେ ଦୀର୍ଘସ୍ଥାୟୀ ଯୋଗାଯୋଗ ଲାଗି ପ୍ରଗତିଶୀଳ ଆଭିମୁଖ୍ୟକୁ ପ୍ରତିନିଧିତ୍ୱ କରୁଛି। ଏହା ପରିବେଶ ସୁରକ୍ଷା ସହିତ ଭିତ୍ତିଭୂମି ବିକାଶ ମଧ୍ୟରେ ସନ୍ତୁଳନ ପ୍ରତିଷ୍ଠା କରୁଛି।

ଭାରତରେ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ସମୟରେ ସଂଯୋଗୀକରଣକୁ ଉନ୍ନତ କରିବା ସହିତ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ କିପରି ଅଭିନବ ଓ ଦାୟିତ୍ୱପୂର୍ଣ୍ଣ ପଦ୍ଧତି ଗ୍ରହଣ କରାଯାଉଛି ସେ ସମ୍ପର୍କରେ ପ୍ରତିନିଧି ଦଳ ଏହି ଗସ୍ତ ସମୟରେ ଜ୍ଞାନ ଆହରଣ କରିପାରିଛନ୍ତି। ଓଡ଼ିଶାର ଏହି ପ୍ରତିନିଧି ଦଳରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ନଅ ଜଣ ବରିଷ୍ଠ ସାମ୍ବାଦିକ ଏବଂ ସମ୍ପାଦକ ସାମିଲ ରହିଛନ୍ତି ।



## ଇରାନର ମିଜାଇଲ ଲହର, ୟୁଏଇରେ ବ୍ୟାପକ କ୍ଷୟକ୍ଷତି

**ତେହେରାନ:** ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଆଞ୍ଚଳିକ ବିରୋଧୀଙ୍କ ବିପକ୍ଷରେ ଜାରି ଆକ୍ରମଣର ଅଂଶ ସ୍ୱରୂପ ଇରାନ ଶନିବାର ମିଜାଇଲ ଆକ୍ରମଣର ଏକ ନୂଆ ଲହର ଆରମ୍ଭ କରିଛି। ଇରାନ ସରକାରୀ ଗଣମାଧ୍ୟମ ପ୍ରେସ୍ ଟିଭି ଏହି ସୂଚନା ଦେଇଛି। ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଇରାନ ସେନାର ଜନୈକ ମୁଖପାତ୍ରଙ୍କ ଚେତାବନୀର କିଛି ସମୟ ପରେ ଆରମ୍ଭ ହୋଇଛି। ମୁଖପାତ୍ର କହିଛନ୍ତି ଯେ ଖାରଗ ଦ୍ୱୀପ ଉପରେ ନିକଟରେ ହୋଇଥିବା ଆମେରିକା ଆକ୍ରମଣ ପରେ ତେହେରାନ ୟୁଏଇର ବନ୍ଦର ଓ ଡକ୍‌କୁ ଟାର୍ଗେଟ କରିପାରେ। ଇରାନ ସେନାର ଏହି ଚେତାବନୀ ଶୁକ୍ରବାର ଖାରଗ ଦ୍ୱୀପରେ ଥିବା ସୈନ୍ୟ ଘାଟି ଉପରେ ଆମେରିକାର ମିଜାଇଲ ଆକ୍ରମଣ ପରେ ଆସିଛି। ଏଥିରେ ଶନିବାରର ଚେତାବନୀ ବିଶେଷ କରି ୟୁଏଇ ନିମନ୍ତେ ଦିଆଯାଇଛି। ଏଣୁ ନାଗରିକଙ୍କୁ ବନ୍ଦର ଓ ଡକ୍ ରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି। ଆଇଆରଜିସି ର କେନ୍ଦ୍ରୀୟ ମୁଖ୍ୟାଳୟ ମୁଖପାତ୍ର ଇବ୍ରାହୀମ ଜୋଲଫାଗରୀ କହିଛନ୍ତି ଯେ ଆମେ ୟୁଏଇ ନେତୃତ୍ୱଙ୍କୁ ଚେତାବନୀ ଦେଉଛୁ ଯେ ଇସ୍ଲାମିକ ରିପବ୍ଲିକ ଇରାନ ନିଜର ଜାତୀୟ ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତା ରକ୍ଷାରେ ଆମେରିକୀୟ ମିଜାଇଲ ଲଞ୍ଚର ମୂଳ ସ୍ଥାନକୁ ଆକ୍ରମଣ କରିବା ଆମେ ଆମର ମୌଳିକ ଅଧିକାର ମାନୁଛୁ। ଏହା ସେହି ସ୍ଥାନ ଯାହା ଏମିରେଟ ସହର ଆଲ୍ଟୁଆଲରେ ଆମେରିକା ସେନା ବ୍ୟବହାର କରୁଥିବା ବନ୍ଦର ଓ ଡକ। ଏଣୁ ଆମର ଆକ୍ରମଣ ସେହିସବୁ ସ୍ଥାନରେ ହେବ। ଇରାନର କହିବା କଥା ହେଉଛି ଗଲଫ କ୍ଷେତ୍ରରେ ତାର ଆକ୍ରମଣ ଆମେରିକା ସାମରିକ ଘାଟିକୁ ଲକ୍ଷ୍ୟ କରି କରାଯାଉଛି। ତେବେ ଖବରରୁ ମିଳୁଥିବା ସୂଚନାରେ ଏହି ପୁରା ଅଞ୍ଚଳରେ ହୋଟେଲ, ସାଧାରଣ ନାଗରିକଙ୍କ ଉଚ୍ଚ ଅଟ୍ଟାଳିକା ଓ ତୈଳ ସମ୍ପର୍କିତ ଭିତ୍ତିଭୂମି ମଧ୍ୟ ଇରାନର ଏହି ଆକ୍ରମଣରେ ପ୍ରଭାବିତ ହୋଇଛି।

# କୋଲକାତାରେ ଟିଏମସି-ବିଜେପି କର୍ମୀ ମୁହାଁମୁହିଁ



କୋଲକାତା: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଅପରାହ୍ଣରେ ପଶ୍ଚିମବଙ୍ଗ ଗସ୍ତରେ ଯାଇ କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ବିଜେପିର ପରିବର୍ତ୍ତନ ଯାତ୍ରା ରାଲିକୁ ସମ୍ବୋଧିତ କରିଥିଲେ। ଏହାପୂର୍ବରୁ ପରେଡ ଗ୍ରାଉଣ୍ଡଠାରୁ ୩ କିମି ଦୂର ଗିରିଶ ପାର୍କଠାରେ ତୃଣମୂଳ କଂଗ୍ରେସ ଓ ବିଜେପି କର୍ମୀ ମୁହାଁମୁହିଁ ହୋଇଥିଲେ।

ଏହି ଘଟଣାରେ ଦୁଇ ପକ୍ଷର ୩୦ରୁ ଅଧିକ କର୍ମୀ ଆହତ ହୋଇଛନ୍ତି। ବିଜେପି ସମର୍ଥକମାନେ କହିଛନ୍ତି ଯେ, ସେମାନେ ମୋଦୀଙ୍କ ସମର୍ଥନରେ ସ୍ଲୋଗାନ ଦେଇ ରାଲି ହେଉଥିବା ସ୍ଥାନକୁ ଯାଉଥିବା ସମୟରେ ହଠାତ୍ ସେମାନଙ୍କ ଉପରକୁ ପଥର ମାଡ଼ ହୋଇଥିଲା। ଏପରିକି ସେମାନଙ୍କୁ ଗାଳିଗୁଲଜ କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଦୁଇ ଦଳର କର୍ମୀ ପରସ୍ପର ଉପରକୁ ପଥର ମାଡ଼ କରିବା ସହିତ ନାରାବାଜି କରୁଥିଲେ। ଦୁଇ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷରେ ଅନେକ ଗାଡ଼ି ନଷ୍ଟ ହୋଇଛି। ସ୍ଥାନୀୟ ଟିଏମ୍ସି କର୍ମୀ ବିଜେପିର ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ବିଜେପି ସମର୍ଥକ ପ୍ରଥମେ ସେମାନଙ୍କ ଉପରକୁ ପଥରମାଡ଼ କରିବା ସହିତ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଟିଏମ୍ସି ନେତାଙ୍କ ଘର ଉପରକୁ ମଧ୍ୟ ପଥର ମାଡ଼ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଏକ ବଡ଼ ଦଳ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିର ରାଜ୍ୟବ୍ୟାପୀ 'ପରିବର୍ତ୍ତନ ଯାତ୍ରା'ର ସମାପନ କାର୍ଯ୍ୟକ୍ରମକୁ ମୋଦୀ ସମ୍ବୋଧିତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୮,୦୦୦ କୋଟି ଟଙ୍କାର ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

## କ୍ୟାଫେଟୋରିଆ ବନ୍ଦ କରୁଛନ୍ତି ଆଇଟି କମ୍ପାନୀ

**ନୂଆଦିଲ୍ଲୀ:** ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ ଓ ପ୍ରାକୃତିକ ଗ୍ୟାସ୍ ପରିବହନ ବାଧାପ୍ରାପ୍ତ ହେବା ପରେ ଭାରତରେ ଏବେ ରୋଷେଇରେ ବ୍ୟବହୃତ ଏଲ୍ପିଜି ସିଲିଣ୍ଡର୍ର ଘୋର ଅଭାବ ଦେଖାଯାଇଛି। ଏହା ଦେଶରେ ହୋଟେଲ ଶିଳ୍ପ ଉପରେ ଗୁରୁତର ପ୍ରଭାବ ପକାଇବା ସହିତ ରାସ୍ତାକଡ଼ ଜଳଖିଆ ଦୋକାନ ଓ ରେଷ୍ଟୋରାଁଗୁଡ଼ିକରେ ଖାଦ୍ୟକୁ ମହଙ୍ଗା କରିଛି। କେବଳ ସେତିକି ନୁହେଁ, ବିଭିନ୍ନ କାର୍ଯ୍ୟାଳୟରେ ଥିବା କ୍ୟାଫେଟୋରିଆ ବା ଫୁଡ୍ କୋଟ୍ ଓ କ୍ୟାଣ୍ଟିନ୍ଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଛି। ଦେଶର କେତେକ ଅଗ୍ରଣୀ ସୂଚନାପ୍ରଯୁକ୍ତି କଂପାନି ସେମାନଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏଭଳି ଖାଦ୍ୟ ୟୁନିଟ୍ ଗୁଡ଼ିକୁ ସାମୟିକ ଭାବେ ବନ୍ଦ କରିଦେବା ନେଇ କର୍ମଚାରୀମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଏହି ସବୁ କଂପାନିଗୁଡ଼ିକ ମଧ୍ୟରେ ରହିଛନ୍ତି ଅଗ୍ରଣୀ ଆଇଟି କଂପାନି ଇନ୍ଫୋସିସ୍, ଏଚ୍ସିଏଲ୍, କଗ୍ନିଜାଣ୍ଟ ଭଳି ସଂସ୍ଥା। ଏମାନଙ୍କର ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ ଓ ପୁଣେ ଭଳି ସହରରେ ବଡ଼ ବଡ଼ କ୍ୟାମ୍ପସ୍ ରହିଛି। ପ୍ରତି କ୍ୟାମ୍ପସରେ କର୍ମଚାରୀମାନଙ୍କ ସୁବିଧା ପାଇଁ ଏକାଧିକ କ୍ୟାଫଟୋରିଆ ରହିଥାଏ। ଏଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତି ପାଇଁ ଏଲ୍ପିଜି ସିଲିଣ୍ଡର୍ ବ୍ୟବହୃତ ହୋଇଥାଏ। କିନ୍ତୁ ଏବେକାର ରନ୍ଧନ ଗ୍ୟାସ୍ ସଂକଟ କାଳରେ କଂପାନିଗୁଡ଼ିକ କ୍ୟାଫେଟୋରିଆ ଚଳାଇ କ୍ଷତି ସହିବାକୁ ଚାହୁନାହାନ୍ତି। ତେଣୁ କିଛି ଦିନ ପାଇଁ କ୍ୟାଫେଟୋରିଆ ବନ୍ଦ ରଖିବା ସହ ଖାଦ୍ୟ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ କର୍ମଚାରୀମାନଙ୍କୁ ପ୍ରବର୍ତ୍ତାଉଛନ୍ତି। ଇନ୍ଫୋସିସ୍ ଏହାର କ୍ୟାଫେଟୋରିଆ ବନ୍ଦ କରାଯାଇଥିବା ନେଇ କର୍ମଚାରୀଙ୍କୁ ନୋଟିସ୍ ପଠାଇଥିବା ଜଣାପଡ଼ିଛି।

## ଉଦ୍‌ବେଗ ପ୍ରକାଶ କଲେ ଏନଏଚଆରସି; ନିଖୋଜ ବ୍ୟକ୍ତିଙ୍କୁ ନେଇ ୫ ରାଜ୍ୟକୁ ନୋଟିସ୍

**ନୂଆଦିଲ୍ଲୀ:** ଜାତୀୟ ମାନବାଧିକାର କମିସନ (ଏନଏଚଆରସି), ଏକ ଗଣମାଧ୍ୟମ ରିପୋର୍ଟକୁ ସ୍ୱତଃପ୍ରବୃତ୍ତ ଭାବେ ଗ୍ରହଣ କରି ଏଥିରେ ଦର୍ଶାଯାଇଛି ଯେ, ବିହାରରେ ୨୦୧୩ ମସିହାରୁ ପ୍ରତିବର୍ଷ ପଞ୍ଜିକୃତ ହେଉଥିବା ୧୨,୦୦୦ ରୁ ୧୪,୦୦୦ ନିଖୋଜ ମାମଲା ମଧ୍ୟରୁ ଅନେକ ଶିଶୁ ଅଛନ୍ତି। ନିଖୋଜ ଶିଶୁଙ୍କ ମଧ୍ୟରୁ ମାତ୍ର ଦୁଇ-ତୃତୀୟାଂଶ ଶିଶୁଙ୍କୁ ଉଦ୍ଧାର କରାଯାଇଛି।

ରିପୋର୍ଟ ଅନୁଯାୟୀ, ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ସୂଚାଉଛି ଯେ ଓଡ଼ିଶା, ବିହାର, ତେଲେଙ୍ଗାନା ଏବଂ ମହାରାଷ୍ଟ୍ରରେ ସର୍ବାଧିକ ମାନବ ଚାଲାଣ ମାମଲା ପଞ୍ଜିକୃତ ହୋଇଛି। ନାବାଳକ ପୁଅ ଚାଲାଣ କ୍ଷେତ୍ରରେ ଓଡ଼ିଶା ତାଲିକାର ଶୀର୍ଷରେ ଥିବାବେଳେ ଏହା ପଛକୁ ବିହାର ରହିଛି। ସେହିପରି ନାବାଳିକା ଝିଅ ଚାଲାଣ କ୍ଷେତ୍ରରେ ରାଜସ୍ଥାନରେ ସର୍ବାଧିକ ମାମଲା ପଞ୍ଜିକୃତ ହୋଇଛି। ୯ ମାର୍ଚ୍ଚ ୨୦୨୬ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଶିଶୁମାନଙ୍କୁ ଭିକ୍ଷାବୃତ୍ତି, ଶିଶୁ ଶ୍ରମିକ, ବେଶ୍ୟାବୃତ୍ତି ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ସନ୍ଦେହ କରାଯାଉଛି।

କମିସନ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, ଯଦି ସମ୍ପୃକ୍ତ ସମ୍ବାଦର ବିଷୟବସ୍ତୁ ସତ୍ୟ ହୁଏ, ତେବେ ଏହା ପୀଡ଼ିତମାନଙ୍କ ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ରାଜ୍ୟଗୁଡିକ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଥିଲେ ସୁଦ୍ଧା ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି ଏବଂ ସେମାନଙ୍କ ମଧ୍ୟରୁ ମାତ୍ର କିଛି ଲୋକଙ୍କୁ ଠାବ କରାଯାଉଛି ବୋଲି ପ୍ରକାଶିତ ଚିନ୍ତାଜନକ ବିଷୟକୁ ମଧ୍ୟ କମିସନ ଗ୍ରହଣ କରିଛନ୍ତି। ତେଣୁ, ବିହାର, ଓଡ଼ିଶା, ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ରାଜସ୍ଥାନର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକମାନଙ୍କୁ ନୋଟିସ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଏହି ବିଷୟରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି କମିସନ। ବଢ଼ି ପାଉଥିବା ନିଖୋଜ ବ୍ୟକ୍ତି, ବିଶେଷ କରି ଶିଶୁମାନଙ୍କ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା କିମ୍ବା ପ୍ରସ୍ତାବିତ ପଦକ୍ଷେପଗୁଡ଼ିକୁ ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଆଶା କରାଯାଉଛି। ଏଥିସହ, କମିଶନ ଏହି ରାଜ୍ୟଗୁଡିକରେ ନିଖୋଜ ବ୍ୟକ୍ତିଙ୍କ ସ୍ଥିତି ସମ୍ପର୍କରେ ଏନସିଆରବିରୁ ଦୁଇ ସପ୍ତାହ ମଧ୍ୟରେ ସଦ୍ୟତମ ପରିସଂଖ୍ୟାନ ତଥ୍ୟ ଲୋଡ଼ିଛନ୍ତି।




# ତେହେରାନ ତରଳ ସୁନାର ରସାୟନ ବିଜ୍ଞାନ

**ନୂଆଦିଲ୍ଲୀ:** ଇରାନ ତୈଳର କ୍ୱାଲିଟି ଏତେ ଅନନ୍ୟ ଯେ ରିଫାଇନାରୀଙ୍କ ଲାଗି ଏହାକୁ ଛାଡିବା ବୈଷୟିକ ଓ ଆର୍ଥିକ ଆତ୍ମହତ୍ୟା ଭଳି ହୋଇପାରେ। ଯେତେବେଳେ ବି ଆପଣ ଆପଣଙ୍କ କାରରେ ପେଟ୍ରୋଲ ପକାନ୍ତି କି କୌଣସି ବିମାନରେ ଯାତ୍ରା କରନ୍ତି ଏହି ଯାତ୍ରା ପଛରେ ରିଫାଇନାରୀ ଇଞ୍ଜିନିୟରଙ୍କ ପରିଶ୍ରମ ଓ ଗଣିତ ଲୁଚି ରହିଥାଏ। ଦୀର୍ଘ ଦଶନ୍ଧୀ ହେଲା ବିଶ୍ୱର ଇଞ୍ଜିନିୟର ହୁଅନ୍ତୁ ଅଥବା ବିରୋଧୀ ଦେଶ କିମ୍ବା କଡ଼ା କଟକଣା ସମୟ ସମସ୍ତେ ଇରାନ ତୈଳକୁ ବାଛି ଆସିଛନ୍ତି। ଏଣୁ ଏଥିରେ ପ୍ରଶ୍ନ ଉଠିବା ସ୍ୱଭାବିକ ଏହି ତୈଳରେ ରହିଛି କ'ଣ? ଏହାର କାରଣ ରାଜନୀତିରେ ନୁହେଁ ରହିଛି ରସାୟନ ବିଜ୍ଞାନରେ।

କଣ ଏହି ରହସ୍ୟ?

ଅଶୋଧିତ ତୈଳ ସାମାନ୍ୟ ତରଳ ନୁହେଁ, ବରଂ ଏହା ହଜାର ହଜାର ହାଇଡ୍ରୋ କାର୍ବନ ଅଣୁଙ୍କ ମିଶ୍ରଣ। ଏଥିରେ କାର୍ବନ ଓ ହାଇଡ୍ରୋଜନ ପରମାଣୁର ଶୃଙ୍ଖଳା ରହିଥାଏ। ଏଥିରେ ଛୋଟ ଶୃଙ୍ଖଳା ହାଲୁକା ହୋଇଥାଏ ଓ ଏଥିରୁ ମହଙ୍ଗା ପେଟ୍ରୋଲ ଜେଟ୍ ଫୁଏଲ ତିଆରି ହୋଇଥାଏ। ଏଥିରେ ଦୀର୍ଘ ଓ ଭାରି ଶୃଙ୍ଖଳାରୁ ଶସ୍ତା ପିଚୁ ଭଳି ଉତ୍ପାଦ ମିଳିଥାଏ। ଇରାନର ଅଶୋଧିତ ତୈଳ ରସାୟନିକ ରୂପେ ଏକ ଏପରି 'ସ୍ୱିଟ ସ୍ପଟ'ରେ ରହିଛି ଯାହାକୁ ବଦଳାଇବା ବିଶ୍ୱ ର ବଡ଼ରୁ ବଡ଼ ରିଫାଇନାରୀଙ୍କ ପାଇଁ ଦୁଃସ୍ୱପ୍ନ ପ୍ରମାଣିତ ହୋଇପାରେ।

କୌଣସି ତୈଳର କ୍ୱାଲିଟିକୁ ଦୁଇଟି ଉପାୟରେ ମପାଯାଇଥାଏ। ଏଥିରେ ଘନତ୍ୱ ବା ଏପିଆଇ ଓ ଏଥିରେ ଥିବା ସଲଫରର ମାତ୍ରା। ଏଥିରେ ଉପଯୁକ୍ତ ଘନତ୍ୱ ହିଁ ସବୁଠୁ ବଡ଼ କଥା।



ପାଣିର ଘନତ୍ୱ ବା ଏପିଆଇ ୧୦ ଥାଏ। ଏଥିରେ ଇରାନୀ ଲାଇଟ କ୍ରୁଡର ଏପିଆଇ ଗ୍ରାଭିଟି ୩୩ରୁ ୩୬ ମଧ୍ୟରେ ରହିଥାଏ। ଏହା ଅଶୋଧିତ ତୈଳକୁ 'ମିଡିୟମ' ଓ 'ଲାଇଟ୍' ସୀମାରେ ରଖିଥାଏ, ଯାହା ସାରା ବିଶ୍ୱର ରିଫାଇନାରୀଙ୍କ ଲାଗି ଏକ ପସନ୍ଦର ଶ୍ରେଣୀ।

ଇରାନ ତୈଳରେ ସଲଫରର ମାତ୍ରା ମାତ୍ର ୧.୩୬ରୁ ୧.୫% ମଧ୍ୟରେ ଥାଏ। ସଲଫର ହଟାଇବା ପ୍ରକ୍ରିୟା (ହାଇଡ୍ରୋଡିସଲଫରାଇଜେସନ) ୪୫୦ ଡିଗ୍ରି ତାପମାତ୍ରା ଓ ଭାରି ଚାପ ମଧ୍ୟରେ ହୋଇଥାଏ। ଇରାନୀ ତୈଳରେ ସଲଫରର ମାତ୍ରା ଏତେ ସନ୍ତୁଳିତ ଯେ ଏହାକୁ ସଫା କରିବା ପାଇଁ ଏସିଆର ମଧ୍ୟମ ସ୍ତରର ରିଫାଇନାରୀଙ୍କୁ ମୋଟା ନିବେଶ ଆବଶ୍ୟକତା ପଡେନି।

ଇରାନୀ ଲାଇଟ୍ କ୍ରୁଡର ସବୁଠୁ ବଡ଼ ଶକ୍ତି ଏହାର 'ଡିଷ୍ଟିଲେସନ ୟିଲ୍ଡ'। ଏହି ତୈଳର ଏକ ବ୍ୟାରେଲର ୨୦% ହାଲୁକା ଅଂଶରୁ ପେଟ୍ରୋଲ ଆଦି ଉତ୍ପାଦିତ ହୋଇ ପାରୁଥିବା ବେଳେ ୫୦%ରୁ ଡିଜେଲ, ଜେଟ୍ ଫୁଏଲ ଭଳି ତାପଜ ଅଏଲ ଉତ୍ପାଦିତ ହୁଏ। ଏହାର ଅର୍ଥ ହେଉଛି ୧ ବ୍ୟାରେଲ ଇରାନୀ ତୈଳର ୭୦% ସିଧା ପ୍ରିମିୟମ ଇନ୍ଧନରେ ବଦଳି ପାରୁଛି। ରିଫାଇନାରୀ ଇଞ୍ଜିନିୟରଙ୍କ ଲାଗି ଏହି କନଭର୍ସନ ହାର ସବୁଠୁ ଲାଭଜନକ ହୋଇଥାଏ। ଯଦି ଏହି ତୈଳ ସପ୍ଲାଇ ବନ୍ଦ ହୁଏ ରିଫାଇନାରୀଙ୍କ କାର୍ଯ୍ୟକ୍ଷମତା ଓ ଲାଭ ଉଭୟ ହ୍ରାସ ହେବ।

ପ୍ରାୟତଃ ପ୍ରଶ୍ନ ଉଠିଥାଏ ଚୀନ୍ ଓ ଭାରତ ଭଳି ଦେଶ ଆମେରିକାର ସେଲ ଅଏଲ ଅଥବା ଭେନେଜୁଏଲାର ତୈଳକୁ କାହିଁକି ସିଫ୍ଟ ହେଉ ନାହାନ୍ତି? ଏହାର ଜବାବ ମଧ୍ୟ ରସାୟନ ବିଜ୍ଞାନରେ ରହିଛି। ଆମେରିକୀୟ ତୈଳ ବହୁତ ହାଲୁକା ଏହାର ଏପିଆଇ ୩୯ ଉପରେ ଥାଏ। ଏହା ଶୁଣିବାକୁ ଭଲ ଲାଗୁଥାଇପାରେ ହେଲେ ଏଥିରୁ ବହୁତ ଅଧିକ 'ନାପଥା' ଉତ୍ପାଦିତ ହୋଇଥାଏ ଓ ଏଥିରୁ ଡିଜେଲ ଏବଂ ଜେଟ୍ ଫୁଏଲ କମ ମିଳିଥାଏ। ମିଡିୟମ ଗ୍ରେଡ ଲାଗି ନିର୍ମିତ ରିଫାଇନାରୀ ଏହାକୁ ସୋଧନ କରି ନିଜର କୁଶଳତା ହରାଇଥାନ୍ତି। ସେହିପରି ଭେନେଜୁଏଲା ତୈଳ ବହୁତ ଭାରି। ଏହାର ଏପିଆଇ ୮ରୁ ୧୦ ମଧ୍ୟରେ। ଏହା ପାଇପରେ ସହଜରେ ବହେ ନାହିଁ। ଏହାକୁ ରିଫାଇନ କରିବା ପାଇଁ କୋକର ଓ ହାଇଡ୍ରୋ କ୍ରାକର ୟୁନିଟ୍ ଆବଶ୍ୟକ ପଡିଥାଏ। ଏହା ବେଶ୍ ବ୍ୟୟ ବହୁଳ। ଏଥି ପାଇଁ ଇରାନୀ ତୈଳର ଚାହିଦା ବିଶ୍ୱରେ ସର୍ବାଧିକ।

# ପଞ୍ଚମ ଶ୍ରେଣୀ ପାଠ୍ୟକ୍ରମରେ ଭାରତୀୟ ମହିଳା କ୍ରିକେଟରଙ୍କ କାହାଣୀ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳ ଗତ କିଛି ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ୨୦୨୫ରେ ଭାରତୀୟ ମହିଳା ଦଳ ଆଇସିସି ଦିନିକିଆ ବିଶ୍ୱକପ ଜିତିଥିଲା । ସେମାନେ ଏହାର ଫଳ ପାଇବା ପରି ମନେ ହେଉଛି । ଭାରତୀୟ ମହିଳା ଦଳର ତାରକା ବ୍ୟାଟର ସ୍ମୃତି ମନ୍ଧାନାଙ୍କ ଉପରେ ଏକ ଅଧ୍ୟାୟ ପଞ୍ଚମଶ୍ରେଣୀ ପାଠ୍ୟ ପୁସ୍ତକରେ ସାମିଲ କରାଯାଇଛି । ସ୍କୁଲ ଛାତ୍ରଛାତ୍ରୀ ଏବେ ଭାରତୀୟ ମହିଳା କ୍ରିକେଟରଙ୍କ ସଫଳତା ବିଷୟରେ ସଫଳତା ବିଷୟରେ ପଢ଼ିବେ । ଏକ ରିପୋର୍ଟ ଅନୁଯାୟୀ ଓରିଏଣ୍ଟ ବ୍ଲାକ ସ୍ୱାନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ବିଜ୍ଞାନ, ସାମାଜିକ ଅଧ୍ୟୟନ ଏବଂ ସାଧାରଣ ଜ୍ଞାନ ଅନ୍ତର୍ଭୁକ୍ତ ।




ସ୍ମୃତି ମନ୍ଧାନାଙ୍କୁ ଭାରତର ସବୁଠୁ ପ୍ରତିଭାବାନ ମହିଳା କ୍ରିକେଟର ବୋଲି ବିବେଚନା କରାଯାଏ । ଗତବର୍ଷ ବିଶ୍ୱକପ ଜିତି ଇତିହାସ ରଚିଥିବା ଭାରତୀୟ ମହିଳା ଦଳର ଅଂଶଥିଲେ । ବାମହାତୀ ବ୍ୟାଟର ବିଶ୍ୱକପରେ ୯ଟି ଇନିଂସରୁ ୪୩୪ ରନ କରିଥିଲେ ।

ସ୍ମୃତି ମନ୍ଧାନାଙ୍କ ଉପରେ ପଞ୍ଚମ ଶ୍ରେଣୀ ପାଠ୍ୟପୁସ୍ତକରେ ପଞ୍ଚମ ଶ୍ରେଣୀ ଅଧ୍ୟାୟରେ ଜଣେ ଝିଅର କାହାଣୀ ବର୍ଣ୍ଣନା କରାଯାଇଛି । ଯିଏ ତାଙ୍କ ବାପା ମାଙ୍କ ଠାରୁ ଭାରତୀୟ ମହିଳା ଦଳର ଓପନରଙ୍କ ଐତିହ୍ୟ ବିଷୟରେ ଶିଖୁଛି । ଏହି ଅଧ୍ୟାୟରେ ବାମହାତୀ ବ୍ୟାଟରଙ୍କୁ ଅନ୍ତର୍ଜାତୀୟ କ୍ରିକେଟରେ ସଫଳତା, ମହିଳା ବିଗ ବାସ ଲିଗ ସହିତ ତାଙ୍କର ସମ୍ପୃକ୍ତି ଏବଂ ତାଙ୍କ ପାରିବାରିକ ପୃଷ୍ଠଭୂମି ବିଷୟରେ ଉଲ୍ଲେଖ କରାଯାଇଛି । ଏହି ଅଧ୍ୟାୟରେ ଭାରତୀୟ ମହିଳା ଦଳର ଅଧିନାୟକ ହରମନପ୍ରୀତ କୌର, ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ଏବଂ ଶ୍ରୀଲଙ୍କା ୱିକେଟକିପର କୁମାର ସାଙ୍ଗାକାରାଙ୍କ ଭଳି ଅନ୍ୟ କ୍ରିକେଟ କିମ୍ବଦନ୍ତୀଙ୍କ ବିଷୟରେ ଉଲ୍ଲେଖ କରାଯାଇଛି । ଏହାକୁ ଭାରତୀୟ କ୍ରିକେଟ ମହିଳା ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଏ ।

ସ୍ମୃତି ମନ୍ଧାନା ମୋଟ ୮ଟି ଟେଷ୍ଟ, ୧୨୦ଟି ଦିନିକିଆ ଏବଂ ୧୭୦ଟି ଟି-୨୦ ଖେଳିଛନ୍ତି । ଏହି ବାମହାତୀ ବ୍ୟାଟର ଟେଷ୍ଟରେ ୬୩୫ ରନ କରିଛନ୍ତି । ଏଥିରେ ଦୁଇଟି ଶତକ ରହିଛି । ଦିନିକିଆ କ୍ରିକେଟରେ ସ୍ମୃତି ୪୭.୮୮ ହାରରେ ୫,୪୧୧ ରନ କରିଛନ୍ତି । ୧୪ଟି ଶତକ ଓ ୩୫ଟି ଅର୍ଦ୍ଧଶତକ ରହିଛି । ଟି-୨୦ରେ ମନ୍ଧାନା ୪,୨୩୧ ରନ୍ କରିଛନ୍ତି । ଏଥିରେ ଗୋଟିଏ ଶତକ ଓ ୩୩ଟି ଅର୍ଦ୍ଧଶତକ ରହିଛି ।

# ଯୁବରାଜଙ୍କ ଶରଣରେ ପନ୍ତ

ମୁମ୍ବାଇ,୧୪।୩(ଏଜେନ୍ସି): ଆଇପିଏଲ ୧୯ତମ ସଂସ୍କରଣ ଚଳିତ ମାସ ଶେଷ ସପ୍ତାହରେ ଆରମ୍ଭ ହେବ । ଏହା ପୂର୍ବରୁ ନିଜର ଫର୍ମ ଫେରିବାକୁ ଲକ୍ଷ୍ୟ ରଖିଛନ୍ତି ତାରକା ୱିକେଟକିପର ବ୍ୟାଟର ରିଷଭ ପନ୍ତ । ଏଥିପାଇଁ ସେ ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଖେଳାଳି ଯୁବରାଜ ସିଂଙ୍କ ଶରଣାପନ୍ନ ହୋଇଛନ୍ତି । ଗତ ସପ୍ତାହରେ ମୁମ୍ବାଇର ବ୍ରାବୋନ ଷ୍ଟାଡିୟମରେ ପନ୍ତ ଓ ଯୁବରାଜଙ୍କୁ ଏକାଠି ଦେଖିବାକୁ ମିଳିଥିଲା । ୨୮ ବର୍ଷୀୟ ପନ୍ତଙ୍କ ପାଇଁ ଗତ ଆଇପିଏଲ ସିଜନ ଏତେ ଭଲ ନଥିଲା । ୨୦୨୪ ଅଗଷ୍ଟ ପରଠାରୁ ସେ ଭାରତ ପାଇଁ ଧଳାବଲ କ୍ରିକେଟ ଖେଳିନାହାନ୍ତି । ତେଣୁ ଯୁବରାଜଙ୍କ ସହ ଅଭ୍ୟାସ ଜରିଆରେ ସେ ନିଜର ହ୍ୱାଇଟବଲ କ୍ୟାରିୟରକୁ ପୁଣି ଟ୍ରାକକୁ ଆଣିବାକୁ ଚେଷ୍ଟା କରୁଛନ୍ତି । ଦୁହେଁ ୪ ଦିନ ବ୍ୟାଟିଂ ସେସନ କରିବା ସହ ବିଭିନ୍ନ ଧଳାବଲରେ ଅଭ୍ୟାସ କରିଥିଲେ । ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି । ଯୁବରାଜ ସିଂ ସଫଳ ମେଣ୍ଟର ଭାବେ ଜଣାଶୁଣା । ଅଭିଶେକ ଶର୍ମା ଓ ଶୁଭମନ ଗିଲଙ୍କ ଭଳି ଖେଳାଳିଙ୍କ ସଫଳତା ପଛରେ ଯୁବରାଜଙ୍କ ବଡ ଭୂମିକା ରହିଛି । ବିଶେଷକରି ଅଭିଶେକ ଶର୍ମାଙ୍କୁ ଟି-୨୦ରେ ଜଣେ ବିସ୍ଫୋରକ ବ୍ୟାଟର କରିବାରେ ଯୁବରାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଯୁବରାଜଙ୍କ ମାର୍ଗଦର୍ଶନ ପନ୍ତଙ୍କ ପାଇଁ ମଧ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି । ଯୁବରାଜଙ୍କ ସହ ଅଭ୍ୟାସ ଶେଷ କରିବା ପରେ ପନ୍ତ ସିଧା ଚେନ୍ନାଇଗସ୍ତ କରିଛନ୍ତି । ସେଠାରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସର ପ୍ରସ୍ତୁତି ଶିବିରରେ ଯୋଗଦେଇଛନ୍ତି । ବୋଲିଂ କୋଚ ଭରତ ଅରୁଣ ଏବଂ ବ୍ୟାଟିଂ କୋଚ୍ ଲାନ୍ସ କ୍ଲୁଜନରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କ୍ୟାମ୍ପରେ ଆୟୁଷ ବଦୋନୀ, ମହଶୀନ ଖାନ, ହିମତ ସିଂ, ଦିଗବେଶ ସିଂ, ମୟଙ୍କ ଯାଦବ ଏବଂ ପ୍ରିନ୍ସ ଯାଦବଙ୍କ ଭଳି ଖେଳାଳି ଅଭ୍ୟାସ କରୁଛନ୍ତି । ରବିବାର ପରେ ଏହି ଶିବିର ଲକ୍ଷ୍ନୌ ସ୍ଥାନାନ୍ତର ହେବ । ଏପ୍ରିଲ ୧ରେ ଲକ୍ଷ୍ନୌ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ଆଇପିଏଲ ଅଭିଯାନ ଆରମ୍ଭ କରିବ ।



# ଅନ୍ତର୍ଜାତୀୟ କ୍ରିକେଟରେ ସୂର୍ଯ୍ୟ କୁମାରଙ୍କ ୫ ବର୍ଷ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଅନ୍ତର୍ଜାତୀୟ କ୍ରିକେଟରେ ୫ ବର୍ଷ ପୂରଣ କରିଛନ୍ତି । ଭାରତୀୟ ଦଳର ଜର୍ସି ପିନ୍ଧିବା ତାଙ୍କ ପାଇଁ ଗର୍ବର ବିଷୟ । ଏବେ ଟି-୨୦ ଜିତିବା ତାଙ୍କ ଖୁସିକୁ ଦ୍ୱିଗୁଣିତ କରିଛି । ଭାରତୀୟ ଦଳରେ ସ୍ଥାନ ପାଇବା ପାଇଁ ସୂର୍ଯ୍ୟ କୁମାର କଠିନ ପରିଶ୍ରମ କରିଥିଲେ । ଘରୋଇ କ୍ରିକେଟ ଏବଂ ଆଇପିଏଲରେ କ୍ରମାଗତ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ବହୁ ବିଳମ୍ବରେ ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଥିଲା । ସୁଯୋଗ ମିଳିବା ପରେ ସେ ଏହାକୁ ହାତଛଡା କରିନାହାନ୍ତି । ଟି-୨୦ କ୍ରିକେଟରେ ସୂର୍ଯ୍ୟ କୁମାର ୧୧୩ଟି ମ୍ୟାଚ ଖେଳି ୩,୨୭୨ ରନ୍ କରିଛନ୍ତି । ଏଥିରେ ୪ଟି ଶତକ ଓ ୨୫ଟି ଅର୍ଦ୍ଧଶତକ ରହିଛି । ୧୧୭ ରନର ତାଙ୍କର ସର୍ବୋଚ୍ଚ ସ୍କୋର ଅଧିନାୟକ ଭାବେ ସୂର୍ଯ୍ୟ କୁମାର ୫୨ଟି ମ୍ୟାଚରେ ନେତୃତ୍ୱ ନେଇଛନ୍ତି । ଏଥିରେ ୪୦ଟିରେ ବିଜୟ ହାସଲ କରିଥିବା ବେଳେ ୮ଟିରେ ପରାଜିତ ହୋଇଛନ୍ତି । ସୂର୍ଯ୍ୟ କୁମାରଙ୍କ ଫର୍ମରେ ଅସ୍ଥିରତା ଏବେ ପ୍ରଶଂସକଙ୍କୁ ବ୍ୟସ୍ତବିବ୍ରତ କରୁଛି । ଆଗାମୀ ଦିନରେ ସେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି ।



# ଟିଲୋ କପ: ନିମପୁର ଓଡ଼ିଶା- ସିଏଜି ଦିଲ୍ଲୀ ଫାଇନାଲ

ଭୁବନେଶ୍ୱର,୧୪।୩(ସବ୍ୟୁ): ଭଦ୍ରକର ବନ୍ତ ସ୍ଥିତ ହନୁମାନ ଜୀୟୁ ଷ୍ଟାଡିୟମରେ ଚାଲିଥିବା ୩୦ତମ ଟିଲୋ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ରବିବାର ଟାଇଟଲ ଲଢ଼େଇରେ ନିମାପୁର ଓଡ଼ିଶା ଏବଂ ସିଏଜି ଦିଲ୍ଲୀ ଭେଟାଭେଟି ହେବେ । ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସିଏଜି ଦିଲ୍ଲୀ ୯୨ ରନ୍ ବ୍ୟବଧାନରେ ଏ ଆଣ୍ଡ ଏସ୍ କୋଲକାତାକୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ନିମପୁର ଓଡ଼ିଶା ଦଳ ପ୍ରଥମ ସେମିଫାଇନାଲରେ ବିଜୟ ଲାଭ କରିଥିଲା । ରବିବାର ଟିଲୋ କପର ଫାଇନାଲ ଲଢ଼େଇ ହେବ ।




ଦ୍ୱିତୀୟ ସେମିଫାଇନାଲରେ ଏ ଆଣ୍ଡ ଏସ କୋଲକାତା ଟସ ଜିତି ସିଏଜି ଦିଲ୍ଲୀକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦିଲ୍ଲୀ ପକ୍ଷରୁ ଅଭିରଥ ଏମ୍ ୬୬ ରନ୍ ସୁମିତ ମାଥୁର ୬୨ ରନ୍, ହରକର ପ୍ରଭା ୭୪ ରନ୍ କରିଥିଲେ । ତେଣୁ ଦିଲ୍ଲୀ ଦଳ ୨୦ ଓଭରରେ ୨୭୯ ରନରେ ବିଶାଳ ସ୍କୋର କରିଥିଲା । ଜବାବରେ କୋଲକାତା ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୮୭ ରନ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ସଚିନ ଯାଦବ ୫୧, ଶୁଭ୍ମର ୨୭ ଓ ପ୍ରଭା ମୌର୍ଯ୍ୟ ୨୨ ରନ୍ କରିଥିଲେ । ଦିଲ୍ଲୀର ରିତିକ ଚାଟାର୍ଜୀ ୩ଟି, ଅଭିରଥ ଦୁଇଟି ଓ ଗୁରୁନ୍ଦର ସି ଦୁଇଟି ୱିକେଟ୍ ସଫଳତା ହାସଲ କରିଥିଲେ । ଜମାଣିଆ ପ୍ରଦର୍ଶନ ଦେଖାଇଥିବା ବିଜୟ ଦଳର ଏମ ଅଭି ରଥଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ସତ୍ୟବ୍ରତ ଜେନା ମ୍ୟାଚ ପରିଚାଳନା କରିଥିଲେ । ଅତିଥି ଗୌରାଙ୍ଗ ରାଉଳ, ଶୁଭେନ୍ଦୁ ଶଙ୍କର ଲେଙ୍କା, ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଟିଲୋ ଆଥଲେଟିକ୍ ଆସୋସିଏସନର କର୍ମକର୍ତ୍ତା ମଳୟ କୁଅଁର, ଧନେଶ୍ୱର ଧଳ, ପର୍ଶୁରାମ ସାହୁ, ରାଜେନ୍ଦ୍ର ଧଳ, ଚିରଞ୍ଜୀବ ସ୍ୱାଇଁ, ସୁବ୍ରତ ପୃଷ୍ଟି, ପ୍ରସନ୍ନଜିତ ରାଜ, ସତ୍ୟବ୍ରତ ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀଲଙ୍କା, ଆୟର୍ଲାଣ୍ଡ ବିପକ୍ଷରେ ଟି-୨୦ ଶୃଙ୍ଖଳା ଖେଳିବ ଭାରତ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ଟି-୨୦ ବିଶ୍ୱକପ ବିଜୟୀ ଦଳ ଭାରତ ପାଇଁ ଆଗକୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି । ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ ବିପକ୍ଷରେ ଭାରତୀୟ ଦଳ ଟି-୨୦ ଶୃଙ୍ଖଳା ଖେଳିବ । ଏନେଇ ପୂର୍ବ ନିର୍ଦ୍ଧାରିତ ଖେଳସୂଚୀରେ ପରିବର୍ତ୍ତନ କରାଯିବ । ଶ୍ରୀଲଙ୍କାଗସ୍ତରେ ଭାରତ ଦୁଇଟି ଟେଷ୍ଟ ଖେଳିବ ବୋଲି ପୂର୍ବରୁ ସ୍ଥିର ହୋଇଛି । ଏହା ଜୁଲାଇ-ଅଗଷ୍ଟରେ ଖେଳାଯିବ । ଗତବର୍ଷ ନଭେମ୍ବରରେ ଝଡ଼ତୋଫାନ ଯୋଗୁଁ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଏହାକୁ ଭରଣା କରିବା ପାଇଁ ଭାରତ ସହ ଟି-୨୦ ଶୃଙ୍ଖଳା ଖେଳିବାକୁ ପ୍ରସ୍ତାବ ଦେଇଛି ଶ୍ରୀଲଙ୍କା । ବିସିସିଆଇ ଏପର୍ଯ୍ୟନ୍ତ ଏହି ପ୍ରସ୍ତାବକୁ ମନା କରିନାହିଁ । ଏହି ଶୃଙ୍ଖଳା ପୂର୍ବରୁ ଭାରତୀୟ ଦଳ ଇଂଲଣ୍ଡଗସ୍ତରେ ଯିବ । ୧ରୁ ୧୯ ତାରିଖ ମଧ୍ୟରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳାଯିବ । ଇଂଲଣ୍ଡଗସ୍ତ ସମୟରେ ଆୟର୍ଲାଣ୍ଡ ସହ ଟି-୨୦ ଶୃଙ୍ଖଳା ଖେଳିବା ସମ୍ଭାବନା ଅଛି ।



## ପ୍ରଶାନ୍ତ ମହାପାତ୍ର-ଶୁଭାଶିଷ ଭୂୟାଁ ସ୍ମାରକୀ ମୁକ୍ତେଶ୍ୱର କପ୍ କ୍ରିକେଟ୍

# ପାୟୋନିଅର ପୁରୀ ବିଜୟୀ

ଭୁବନେଶ୍ୱର,୧୪।୩(ସବ୍ୟୁ):ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ମୁକ୍ତେଶ୍ୱର କପ ସିନିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚରେ ପାୟୋନିଅର ପୁରୀ ବିଜୟୀ ହୋଇଛି । ଶନିବାର ଅନୁଷ୍ଠିତ ଦ୍ୱିତୀୟ ପ୍ରି-କ୍ୱାର୍ଟରରେ ପାୟୋନିଅର ପୁରୀ ଓ ଟାଉନ କ୍ଲବ ଭେଟାଭେଟି ହୋଇଥିଲେ । ଏହି ମ୍ୟାଚରେ ଟସ ଜିତି ଟାଉନ କ୍ଲବ୍ ବୋଲିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପାୟୋନିଅର ୪୦ ଓଭରରେ ୨୩୬ ରନ୍ କରି ଅଲଆଉଟ୍ ହୋଇଥିଲା । ରାଜେଶ ବେହେରା ୭୬ ବଲରୁ ୫୭ ରନ୍ କରିଥିଲେ । ସୌମ୍ୟ ବିଶ୍ୱାଳ ୩୬ ବଲରୁ ୪୯ ରନ କରିଥିଲେ । ଟାଉନ କ୍ଲବର ସୁମନ ମହାରଣା ସର୍ବାଧିକ ୩ ୱିକେଟ୍ ଅକ୍ତିଆର କରିଥିଲେ । ବିଜୟଲକ୍ଷ୍ୟକୁ ପିଛା କରିଥିବା ଟାଉନ କ୍ଲବ୍ ୨୨.୫ ଓଭରରେ ୧୦୧ ରନ୍ କରି ଅଲଆଉଟ୍ ହୋଇଥିଲା । ପାୟୋନିୟର ଦଳର ମହେଶ ପ୍ରଧାନ ହ୍ୟାଟ୍ରିକ୍ ସହ ୫ ୱିକେଟ୍ ଅକ୍ତିଆର କରିଥିଲେ । ଲାଲୁ ମହାନ୍ତିଙ୍କୁ ୪ ୱିକେଟ୍ ସଫଳତା ମିଳିଥିଲା । ପାୟୋନିୟର ୧୩୫ ରନ୍ ବ୍ୟବଧାନରେ ବିଜୟଲାଭ କରିଛି । ମୁକ୍ତେଶ୍ୱର କ୍ଲବର ଉପସଭାପତି ପ୍ରଦ୍ୟୋଷ ମହାନ୍ତି ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ରବିବାର କିଶୋର ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳାଯିବ ।




## ▸▸ ବାଲେଶ୍ୱର ପ୍ରିମିୟର ଲିଗର ଅଷ୍ଟମ ଦିବସ

# ଏଲିମିନେଟରେ ଓଡିୱାନ ଫାଇଟର ବିଜୟୀ

ବାଲେଶ୍ୱର,୧୪।୩(ସବ୍ୟୁ): ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ୧୩ତମ ବାଲେଶ୍ୱର ପ୍ରିମିୟର ଲିଗର ଅଷ୍ଟମ ଦିନରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଏଲିମିନେଟର ମ୍ୟାଚରେ ଓଡିୱାନ ଫାଇଟର ଏବଂ ଡେକାନ ୱାରିୟର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଓଡିୱାନ ଫାଇଟର ଟସରେ ବିଜୟ ଲାଭ କରି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ଡେକାନ ୱାରିୟର୍ସକୁ ବୋଲିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା । ଓଡିୱାନ ଫାଇଟରର ଅଧିନାୟକ ପ୍ରକାଶ ବାରିକ ୩୩ ବଲରୁ ୬୬ ରନର ଏକ ଅଧିନାୟକ ପାରି ଖେଳି ସାଥୀ ଖେଳାଳିଙ୍କ ପାଇଁ ଉଦାହରଣ ପାଲଟିଥିଲେ । ଦଳର ଅନ୍ୟତମ ବ୍ୟାଟର ରାମଚନ୍ଦ୍ର ବେହେରା ୩୧ ବଲରୁ ୬୩ ରନ କରି ଦଳକୁ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟରେ ୧୯୨ ରନରେ ପହଞ୍ଚାଇଥିଲେ । ଡେକାନ ୱାରିୟର୍ସର ବୋଲର କ୍ଷମାସାଗର ବଳ ୪ ଓଭର ବୋଲିଂ କରି ୨୩ ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ । ଦଳର ଅନ୍ୟତମ ବୋଲର ପ୍ରଦୀପ୍ତ ମଲ୍ଲୁଆଳ ୩ ଓଭର ବୋଲିଂ କରି ୨୬ ରନ ଦେଇ ୨ଟି ୱିକେଟ ନେଇଥିଲେ । ଦ୍ୱିତୀୟ ଇନିଂସରେ ଡେକାନ ୱାରିୟର୍ସ ୧୯୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡିୱାନ ଫାଇଟରର ଶକ୍ତିଶାଳୀ ବୋଲିଂକୁ ସାମ୍ନା କରି ନପାରି ୧୭.୩ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ କରିବାକୁ ସକ୍ଷମ ହୋଇଥିଲା । ଡେକାନ ୱିରିୟର୍ସ ପକ୍ଷରୁ ବ୍ୟାଟର କ୍ଷମାସାଗର ବଳ ୩୩ ବଲରୁ ୫୫ ରନ କରିଥିବା ବେଳେ ଅନ୍ୟତମ ବ୍ୟାଟର ପ୍ରଦୀପ୍ତ ମଲ୍ଲୁଆଳ ୨୪ ବଲରୁ ୪୩ ରନ କରିଥିଲେ । ଓଡିୱାନ ଫାଇଟରର ବୋଲର ସେକ ଅସଲମ ୪ ଓଭର ବୋଲିଂ କରି ୧୬ ରନ ବିନିମୟରେ ପ୍ରତିପକ୍ଷର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ଦଳର ଅନ୍ୟତମ ବୋଲର ଇରସାଦ ଆଲାମ ୩.୩ ଓଭର ବୋଲିଂ କରି ୨୦ ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ । ସେକ ଅସଲମ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଶନିବାର ରାତିରେ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ ଅନୁଷ୍ଠିତ ହେଉଛି । ଓଡିୱାନ ଫାଇଟର ଓ ଗ୍ରୀନଲିଫ ଫାଇଟର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଉଛି । ଦ୍ୱିତୀୟ କ୍ୱାଲିଫାୟାରର ବିଜେତା ଏବଂ ହାଇଲାଣ୍ଡ ହରିକେନ୍ସ ମଧ୍ୟରେ ରବିବାର ରାତିରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଆଜିର ଏହି ମ୍ୟାଚକୁ ରାଜେଶ ମହାପାତ୍ର, ଅଶ୍ୱିନୀ ସାମଲ,ଅମିତ ଅମିତାଭ ମହାକୁଡ଼, ଶାନ୍ତନୁ ଦାସ, ଦେବବ୍ରତ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

ସୂଚନା

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଗ୍ରାହକ ବାମ୍ପି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# କିସାନ ବ୍ରଦର୍ସ ଚାମ୍ପିଅନ

ବାରିପଦା,୧୪।୩(ସବ୍ୟୁ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୁରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ହଜାର ହଜାର ଦର୍ଶକଙ୍କ ଗହଣରେ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାରିପଦାର କିସାନ ବ୍ରଦର୍ସ ଟାଇ ବ୍ରେକର ଜରିଆରେ ୬-୫ ଗୋଲରେ ମୟୁରଭଞ୍ଜର ସାମଡ଼ିହି ଏଫ୍‌ସି ଦଳକୁ ପରାସ୍ତ କରି ଚମ୍ପିୟାନ ହୋଇଛି। ଜାତୀୟ ରେଫେରୀ ସନ୍ତୋଷ କୁମାର ରାଉତ, ଦିଲ୍ଲୀପ କୁମାର ପ୍ରଧାନ, ଦୀପକ ଖୁଣ୍ଟିଆ ଓ ରାଜୀବ କୁମାର ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ମନୋଜ ପାତ୍ର, ଶୁଭଦ୍ରା ହେମ୍ବ୍ରମ ଓ ରଜତ ତିରିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଚମ୍ପିୟାନ ଦଳକୁ ଦେଢ଼ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ଏକ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଝାଡ଼ଖଣ୍ଡର ବ୍ଲାକ ପେଣ୍ଟାର ଓ ବିହାରର ଲିଭାରପୁଲ ଦଳକୁ ୨୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କମିଟିର ଯୁଗ୍ମ ସମ୍ପାଦକ ବିନୋଦ ସିଂ ବାବୁଙ୍କ ତରଫରୁ ଶ୍ରେଷ୍ଠ ଖେଳାଳି ଭାବେ ଛୁଟୁ ମୁର୍ମୁ, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ସଞ୍ଜୟ ହେମ୍ବ୍ରମ, ଶ୍ରେଷ୍ଠ ଡିଫେନ୍ସ ଭାବେ ଗୁମାନ ସିଂହ ଓ ଶ୍ରେଷ୍ଠ ଶୃଙ୍ଖଳିତ ଖେଳାଳି ଭାବେ ସୁକୁଲ ମୁର୍ମୁଙ୍କୁ ବାଇ ସାଇକେଲ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୁରସ୍କାର ବିତରଣ କରିବା ସହ ଏହି ଟୁର୍ଣ୍ଣାମେଣ୍ଟ ପୁଣିଥରେ ମୟୂରଭଞ୍ଜ ଫୁଟବଲର ପୂର୍ବ ଗୌରବକୁ ଫେରାଇ ଆଣିବ ବୋଲି ଆଶା ପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ପୃଷ୍ଠପୋଷକ ପ୍ରୀତିଶ ବସା ଓ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଶିଳ୍ପପତି ଅଶୋକ ତ୍ରିପାଠୀ, ବିଶିଷ୍ଟ ଫୁଟବଲ ଖେଳାଳି ପରେଶ ଦାସଙ୍କ ସମେତ ଆୟୋଜନ କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠି, ଲଲାଟେନ୍ଦୁ ବେହେରା, ବିଜୟ ଦାସ, କଲ୍ୟାଣ ସିହ୍ନା, ବିଶ୍ୱଜିତ ନାୟକ, କୈଳାଶ ବେହେରା, କୁମାର ରଞ୍ଜନ ପଣ୍ଡା, ଦିଲ୍ଲୀପ ମିସ୍ତ୍ରୀ, ପ୍ରଦୀପ ମିସ୍ତ୍ରୀ, ବିଜୟ ଦାସ, କବି ବିଷ୍ଣୁ ଶତପଥି, ସନ୍ତୋଷ କୁମାର ବରାଜ, ଅବନୀ ମହାନ୍ତି, ରାଜୀବ ଜେନା, ଭରତ ନାୟକ, ଅଶୋକ କୁମାର ବେହେରା, ଶ୍ରବଣ ମିସ୍ତ୍ରୀ, ମହାଦେବ ପାତ୍ର, ହରପ୍ରସାଦ ପାତ୍ର, କପିଳ ଖଣ୍ଡେଲୱାଲ, ତରୁଣ ପାଲବାବୁ, ଜୟନ୍ତ ନାୟକ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଫୁଟବଲ ଖେଳାଳି ସେଙ୍ଗେଲ ସିଂ ସୋରେନ, ଅମୂଲ୍ୟ ମିଶ୍ର, ଯଦୁନାଥ ମାଝୀ, ଜୟକୃଷ୍ଣ ପାତ୍ର, ନୌସାଦ ଅଲ୍ଲୀ, ଭୁବନ ସାହୁ ଓ ବିଭୁତି ମହାନ୍ତିଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲେ ।




ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି